ବର୍ଷ-୨୬, ସଂଖ୍ୟା-୧୮୯
ଭୁବନେଶ୍ୱର
୧୫, ଜୁଲାଇ ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 189
Bhubaneswar
15 July, 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# କ୍ୟାବିନେଟ୍ ବୈଠକରେ ୭ ବିଭାଗର ୧୩ ପ୍ରସ୍ତାବକୁ ଅନୁମୋଦନ

- ୫ ବର୍ଷ ପାଇଁ ବଢିଲା ମୁଖ୍ୟମନ୍ତ୍ରୀ ସଡକ ଯୋଜନା
- ଅପହଂଚ ଅଂଚଳକୁ ମୁଖ୍ୟ ରାସ୍ତା ସହ ଯୋଡିବ ମୁଖ୍ୟମନ୍ତ୍ରୀ ସଡକ ଯୋଜନା
- ମାଓ ପ୍ରଭାବିତ ଅଂଚଳରେ ସଡ଼କ ସଂଯୋଗୀକରଣ ପାଇଁ ନୂଆ ଯୋଜନା
- ସେତୁ ବନ୍ଧନ ଯୋଜନା ସମ୍ପ୍ରସାରଣକୁ କ୍ୟାବିନେଟ୍ ମଂଜୁରୀ
- ମୌସୁମୀ ଜଳକୁ ସଂରକ୍ଷଣ ପାଇଁ ବ୍ରିଜ୍-କମ୍- ୱେୟାର୍ ଯୋଜନା
- ଓଡ଼ିଶା ମତ୍ସ୍ୟ ସେବା କ୍ୟାଡରର ପଦ ସଂଖ୍ୟା ୮୩୫କୁ ବୃଦ୍ଧି
- ରାଜ୍ୟ କୃଷି ନୀତି ଅଧୀନରେ ସବସିଡ଼ି ୫ ବର୍ଷ ପାଇଁ ବୃଦ୍ଧି
- ବଲାଙ୍ଗିର ଜିଲ୍ଲାରେ ଜଳସେଚନ ପାଇଁ ୩ ଉଠା ଜଳସେଚନ ପ୍ରକଳ୍ପ

ଭୁବନେଶ୍ୱର,୧୪।୭(ନି.ପ୍ର.): ରାଜ୍ୟ ମନ୍ତ୍ରୀମଣ୍ଡଳ (କ୍ୟାବିନେଟ)ର ୪୪ତମ ବୈଠକ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ୭ ଟି ବିଭାଗର ୧୩ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି । ଜଳ ସମ୍ପଦ ବିଭାଗର ୧ଟି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୧ଟି, ସମବାୟ ୧ଟି, କୃଷି ଓ କୃଷକ ସଶକ୍ତି କରଣ ୧, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ୧, ରାଜସ୍ୱ ୧ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ୭ଟି ଏହିପରି ମୋଟ ୭ଟି ବିଭାଗର ମୋଟ ୧୩ ଟି ପ୍ରସ୍ତାବ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି ।

ବୈଠକ ପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ କ୍ୟାବିନେଟ ବୈଠକର ନିଷ୍ପତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

ଗ୍ରାମାଂଚଳର ଅସଂଯୁକ୍ତ ବସତିଗୁଡ଼ିକୁ, ଯାହା ଅନ୍ୟ କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇନାହିଁ, ସେଗୁଡ଼ିକୁ ସବୁଦିନିଆ ସଡ଼କ ସଂଯୋଗ ଯୋଗାଇଦେବା ପାଇଁ ବର୍ଷ ୨୦୧୪-୧୫ ରେ 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା' (ଏମ.ଏମ.ଏସ.ୱାଇ) ଆରମ୍ଭ କରାଯାଇଥିଲା । ଏହାପରେ ବର୍ଷ ୨୦୨୧-୨୨ ରୁ ଏହି ଯୋଜନା ମାଧ୍ୟମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗରୁ ହସ୍ତାନ୍ତରିତ ହୋଇଥବା ରାସ୍ତାଗୁଡ଼ିକର ପ୍ରଶସ୍ତୀକରଣ ଓ ଉନ୍ନତୀକରଣ କାର୍ଯ୍ୟ ମଧ୍ୟ କରାଯାଉଛି ।ବର୍ତମାନ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ଯୋଜନା ଅଧୀନରେ ଚାଲୁ ରହିଥିବା ୧୧୫ କିଲୋମିଟରର ସଡ଼କ ପ୍ରକଳ୍ପ ସମାପ୍ତ କରିବା ସହିତ ପ୍ରାୟ ୪୬୦୭.୨୧ କିଲୋମିଟରର ଦୈର୍ଘ୍ୟର ନୂତନ ସଡ଼କ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି । ଏହି ଯୋଜନାରେ ମନୋନୀତ ରାସ୍ତାଗୁଡ଼ିକ ୩.୭୫ ମିଟର ପ୍ରଶସ୍ତ କ୍ୟାରିଜ୍ ବିଶିଷ୍ଟ ହେବ ଏବଂ ଏହା ଓ.ଡି.ଆର୍ ମାନକ ଅନୁଯାୟୀ ନିର୍ମିତ ହେବ । ଏହି ଯୋଜନା ଆଗାମୀ ୫ ବର୍ଷ (୨୦୨୬-୨୭ ରୁ ୨୦୩୦-୩୧) ପାଇଁ ୪୪୦୦୦,୦୦ କୋଟିର ବ୍ୟୟବରାଦ ସହିତ କାର୍ଯ୍ୟକାରୀ ହେବ ।

ରାଜ୍ୟ ସରକାରଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ସଡକ ଯୋଜନା –ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଓ ଆନ୍ତଃବ୍ଲକ ମଧ୍ୟରେ ଅସଂଯୋଜିତ ରାସ୍ତା ଗୁଡିକୁ ମୁଖ୍ୟ ରାସ୍ତା ସହ ସଂଯୋଗୀକରଣ' ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି ।ସଂପୃକ୍ତ ଅଂଚଳର ସ୍ଥାନୀୟ ବାସିନ୍ଦା ମାନଙ୍କର ଆର୍ଥିକ ଏବଂ ସାମାଜିକ ଉନ୍ନତିକରଣ ପାଇଁ ଗ୍ରାମାଂଚଳରେ ଥିବା ପଂଚାୟତ କାର୍ଯ୍ୟାଳୟ, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ ମୁଖ୍ୟ ବଜାର, ପର୍ଯ୍ୟଟନସ୍ଥଳ, ବ୍ୟବସାୟ କେନ୍ଦ୍ର ଇତ୍ୟାଦିକୁ ନିକଟବର୍ତ୍ତୀ ମୁଖ୍ୟରାସ୍ତା ସହ ସଂଯୋଗ କରିବା ସହିତ ଉନ୍ନତମାନର ରାସ୍ତା ନିର୍ମାଣ କରିବା ଏହି ଯୋଜନାର ମୂଳଲକ୍ଷ୍ୟ ।

ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଏହି ଯୋଜନାରେ ପାଂଚ ଆର୍ଥିକ ବର୍ଷ ଯଥା :-୨୦୨୫-୨୬ ଠାରୁ ୨୦୨୯-



୩୦ ବର୍ଷରେ କାର୍ଯ୍ୟକାରୀ କରିବା ପାଇଁ ୧୯୧୭ କୋଟି ଟଙ୍କାର ବ୍ୟୟବରାଦରେ ଆନୁମାନିକ ୩୮୫୦ କି.ମି. ନୂତନ ରାସ୍ତା ତଥା ସେତୁ ନିର୍ମାଣ ଏବଂ ଚାଲୁରହିଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ସଂପୂର୍ଣ୍ଣ କରିବାପାଇଁ କ୍ୟାବିନେଟ୍ ରେ ଅନୁମୋଦିତ ହୋଇଛି ।

ରାଜ୍ୟର ଦୁର୍ଗମ ତଥା ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଂଚଳର ଅସଂଯୁକ୍ତ ଗ୍ରାମଗୁଡ଼ିକୁ ସର୍ବଦିନିଆ ଉନ୍ନତ ସଡ଼କ ସଂଯୋଗୀକରଣ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର 'ଏମ.ଏମ.ଏସ.ୱାଇ.-ଦୁର୍ଗମ ଅଂଚଳରେ ଅସଂଯୋଜିତ ଗ୍ରାମଗୁଡ଼ିକର ସଂଯୋଗୀକରଣ ଯୋଜନା ଶୁଭାରମ୍ଭ କରିଛନ୍ତି । ରାଜ୍ୟ କ୍ୟାବିନେଟ୍ ଏହି ଯୋଜନାକୁ ୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ୫ ବର୍ଷ ଅବଧି ପାଇଁ ୧୩୦୦ କୋଟି ଟଙ୍କାର ଆର୍ଥିକ ବ୍ୟୟବରାଦ ସହିତ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ଅବଧି ମଧ୍ୟରେ ପ୍ରାୟ ୧୧୫୦.୦୦ କିଲୋମିଟର ନୂତନ ସଡ଼କ ନିର୍ମାଣ ସହ ଚାଲୁ ରହିଥିବା ୯୪୯ କି.ମି. ଦୈର୍ଘ୍ୟର ପ୍ରକଳ୍ପ ଏବଂ ଆବଶ୍ୟକୀୟ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ।

ରାଜ୍ୟ କ୍ୟାବିନେଟ୍ "ସେତୁ ବନ୍ଧନ ଯୋଜନା କୁ ୨୦୩୦-୩୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଅନୁମୋଦନ କରିଛନ୍ତି ।ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାରେ ଥିବା ସମସ୍ତ ସଂଯୋଗବିହୀନ ସ୍ଥାନଗୁଡ଼ିକରେ ସେତୁ ନିର୍ମାଣ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୧-୧୨ ବର୍ଷରେ ପ୍ରାରମ୍ଭିକ ଭାବରେ 'ବିଜୁ ସେତୁ ଯୋଜନା (ବି. ଏସ. ୱାଇ)" ନାମରେ ଆରମ୍ଭ କରାଯାଇଥିଲା । ପରବର୍ତୀ ସମୟରେ ଏହି ଯୋଜନାର ନାମ "ସେତୁ ବନ୍ଧନ ଯୋଜନା' କରାଯାଇଥିଲା । ୨୦୨୧-୨୨ ବର୍ଷରେ ୨୪୦୩ ଟି ସେତୁ (୩୮୦ଟି ଚାଲୁ ରହିଥିବା ଏବଂ ୨୦୨୩ଟି ନୂତନ) ନିର୍ମାଣ ପାଇଁ ୧୮୭୭୯.୨୨ କୋଟି ବ୍ୟୟବରାଦ ସହ ୨୦୨୧-୨୨ ରୁ ୨୦୨୫-୨୬ ପର୍ଯ୍ୟନ୍ତ ପାଂଚ ବର୍ଷ ଅବଧି ପାଇଁ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରାଯାଇଥିଲା । ଗ୍ରାମାଂଚଳରେ ଯୋଗାଯୋଗର ଉନ୍ନତି ଏବଂ ସେହି ଅନୁଯାୟୀ ଗ୍ରାମାଂଚଳରେ ବସବାସ କରୁଥିବା ଲୋକଙ୍କ ଆର୍ଥିକ-ସାମାଜିକ ସ୍ଥିତିର ସୁଧାର ପାଇଁ ସେତୁଗୁଡ଼ିକର ଆବଶ୍ୟକତାକୁ ଦୃଷ୍ଟିରେ ରଖୁ, ଜନସ୍ୱାର୍ଥର ସୁରକ୍ଷା ପାଇଁ କ୍ୟାବିନେଟ୍ ବର୍ତମାନ ୧୪୧୭ଟି ଚାଲୁ ରହିଥିବା ସେତୁ ସମ୍ପୂର୍ଣ୍ଣ କରିବା ସହିତ ୧୭୫୦ଟି ନୂତନ ସେତୁ ହାତକୁ ନେବା ପାଇଁ ୧୧୧,୮୦୦,୦୦ କୋଟିର ବ୍ୟୟବରାଦକୁ ମଞ୍ଜୁରୀ ଦେଇଛନ୍ତି ।

ରାଜ୍ୟର ନଦୀଗର୍ଭ ଏବଂ ସେତୁର ଉପର ମୁଣ୍ଡରେ ମୌସୁମୀ ଜଳକୁ ସଂରକ୍ଷିତ କରି କ୍ଷୁଦ୍ର ଜଳସେଚନ, ପାନୀୟ ଜଳ ଏବଂ ଗୃହପାଳିତ ପଶୁଙ୍କ ବ୍ୟବହାର ପାଇଁ ଜଳ ଯୋଗାଇବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା 'ବ୍ରିଜ୍-କମ୍- ୱେୟାର୍ ଯୋଜନା ଆରମ୍ଭ କରାଯାଇଛି ।ଏହି ଯୋଜନାକୁ ୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ୫ ବର୍ଷ ଅବଧି ପାଇଁ ମୋଟ ଟ. ୬୦୦ କୋଟିର ବ୍ୟୟବରାଦ ସହ କାର୍ଯ୍ୟକାରୀ କରିବା ପାଇଁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହା ସହିତ ୫୦୮ଟି ନୂତନ ପ୍ରକଳ୍ପର ନିର୍ମାଣ ଏବଂ ପୂର୍ବରୁ ଚାଲୁ ରହିଥିବା ସମସ୍ତ ୧୬୨ଟି ଅଧୁରା ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ପ୍ରସ୍ତୁତ 'ଓଡ଼ିଶା ମତ୍ସ୍ୟ ସେବା (ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୬' ସମ୍ପର୍କିତ କ୍ୟାବିନେଟ ପ୍ରସ୍ତାବକୁ ରାଜ୍ୟ କ୍ଲାବିନେଟ ଉପସ୍ଥାପନ କରାଗଲା ଏବଂ ଏହାକୁ ବିଚାର କରି ଅନୁମୋଦନ ପ୍ରଦାନ କରିଛନ୍ତି।

ବିଭାଗର କାର୍ଯ୍ୟକାରିତାରେ ଉଲ୍ଲେଖନୀୟ ବୃଦ୍ଧି ଏବଂ ଜନସାଧାରଣଙ୍କୁ ଅଧିକ ତ୍ୱରିତ ଓ ଦକ୍ଷତାର ସହିତ ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପୂର୍ବରୁ ଓଡ଼ିଶା ମତ୍ସ୍ୟ ସେବା କ୍ୟାଡରର ପୁନର୍ଗଠନକୁ ଅନୁମୋଦନ କରିଥିଲେ। ଏହା ଫଳରେ କ୍ୟାଡରର ଅନୁମୋଦିତ ପଦ ସଂଖ୍ୟା ୬୧୭ରୁ ବୃଦ୍ଧି ପାଇ ୮୩୫ରେ ପହଂଚଛି ।ଏହି ପୁନର୍ଗଠିତ କ୍ୟାଡରକୁ ଔପଚାରିକ ଭାବେ କାର୍ଯ୍ୟକାରୀ କରିବା ସହିତ ଏହାର ସଦସ୍ୟମାନଙ୍କ ନିଯୁକ୍ତି ପ୍ରକ୍ରିୟା, ସେବା ସର୍ତ୍ତାବଳୀ, ପଦୋନ୍ନତି ଏବଂ ଅନ୍ୟାନ୍ୟ ସେବାଗତ ବିଷୟଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଏକ ସମନ୍ୱିତ ଓ ବିସ୍ତୃତ ନିୟମାବଳୀ ପ୍ରଣୟନ ଆବଶ୍ୟକ ହୋଇଥିଲା।

ରାଜ୍ୟ କ୍ୟାବିନେଟ୍ ରାଜ୍ୟ କୃଷି ନୀତି ଅଧୀନରେ ସବସିଡିକୁ ୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ଆଉ ପାଂଚ ବର୍ଷ ପାଇଁ ବୃଦ୍ଧି କରିବାକୁ ୨୪୯୬.୪୦ କୋଟି ଟଙ୍କାର ମୋଟ ବ୍ୟୟ ଅଟକଳ ସହ ଅନୁମୋଦନ କରିଛନ୍ତି ।କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ବ୍ୟବସାୟିକ କୃଷି -ଉଦ୍ୟୋଗ ପ୍ରତିଷ୍ଠା ନିମନ୍ତେ ଉଦ୍ୟୋଗୀମାନଙ୍କୁ ଆର୍ଥିକ ସହାୟତା ତଥା ସବସିଡ଼ି ପ୍ରଦାନ କରିବା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ତଥା ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି ପାଇଁ ଉପଲବ୍ଧ ଜମି ଓ ସମ୍ବଳର ଯଥୋଚିତ ବିନିଯୋଗକରିବା, ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣ ସହ ଚାଷୀଙ୍କ ଆୟ ବୃଦ୍ଧି ଏବଂ ସ୍ଥାୟୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ।ଏହି ଯୋଜନା ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ। ଏହି ୫ ବର୍ଷ ଅବଧି ମଧ୍ୟରେ, ପ୍ରାୟ ୮,୫୦୦ଟି ବାଣିଜ୍ୟିକ କୃଷି ଉଦ୍ୟୋଗ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୨୪୯୬,୪୦ କୋଟି ଟଙ୍କାର ଆନୁମାନିକ ବିନିଯୋଗ କରାଯିବ।

ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ଅନ୍ତର୍ଗତ ପ୍ରସ୍ତାବିତ କ୍ଲଷ୍ଟର-୩୬ ମାଧ୍ୟମରେ ୦୩ ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ ପୂର୍ବକ ତେଲ୍ ନଦୀ ଓ ଉନ୍ଦେର ନଦୀରୁ ଜଳ ଉତୋଳନ କରି ଚାପ ନିୟନ୍ତ୍ରତ ଜଳଯୋଗାଣ ବ୍ୟବସ୍ଥା ମାଧ୍ୟମରେ ବଲାଙ୍ଗିର ଜିଲ୍ଲାର ୪,୩୩୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପ ଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି ।

# ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ

ପୁରୀ,୧୪।୭(ମହାଭାରତ): ନବଯୌବନ ଓ ନେତ୍ରୋତ୍ସବ ଦର୍ଶନ ପାଇଁ ଶ୍ରୀମନ୍ଦିର ସମେତ ଶ୍ରୀକ୍ଷେତ୍ର ହୋଇ ଉଠିଛି ଚଳଚଞ୍ଚଳ । ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ଦର୍ଶନ ଦେଖି ଭକ୍ତ ହୋଇଛନ୍ତି ଧନ୍ୟ । ଅଣସର ତାଟି ଫିଟିବା ସହ ବିଭିନ୍ନ ନୀତିକାନ୍ତି ବଢିବା ପରେ ମହାପ୍ରଭୁଙ୍କ ଆଖିର ଦର୍ଶନ ପାଇଛନ୍ତି ଭକ୍ତ । ଝିପି ଝିପି ବର୍ଷା ଓ କୋହଲା ପାଗରେ ଭକ୍ତ ହୋଇଛନ୍ତି ଭାବ ବିହ୍ୱଳ । ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ଶ୍ରୀମନ୍ଦିର । କାଳିଆର ଆଖି ଦର୍ଶନ ଦେଖି ଭକ୍ତ ଆଖିରୁ ଭାବାଧାରା ଲୁହ ଝରିଛି । ଭାବ ଭକ୍ତିର ସହ ସମର୍ପିତ ହୋଇ ଭକ୍ତ ଦର୍ଶନ କରିଛି କାଳିଆକୁ । ମହାପ୍ରଭୁଙ୍କ ନବଯୌବନ ଦର୍ଶନ ପୂର୍ବରୁ ଅଣସର ତାଟିରେ ପୂଜିତ ପଟଦିଅଁମାନଙ୍କୁ ବିସର୍ଜନ କରି ଦିଆଯାଇଛି । ଭକ୍ତମାନେ ଶ୍ରୀବିଗ୍ରହଙ୍କୁ ଦାରୁବ୍ରହ୍ମ ରୂପରେ ଦର୍ଶନ କରିଛନ୍ତି । ଏହା ହେଉଛି ନବଯୌବନ ଦର୍ଶନ । ପରେ ହୁଏ ମହାପ୍ରଭୁଙ୍କ ନେତ୍ରୋତ୍ସବ ନୀତି ।ଏହି ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ପୂର୍ବର ବନକଲାଗି କରାଯାଇ କରାରାଇଥିଲା । ପୋଲିସ ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ସମେତ ବାହାର ଭିତର କଡାକଡି ବ୍ୟବସ୍ଥା କରାଯାଇଛି । ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ। ଅପରାହ୍ନ ୨ ଟା ୩୦ ରେ ଆରମ୍ଭ ହେବ ନବ ଯୌବନ ଦର୍ଶନ। ମହାପ୍ରଭୁଙ୍କ ନବ ଯୌବନ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଧିରେ ଧିରେ ଭକ୍ତଙ୍କ ଆଗମନ ହେବାରେ ଲାଗିଛି। ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ।ଶ୍ରୀଜଗନ୍ନାଥଙ୍କ ଅଣସର ପରର ଦୁଇଟି ତାତ୍ପର୍ଯ୍ୟପୂର୍ଣ୍ଣ ନୀତି ହେଉଛି ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ । ଅଣସର ପରେ ପ୍ରଥମେ ନବଯୌବନ ଦର୍ଶନ ଓ ତା' ପରେ ନେତ୍ରୋତ୍ସବ ହୋଇଥାଏ। ନବଯୌବନ ଦର୍ଶନ ପୂର୍ବରୁ ଅଣସର ତାଟିରେ ପୂଜିତ ପଟଦିଅଁମାନଙ୍କୁ ବିସର୍ଜନ କରି ଦିଆଯାଏ । ତାଟି ସମ୍ମୁଖରେ, ଖଟ ଉପରେ ପୂଜିତ ସାତ ଦେବଦେବୀଙ୍କୁ ସ୍ୱସ୍ଥାନକୁ ନେଇ ନିଆଯାଇ, ତାଟି ଖୋଲି ଦିଆଯାଏ । ପଟରେ ଆରୋପିତ ଦେବତା ପୁଣି ଦାରୁ ବିଗ୍ରହଙ୍କ ମଧ୍ୟକୁ ଫେରି ଆସନ୍ତି । ଭକ୍ତମାନେ ସେମାନଙ୍କୁ ପୁଣି ଦାରୁବ୍ରହ୍ମ ରୂପରେ ଦର୍ଶନ କରନ୍ତି । ଏହା ହେଉଛି ନବଯୌବନ ଦର୍ଶନ କ୍ଷମହାପ୍ରଭୁଙ୍କ ନେତ୍ରୋତ୍ସବ ନୀତିଅନୁଷ୍ଠିତ ହୁଏ । ଏହି ନେତ୍ରୋତ୍ସବର ସ୍ୱତନ୍ତ୍ର ବିଧି ଅଛି । ନବଯୌବନ ଦର୍ଶନ ପୂର୍ବରୁ ବନକଲାଗି ସମୟରେ ଶ୍ରୀମୁଖ-ଶିଙ୍ଗାରୀ ଦଉ ମହାପାତ୍ର ସେବକ ଶ୍ରୀଜଗନ୍ନାଥାଦି ଦେବତା ମାନଙ୍କର ନେତ୍ର ଅଙ୍କନ କରିଥାଆନ୍ତି ।ସେଥିରେ ନେତ୍ର ପିତୁଳା ବା ପୁଅଡୋଳା ବି ଅଙ୍କନ ହୋଇଥାଏ। କିନ୍ତୁ ତାହା ସଂପୂର୍ଣ୍ଣ ହୋଇ ନଥାଏ ।ନେତ୍ରୋତ୍ସବ ଦିନ ଦଉ ମହାପାତ୍ର ସେବକ ତିନିଟି ରୂପା ପାତ୍ରରେ କଳା ପ୍ରସ୍ତୁତ କରି ଦେବା ପରେ ପୂଜାପଣ୍ଡା ସେବକ ସେହି ନେତ୍ର ପିତୁଳା ଅଙ୍କନକୁ ସଂପୂର୍ଣ୍ଣ କରିଥାଆନ୍ତି । ତିନି ଖଣ୍ଡି ତୁଳସୀ କାଠିରେ ତାହା କରାଯାଏ । ଏହି ତୁଳସୀକାଠି ରାଘବ ଦାସ ମଠରୁ ଆସିଥାଏ । ଏହି ନେତ୍ର ଅଙ୍କନର ଏକ ସ୍ୱତନ୍ତ୍ର ମନ୍ତ୍ର ଅଛି । ଏ ସଂପର୍କରେ 'ନୀଳାଦ୍ରି ମହୋଦୟ'ରେ ଉଲ୍ଲେଖ ଅଛି- ନାନା ବାଦ୍ୟଧ୍ୱନିର ମହୋତ୍ସବ ମଧ୍ୟରେ ପୂଜକ



ଶ୍ରୀମୁଖ-ଶିଙ୍ଗାରୀ ଦଉ ମହାପାତ୍ର ସେବକ ମାନେ ଶ୍ରୀଜଗନ୍ନାଥାଦି ଦେବତାମାନଙ୍କର ନେତ୍ର ଅଙ୍କନ କରିଛନ୍ତି ।ସେଥିରେ ନେତ୍ର ପିତୁଳା ବା ପୁଅଡୋଳା ବି ଅଙ୍କନ କରିଥିଲେ। କିନ୍ତୁ ତାହା ସଂପୂର୍ଣ୍ଣ ହୋଇ ନଥାଏ । ନେତ୍ରୋତ୍ସବ ଦିନ ଦଉ ମହାପାତ୍ର ସେବକ ତିନିଟି ରୂପା ପାତ୍ରରେ କଳା ପ୍ରସ୍ତୁତ କରି ଦେବା ପରେ, ପୂଜାପଣ୍ଡା ସେବକ ସେହି ନେତ୍ର ପିତୁଳା ଅଙ୍କନକୁ ସଂପୂର୍ଣ୍ଣ କରିବା ପାଇଁ ତିନି ଖଣ୍ଡି ତୁଳସୀ କାଠିରେ ଅଙ୍କନ କରିଥିଲେ । ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଛି । ପାରିମାଣିକ ଦର୍ଶନ ଓ ସର୍ବ ସାଧାରଣ ଦର୍ଶନ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ଭାବେ

## ପାଠ୍ୟପୁସ୍ତକରେ ତ୍ରୁଟି ଘଟଣା

# ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର,୧୪।୭(ମହାଭାରତ): ସରକାରଙ୍କୁ ଅଡୁଆରେ ପକାଇ ଦେଇଥିବା ବହୁ ଚର୍ଚ୍ଚିତ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ରାଜ୍ୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ (ଏସ୍‌ସିଇଆରଟି)ର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କୁ ମଙ୍ଗଳବାର ଗିରଫ କରିଛି କ୍ରାଇମବ୍ରାଞ୍ଚ। ଦୀର୍ଘ ସମୟ ଧରି ପଚରାଉଚରା କରିବା ପରେ ତାଙ୍କୁ ଗିରଫ କରାଯାଇ କଟକ ଜେଏମଏଫସି-୩ କୋର୍ଟରେ ହାଜର କରାଯାଇଥିଲା। ଜାମିନ୍ ଆବେଦନ ଖାରଜ ପରେ ତାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଛି।



ସେ ଗିରଫ ହେବା କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବାର୍ତ୍ତାରେ ସାଂଘାତିକ କଥା କୁହାଯାଇଛି। ତଦନ୍ତ ବେଳେ ତାଙ୍କ ବିରୋଧରେ ମିଳିଥିବା ପ୍ରମାଣ ଆଧାରରେ ତାଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ସଠିକ୍ ଭାବେ ଯାଞ୍ଚ ନ କରି ମୁଦ୍ରଣ ପାଇଁ ପ୍ରସ୍ତୁତ ପାଣ୍ଡୁଲିପି (ପ୍ରିଣ୍ଟ-ରେଡି ମାନୁସ୍କ୍ରିପ୍ଟ)କୁ ମନୋଜ ପାଢ଼ୀ ଜାଣିଶୁଣି ଅନୁମୋଦନ କରିବା ସହିତ ପ୍ରକାଶନ ପାଇଁ ପଠାଇଥିଲେ ବୋଲି କ୍ରାଇମବ୍ରାଞ୍ଚ କହିଛି। କ୍ରାଇମବ୍ରାଞ୍ଚ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବାର୍ତ୍ତାରେ କୁହାଯାଇଛି ଯେ ମନୋଜ କୁମାର ପାଢ଼ୀ ଶିକ୍ଷକ ଶିକ୍ଷା (ଟିଇ) ଏବଂ ଏସସିଇଆରଟିର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ସମୟରେ ତାଙ୍କୁ ଜାତୀୟ ଶିକ୍ଷା ନୀତି (ଏନଇପି-୨୦୨୦) ଅଧୀନରେ ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାର ସାମଗ୍ରିକ ତତ୍ତ୍ୱାବଧାନ, ସମନ୍ୱୟ, ଅନୁଧ୍ୟାନ ଓ ଅନୁମୋଦନ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସେ ସାଧୁତାର ସହିତ ନିଜର ସରକାରୀ କର୍ତ୍ତବ୍ୟ ସଠିକ୍ ଭାବେ ସମ୍ପାଦନ କରିବାରେ ବିଫଳ ହୋଇଥିଲେ।

ପାଠ୍ୟପୁସ୍ତକଗୁଡ଼ିକର ତଥ୍ୟଗତ, ବୈଜ୍ଞାନିକ, ଭୌଗୋଳିକ, ଅନୁବାଦ ଏବଂ ଚିତ୍ରାତ୍ମକ ବିଷୟବସ୍ତୁଗୁଡ଼ିକର ସଠିକ୍ ଯାଞ୍ଚ ନକରି ମୁଦ୍ରଣ ପାଇଁ ପ୍ରସ୍ତୁତ ପାଣ୍ଡୁଲିପି (ପ୍ରିଣ୍ଟ-ରେଡି ମାନୁସ୍କ୍ରିପ୍ଟ) କୁ ଜାଣିଶୁଣି ଅନୁମୋଦନ କରିବା ସହ ପ୍ରକାଶନ ପାଇଁ ପଠାଇଥିଲେ, ଯାହାକି ଏକ ଅପରାଧିକ ଅବହେଳା ଅଟେ। ତାଙ୍କର ଏଭଳି କାର୍ଯ୍ୟ ଏବଂ ତ୍ରୁଟି ଯୋଗୁ ଭୁଲ୍ ତଥ୍ୟ ଥିବା ପାଠ୍ୟପୁସ୍ତକଗୁଡ଼ିକ ପ୍ରକାଶିତ ହୋଇଥିଲା ଓ ସେଗୁଡିକୁ ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ରାଜ୍ୟ ରାଜକୋଷକୁ ପ୍ରାୟ ୧୭୫ କୋଟି ଟଙ୍କାର ଅଯଥା କ୍ଷତି ସହିବାକୁ ପଡ଼ିଥିଲା। ପ୍ରାଥମିକ ତଦନ୍ତରୁ ମନୋଜ ପାଢ଼ୀଙ୍କ ବିରୋଧରେ ମିଳିଥିବା ପ୍ରମାଣ ଆଧାରରେ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ), ୨୦୨୩ ର ଧାରା ୩୧(୫), ୨୦୧, ୬୧(୨) ଏବଂ ୩(୫)ରେ ମାମଲା ରୁଜୁ କରାଯାଇଛି।

# କେଜିରୁ ପିଜି ମାଗଣା ଶିକ୍ଷା ବ୍ୟବସ୍ଥା ଏସଓପି ଘୋଷଣା

ଭୁବନେଶ୍ୱର,୧୪।୭(ମହାଭାରତ): କେଜିରୁ ପିଜି ମାଗଣା ଶିକ୍ଷା ବ୍ୟବସ୍ଥା ଏସଓପିକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରେସମିଟ୍ କରିଛନ୍ତି । ଆର୍ଥିକ ଅନଗ୍ରସର ଯେପରି ଉଚ୍ଚଶିକ୍ଷାରକୁ ବଞ୍ଚିତ ନହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି । ମନ୍ତ୍ରୀ କହିଛନ୍ତି ଯେ, ଗୁଣାତ୍ମକ ଶିକ୍ଷା ସମସ୍ତଙ୍କ ପାଖରେ ପହଞ୍ଚାଇବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ପ୍ରଫେସନାଲ କୋର୍ସକୁ ଏଥିରୁ ବାଦ୍ ଦିଆଯାଇଛି । ଏବର୍ଷ ରିଆଡମିଶନ ସାମ୍ସ ମାଧ୍ୟମରେ ହେବ । ଯେଉଁ ପିଲା ଆଡମିଶନ ବେଳେ ଟଙ୍କା ଦେଇଛନ୍ତି ଫେରସ୍ତ ପାଇବେ । କୌଣସି ଶିକ୍ଷାନୁଷ୍ଠାନ ମନଇଛା ଫି' ବୃଦ୍ଧି କରିପାରିବେନି ବୋଲି ମନ୍ତ୍ରୀ କହିଛନ୍ତି ।

# ଅତ୍ୟାଧୁନିକ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଲୋକାର୍ପିତ

କଟକ/ଭୁବନେଶ୍ୱର,୧୪।୭(ମହାଭାରତ): ରାଜ୍ୟର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରରେ ମଙ୍ଗଳବାର ଲୋକାର୍ପିତ ହୋଇଛି ବହୁ ପ୍ରତିକ୍ଷିତ ଓଡ଼ିଶାର ସର୍ବବୃହତ୍ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅତ୍ୟାଧୁନିକ ସ୍ମାର୍ଟ ଲାଇବ୍ରେରୀର ଶୁଭ ଉଦଘାଟନ କରିଥିଲେ। ଜ୍ଞାନ, ଗବେଷଣା ଓ ପଠନ ସଂସ୍କୃତିର ବିକାଶ ଦିଗରେ ଏହି ପାଠାଗାର କଟକ ତଥା ସମଗ୍ର ଓଡ଼ିଶା ପାଇଁ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତବ୍ୟକ୍ତି କରିଥିଲେ ମନ୍ତ୍ରୀ ଡା. ମହାପାତ୍ର । ଏ ସହରକୁ ଆହୁରି ସରସ ସୁନ୍ଦର କରିବା ଦାୟିତ୍ୱ ଆମ ସମସ୍ତଙ୍କର । ଆମେ ସୁବବେଳେ ବିକାଶର ରାସ୍ତାରେ ଯିବାକୁ ଚେଷ୍ଟା କରୁଛୁ। ଯେତେବେଳେ ସବୁ ଅଞ୍ଚଳ ବିକଶିତ ହେବ ସେତେବେଳେ ଆମର ଲକ୍ଷ୍ୟ ମଧ୍ୟ ପୂରଣ ହେବ ବୋଲି ମନ୍ତ୍ରୀ କହିଥିଲେ। କଟକ ସହର ପାଇଁ ଯାହା ଆବଶ୍ୟକ ଥିବ ତାହାକୁ ଆମେ ପ୍ରାଥମିକତା ଭିତିରେ ପୂରଣ କରିବୁ ବୋଲି ଆଶ୍ୱାସନା ଦେଇଥିଲେ ମୁଖ୍ୟଅତିଥି । ଏହି କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମେୟର ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିରଦୋସ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ ପ୍ରମୁଖ ଉପସ୍ଥିତ ରହି ନିଜର ଅଭିଭାଷଣ ରଖିଥିଲେ। କଟକ ଜିଲ୍ଲାପାଳ ଦତାତ୍ରେୟ ଭାଉସାହେବ ସିନ୍ଦେ, କଟକ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ ପ୍ରମୁଖ ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଉଦଘାଟନ ଉତ୍ସବ ଅବସରରେ ଲାଇବ୍ରେରୀ ମ୍ୟାନେଜମେଂଟ ସିଷ୍ଟମର ଉଦଘାଟନ କରାଯାଇଥିଲା । ପାଠାଗାର ଉଦଘାଟନ ଅବସରରେ କଟକର ୩୫ ଜଣ ପ୍ରତିଷ୍ଠିତ ପ୍ରକାଶକଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅତିଥି । କେଏମସିର ୧୫୦ ବର୍ଷ ପୂର୍ତି ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ଲୋଗୋର ମଧ୍ୟ ଉନ୍ମୋଚନ କରାଯାଇଥିଲା। ଗୁରୁଡିଝଟିଆଠାରେ ୫ ଏକର ଜମିରେ ୨୧ କୋଟି ଟଙ୍କା ବିନିମୟରେ ହେବାକୁ ଥିବା ଗୋଶାଳାର ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ମନ୍ତ୍ରୀ ଏହାକୁ ଭରଚୁଆଲି ଶୁଭାରମ୍ଭ କରିଥିଲେ ।

ଏହି ଅତ୍ୟାଧୁନିକ କେନ୍ଦ୍ରୀୟ ପାଠାଗାର କଟକ ସହର ସହିତ ସମଗ୍ର ରାଜ୍ୟର ଗବେଷକ, ଛାତ୍ରଛାତ୍ରୀ ଓ ପାଠକପାଠିକାଙ୍କ ପାଇଁ ଏକ ଅମୂଲ୍ୟ ସମ୍ପଦ ସାବ୍ୟସ୍ତ ହେବା ସହ ଜ୍ଞାନ, ଗବେଷଣା ଓ



ବୌଦ୍ଧିକ ବିକାଶର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ ହେବ ବୋଲି କହିଥିଲେ କଟକ ମହାନଗର ନିଗମର କମିଶନର ସୁଶ୍ରୀ କୀରଣଦୀପ କୌର ସହୋତା ଏବଂ ଶେଷରେ ସେ ଧନ୍ୟବାଦ ଅର୍ପଣ କରିଥିଲେ ।ଅତ୍ୟାଧୁନିକ ସୁବିଧାସମ୍ପନ୍ନ ଏହି ପାଠାଗାରରେ ଏକ ଲକ୍ଷରୁ ଅଧିକ ପୁସ୍ତକ ସହ ୧୦୦୦ରୁ ଅଧିକ ପିଲାଙ୍କ ପାଇଁ ବସି ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି। ଏହାସହିତ ପୁରା ଲାଇବ୍ରେରୀରେ ଇଂଟରନେଟ୍, ଫଟୋ କପି ପ୍ରଭୃତି ସୁବିଧା ରଖାଯାଇଛି। ଇ-ଲାଇବ୍ରେରୀ, ଶିଶୁ ପଠନ କ୍ଷେତ୍ର, ଗବେଷଣା ସୁବିଧା, କେନ୍ଦ୍ରୀୟ ଏସି ବ୍ୟବସ୍ଥା ଓ ଅନ୍ୟାନ୍ୟ ଆଧୁନିକ ସୁବିଧା ରହିଛି । ବାଦାମବାଡ଼ି ଅଂଚଳରେ ୩ ଏକର ପରିମିତ ଜମି ଉପରେ ୪୨ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଛି ଏହି ପାଠାଗାର। ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ ଓ ୱେଲଫେୟାର କର୍ପୋରେସନ୍ ଲିମିଟେଡ୍ ଏହାକୁ ନିର୍ମାଣ କରିଛନ୍ତି । ୩ ମହଲା ବିଶିଷ୍ଟ ଏହି କୋଠାରେ ୮୪ ସିଟର ଅଡିଟୋରିଅମ୍, ଅଡିଓ-ଭିଡିଓ କନଫେରେନ୍ସ ରୁମ୍, ୭୨ ଜଣ ବସିବା ଭଳି କ୍ୟାଫେଟେରିଆ ପ୍ରଭୃତି ବ୍ୟବସ୍ଥା କରାଯାଇଛି । ପାର୍କିଂ ପାଖରୁ ଦୁଇଟି ଲିଫ୍ଟ ସହିତ ସିସିଟିଭି ନିରୀକ୍ଷଣ, ୨୪x୭ ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିରାପତା ବ୍ୟବସ୍ଥା, ସୌର ଶକ୍ତି, ପର୍ଯ୍ୟାପ୍ତ ପାର୍କିଂ, ଆକର୍ଷଣୀୟ ସବୁଜ ପରିବେଶ ଓ ଦିବ୍ୟାଙ୍ଗ ଅନୁକୂଳ ସୁବିଧା ମଧ୍ୟ ଏଥିରେ ଉପଲବ୍ଧ ରହିଛି । ଆଜିର କାର୍ଯ୍ୟକ୍ରମରେ କେଏମସିର ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କ ସହ କର୍ପୋରେଟର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମେଡିସିନ ଷ୍ଟୋର ଆଗରେ ଲାଗିବ ରେଟ୍ ଚାର୍ଟ

ଭୁବନେଶ୍ୱର, ୧୪।୭(ମହାଭାରତ): ଏଣିକି ରାଜ୍ୟର ସବୁ ମେଡିସିନ ଷ୍ଟୋର ଆଗରେ ରେଟ୍ ଚାର୍ଟ ଲାଗିବ । ସାରା ଓଡ଼ିଶା ପାଇଁ ଗୋଟିଏ ମେଡିସିନ ଦର ରହିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଡ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ସେ କହିଛନ୍ତି କେନ୍ଦ୍ର ୩୯ଟି ମେଡିସିନ ଦର ଧାର୍ଯ୍ୟ କରିବା ପରେ ଓଡ଼ିଶା ସରକାର ଏହି ନିଷ୍ପତି ନେଇଛନ୍ତି । ରକ୍ତଚାପ, ମଧୁମେହ, ହୃଦ ରୋଗ ଭଳି ୩୯ ଟି ଔଷଧର ଦର ଧାର୍ଯ୍ୟ ହୋଇଛି। କେନ୍ଦ୍ର ରସାୟନ ମନ୍ତ୍ରାଳୟ ଜାରି କରିଥିବା ତାଲିକା ସବୁ ଷ୍ଟୋରରେ ଲଗାଯିବ।

## ଇଲିସି ମାଛ ବାଟିବସା



ଆବଶ୍ୟକ ସାମଗ୍ରୀ: ଇଲିସି ମାଛ, ଲୁଣ, ହଳଦୀ, କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ। ପତ୍ର, କଟା ଟମାଟୋ, ଲଙ୍କା ଗୁଣ୍ଡ, ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ। ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଞ୍ଚା ଇଲିସି ମାଛକୁ ଭଲଭାବେ ଧୋଇ, ସେଥିରେ ଲୁଣ ଓ ହଳଦୀ ଗୋଳାଇ ରଖନ୍ତୁ। ଏହାପରେ ଇଲିସି ମାଛରେ କଟା ପିଆଜ, କଟା କଞ୍ଚାଲଙ୍କା, ଧନିଆ ପତ୍ର, କଟା ଟମାଟୋ ଓ ଲଙ୍କା ଗୁଣ୍ଡ ପକାନ୍ତୁ। ଏଥିସହ ସେଥିରେ ଧଳା ସୋରିଷ, ଜୀରା, ଶୁଖିଲା ଲଙ୍କା ବଟା, ଧନିଆ ଗୁଣ୍ଡ, ଲେମ୍ବୁରସ ଓ ସୋରିଷ ତେଲ ଦେଇ ଭଲଭାବେ ମ୍ୟାରିନେଟ କରି ରଖିଦିଅନ୍ତୁ। ବର୍ତ୍ତମାନ ଗ୍ୟାସରେ ଏକ ପାତ୍ର ଗରମ କରି ସେଥିରେ ମ୍ୟାରିନେଟ୍ ହୋଇଥିବା ମାଛ ପକାନ୍ତୁ ଓ ଅଳ୍ପ ପାଣି ଦିଅନ୍ତୁ। ବର୍ତ୍ତମାନ ଘୋଡ଼ଣୀ ଘୋଡ଼ାଇ ମୁହଁକୁ ଅଟା ଦ୍ୱାରା ବନ୍ଦ କରିଦିଅନ୍ତୁ। ୧୫ ରୁ ୨୦ ମିନିଟ୍ ଭିତରେ ପ୍ରସ୍ତୁତ ହୋଇଯିବ ସ୍ୱାଦିଷ୍ଟ 'ଇଲିସି ମାଛ ବାଟିବସା'।

# ବିଦୁର ନୀତି: ଯେସାକୁ ତେସା

ମହାତ୍ମା ବିଦୁର ମହାଭାରତ ସମୟରେ ସବୁଠୁ ବଡ଼ ବୁଦ୍ଧିମାନ ବ୍ୟକ୍ତି ଥିଲେ । ସେ ବୁଦ୍ଧିମାନ ସହ ଦୂରଦର୍ଶୀ ମଧ ଥିଲେ । କୁହାଯାଏ ସମୟ ପୂର୍ବରୁ ଆସିବାକୁ ଥିବା ସଂକଟ ବିଷୟରେ ବିଦୁର ଲୋକଙ୍କୁ ଅବଗତ କରାଇ ଦେଉଥିଲେ । ଆଜି ଆମେ ଆପଣଙ୍କୁ ଏମିତି କିଛି ବିଦୁର ନୀତି ସମ୍ପର୍କରେ କହିବୁ ଯାହାକୁ ଅନୁସରଣ କଲେ ଜୀବନରେ କେବେ କିଛି ସମସ୍ୟା ଆସିବ ନାହିଁ । ବ୍ୟବହାର ବ୍ୟକ୍ତିର ଦର୍ପଣ ହୋଇଥାଏ । ବ୍ୟକ୍ତି କିପରି ତାହା ତାର ବ୍ୟବହାରରୁ ଜଣାଯାଇଥାଏ । ସେ ତାର ବନ୍ଧୁ, ସମ୍ପର୍କୀୟଙ୍କ ସହ କିପରି ବ୍ୟବହାର କରୁଛି ସେଥିରୁ ତାର ବ୍ୟକ୍ତିତ୍ୱ ବିଷୟରେ ଜଣାପଡେ । ମହାଭାରତ ସମୟରେ ମହାତ୍ମା ବିଦୁର ସବୁଠୁ ଜ୍ଞାନୀ ବ୍ୟକ୍ତି ଭାବେ ଜଣାଯାଆନ୍ତି । ମହାତ୍ମାଙ୍କ ଦ୍ୱାରା କୁହାଯାଇଥିବା କଥା ଯୁଗଯୁଗକୁ ପ୍ରେରଣା ହୋଇ



ରହିଛି । ବିଦୁର ତାଙ୍କ ନୀତିରେ କହିଛନ୍ତି ଯେ ବ୍ୟକ୍ତି କେଉଁ ପ୍ରକାର ବ୍ୟବହାର କରିବା ଉଚିତ । ମହାତ୍ମା ବିଦୁର କହିଛନ୍ତି ଯେ ବ୍ୟକ୍ତିକୁ ଯେଶାକୁ ତେସା ବ୍ୟବହାର କରିବା ଉଚିତ । ଏହା ବ୍ୟକ୍ତିର ନୀତି ହେବା ଦରକାର । ଭଲ ଲୋକଙ୍କୁ ଭଲ ବ୍ୟବହାର ଓ ଖରାପ ଲୋକଙ୍କୁ ଖରାପ ବ୍ୟବହାର ଦେଖାଇବା ଉଚିତ। ଏମିତି କରିବା ଦ୍ୱାରା ବ୍ୟକ୍ତି ନିଜ ସହ ପରିବାରକୁ ବହୁ ପ୍ରକାର ଅସୁବିଧାରୁ ବଞ୍ଚାଇ ପାରିବେ । କାରଣ ଖରାପ ବ୍ୟକ୍ତି ନା ଆପଣଙ୍କ ଭଲ ଚାହିଁଥାଏ ନା ଆପଣଙ୍କ ପରିବାରର କଲ୍ୟାଣ ଚାହିଁଥାଏ । ସେ ସର୍ବଦା ଆପଣଙ୍କୁ ନିମ୍ନ ଭାବେ ଦେଖାଇବାକୁ ଚାହିଁଥାଏ । ସେହିପରି ଭଲ ବ୍ୟକ୍ତି ଆପଣଙ୍କ ସହ ସମସ୍ତଙ୍କ ଭଲ ଚାହିଁଥାନ୍ତି । ବିଦୁର ତାଙ୍କ ନୀତିବାଣିରେ କହିଛନ୍ତି, ଯେଉଁ ବ୍ୟକ୍ତି ଭରସାର ଯୋଗ୍ୟ ନୁହେଁ ତା ଉପରେ କେବେ ବି ଭରସା କରିବା ଉଚିତ ନୁହେଁ । କାରଣ ଭରସା ଭାଙ୍ଗିଲେ ଅନର୍ଥ ହେବା ସୁନିଶ୍ଚିତ ହୋଇଥାଏ । ତେଣୁ ନିଜର ଗୁପ୍ତ କଥା ଅନ୍ୟ ଆଗରେ କେବେ ବି କହିବା କଥା ନୁହେଁ । ନଚେତ ଆଗରେ ଥିବା ବ୍ୟକ୍ତି ଏହାର ସୁବିଧା ନେଇ ଆପଣଙ୍କୁ ଅସୁବିଧାରେ ପକାଇ ପାରେ । ବିଦୁର ଆହୁରି କହିଛନ୍ତି, ବ୍ୟକ୍ତିକୁ ଧର୍ମ, ଅର୍ଥ ଇତ୍ୟାଦିରେ କେବେ ବି ଭୁଲକଥା କରିବା କଥା ନୁହେଁ । ସର୍ବଦା ସତ୍ୟ କହୁଥିବା ଓ ମିତ୍ର କଥାରେ ବିବାଦରୁ ଦୂରରେ ରହିଥାଏ । ଏହା ସହ ନିଜର ଅନାଦାର ହେଲେ ମଧ ଦୁଃଖ କରିନଥାଏ, ସେପରି ବ୍ୟକ୍ତିକୁ ଶ୍ରେଷ୍ଠ ବ୍ୟକ୍ତି କୁହାଯାଇଥାଏ । କାରଣ ଏପରି ବ୍ୟକ୍ତିଙ୍କ ନିକଟରେ ଧୈର୍ଯ୍ୟ ଓ ବୁଦ୍ଧି ଉଭୟର ଆବଶ୍ୟକ ହୋଇଥାଏ । ବିନା ବୁଦ୍ଧିରେ ଧର୍ମ ପାଳନ କରିବା ଓ ଟଙ୍କା ପଛରେ ଦଉଡିବା ମୂର୍ଖ ବ୍ୟକ୍ତିର କାମ ବୋଲି ବିଦୁର କହିଛନ୍ତି । ଏହା ସହ ଯେଉଁ ବ୍ୟକ୍ତି ଖରାପ ସମୟରେ ମଧ ନିରାଶ ହୋଇନଥାଏ, ଏହାକୁ ଦୃଢ଼ତାର ସହ ସାମନା କରିଥାଏ, ସେ ସୁଖୀ ହୋଇଥାନ୍ତି ।

## ମଥାରେ ଓଢଣା ଦେଲେ ଦୂରେଇ ରହିଥାଏ ନକରାତ୍ମକ ଶକ୍ତି



ଦେଲେ ନକରାତ୍ମକ ଶକ୍ତି ଆପଣଙ୍କ ଠାରୁ ଦୂରେଇ ରହିଥାଏ। ବହୁବାର ଦେଖିବାକୁ ମିଳିଥାଏ ଯେ ଅଧିକାଂଶ ସମୟରେ ନାରୀମାନେ ନିଜର ଶାଢୀ ଅଥବା ଚୁନରୀକୁ ବ୍ୟବହାର କରି ମଥାରେ ଓଢଣା ଦେଇଥାଆନ୍ତି। ବିଶେଷ କରି ଭଗବାନଙ୍କୁ ପୂଜାର୍ଚ୍ଚନା କରିବା ସମୟରେ ମଥାରେ ଓଢଣୀ ଦେବା ନିତ୍ୟାନ୍ତ ଆବଶ୍ୟକ। ମଥାରେ ଓଢଣୀ ଦେବା ପରମ୍ପରା ବହୁ ପୁରାତନ କାଳରୁ ଚାଲି ଆସୁଛି।

ପୂଜାର୍ଚ୍ଚନା ସମୟରେ ମଥାରେ ଓଢଣା ଦେବା ଦ୍ୱାରା ସକରାତ୍ମକ ଶକ୍ତି ପ୍ରବେଶ କରିବା ସହ ଏକାଗ୍ରତା ବୃଦ୍ଧି ପାଇଥାଏ। ପୂଜା ସଫଳ ହେବା ସହ ଶୁଭ ଫଳ ପ୍ରାପ୍ତି ହୋଇଥାଏ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି।

ମନ୍ଦିରକୁ ଗଲେ ସେଠାରେ ମଥାରେ ଓଢଣା ଦେଇ ଭଗବାନଙ୍କୁ ପୂଜାର୍ଚ୍ଚନା କଲେ ଆପଣ ପ୍ରଭୁଙ୍କୁ ଭକ୍ତିର ସହ ଆଦର, ସମ୍ମାନ ଦେଉଛନ୍ତି ବୋଲି କୁହାଯାଏ। ସେହିପରି ପରିବାରର ଗୁରୁଜନଙ୍କ ସମ୍ମୁଖରେ ଓଢଣା ଦେଲେ ତାଙ୍କୁ ସଠିକ ସମ୍ମାନ ଦେଉଛନ୍ତି ବୋଲି ମାନ୍ୟତା ରହିଛି। ମଥାରେ ଓଢଣା

# ବାତ, ପିତ୍ତ, କଫ ଦୂର କରେ ଭସ୍ତ୍ରିକା ପ୍ରାଣାୟଣମ

ଭସ୍ତ୍ରିକା ପ୍ରାଣାୟମ୍ ଅଭ୍ୟାସଦ୍ୱାରା ଶରୀରର ବିଷାକ୍ତ ଦ୍ରବ୍ୟଗୁଡ଼ିକ ଜଳିଯାଏ ଏବଂ ବାତ, ପିତ୍ତ, କଫ ରୋଗରୁ ଶରୀର ମୁକ୍ତ ହୁଏ। ଫୁସଫୁସ ବାୟୁ ଶୀଘ୍ର ବିନିମୟ ହେବାଦ୍ୱାରା ରକ୍ତ ସ୍ରୋତରେ ମଧ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ବିନିମୟରେ ବୃଦ୍ଧି ହୁଏ। ସ୍ତ୍ରୀ ଲୋକମାନେ ସନ୍ତାନ ଜନ୍ମ ସମୟରେ ଏହାକୁ ବ୍ୟବହାର କରିପାରିବେ। ଶ୍ୱାସ ରୋଗୀଙ୍କ ପାଇଁ ବା ଫୁସଫୁସ ଅନ୍ୟ ସମସ୍ୟା ଥିଲେ ଏହା ଏକ ଉତ୍ତମ ଅଭ୍ୟାସ। ଗଳାଫୁଲା ବା କଫ ଜମାହେଲେ କମାଇ ଦିଏ। ସ୍ନାୟୁ ତନ୍ତ୍ରରେ ଭାରସାମ୍ୟ ଆଣେ ଏବଂ ଶକ୍ତିଶାଳୀ କରେ, ମନ ଶାନ୍ତ ଓ ସ୍ମରଣ ଶକ୍ତି ବଢ଼ାଇଥାଏ ବୋଲି ଯୋଗ ଗୁରୁ ଗଣେଶ୍ୱର ଗୋଛିକାର କହନ୍ତି। ଏହି ଅଭ୍ୟାସ କରିବା ପାଇଁ ପ୍ରଥମେ;



(୧): ଯେ କୌଣସି ଆରାମଦାୟକ ଧ୍ୟାନାସନରେ ବସ, ପଦ୍ମାସନ ବା ଅର୍ଦ୍ଧ ପଦ୍ମାସନ ହେଲେ ମଧ ଭଲ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରହିବ।

(୨) ମୁଣ୍ଡ ଓ ମେରୁଦଣ୍ଡ ସିଧା ରଖନ୍ତୁ, ଆଖି ବନ୍ଦ କରନ୍ତୁ ଓ ପୂରା ଦେହଲା କରନ୍ତୁ।

(୩)ଗଭୀର ନିଶ୍ୱାସ ନିଅନ୍ତୁ ଏବଂ ଜୋରେ ନାକବାଟେ ଛାଡ଼ନ୍ତୁ।

(୪) ତା'ପରେ ସଙ୍ଗେ ସଙ୍ଗେ ଜୋରେ ନିଶ୍ୱାସ ନିଅନ୍ତୁ।

(୫) ନିଶ୍ୱାସ ନେଲାବେଳେ ମଧଛେଦ ତଳକୁ ଖସିବ ଏବଂ ପେଟ ପଦାକୁ ବାହାରିବ।

(୬) ଏହି ସବୁ ଗତି ସାମାନ୍ୟ ବର୍ଦ୍ଧିତ ଆକାରରେ ହେବ।

(୬)ଏହିପରି ଭାବେ ୧୦ ଗଣିବା ପର୍ଯ୍ୟନ୍ତ ନିଶ୍ୱାସ ଜାରି ରଖନ୍ତୁ।

(୭) ଦଶଥର ନିଶ୍ୱାସ ପରେ ଗଭୀର ନିଶ୍ୱାସ ନିଅନ୍ତୁ ଓ ଧୀରେ ଛାଡ଼ନ୍ତୁ।

(୮)ପ୍ରଥମେ ବାମ ନାସାରନ୍ଧ୍ରକୁ ବୁ। ଆଙ୍ଗୁଳିରେ ବନ୍ଦ କରି ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ ।

(୯): ସେହିପରି ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ନେଇ ଜୋରେ ଛାଡ଼ନ୍ତୁ।

(୧୦): ସେହିପରି ଦୁଇ ନାସାରନ୍ଧ୍ର ବାଟେ ଜୋରେ ୧୦ ଥର ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ

ଏହିପରି ବାରମ୍ବାର ଏହି ଅଭ୍ୟାସକୁ ଜାରି ରଖନ୍ତୁ।

# ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ

ପ୍ରାକୃତିକ ବୈଭବ ଓ ଐତିହରେ ଭରପୁର ବୌଦ୍ଧ ଜିଲ୍ଲା । ଜିଲ୍ଲାରେ ରହିଛି ଅନେକ କିମ୍ବଦନ୍ତୀ ଓ ପୁରାଣ କଥା ବହନ କରୁଥିବା ମନ୍ଦିର ଓ ପର୍ଯ୍ୟଟନସ୍ଥଳୀ ।ସେଥି ମଧରୁ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ଥିବା କଣ୍ଟାମାଳ ବ୍ଲକ୍ ଉମା ପଞ୍ଚାୟତ ଅନ୍ତର୍ଗତ ରେଘମୁଣ୍ଡା ସ୍ଥିତ ଦେଢ଼ସୁର ଭାଇବୋହୂ ଭୀମ ପାହାଡ ଅନ୍ୟତମ । ପ୍ରାୟ ଦୁଇ ଶହ ଫୁଟ୍ ଉଚ୍ଚତାରେ ରହିଚି ଦୁଇଟି ପଥର । ଶ୍ରାବଣ ମାସରେ ଏଠାରେ ଥିବା ଗୁପ୍ତେଶ୍ୱର ବାବାଙ୍କ ଶୈବପୀଠ ଦର୍ଶନ କରିବା ସହ ପାହାଡ ଚଢ଼ିବାର ମଜା ନେଇଛନ୍ତି ଭକ୍ତ ଓ ପର୍ଯ୍ୟଟକ। ପାହାଡ଼ର ପାଦଦେଶ ତଳେ ପୂଜା ପାଉଛନ୍ତି ଦେବ ଦେବ ମହାଦେବ ଗୁପ୍ତେଶ୍ୱର ।ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଉମା ପଞ୍ଚାୟତର ରେଘମୁଣ୍ଡା ସ୍ଥିତ ଭୀମ ପାହାଡର ପାଦଦେଶରେ ବିଦ୍ୟମାନ ବାବା ଗୁପ୍ତେଶ୍ୱରଙ୍କ ପୀଠ । କିମ୍ବଦନ୍ତୀ ଅନୁସାରେ ପଞ୍ଚୁ ପାଣ୍ଡବ ଅଜ୍ଞାତବାସରେ ଥିବା ବେଳେ ଗୁପ୍ତରେ ଏଠାରେ ଶିବ ଉପାସନା କରୁଥିଲେ । ସେଇଥିପାଇଁ ବାବାଙ୍କ ନାମ ଗୁପ୍ତେଶ୍ୱର । ଏହି ସ୍ଥାନରେ ପଞ୍ଚୁ ପାଣ୍ଡବ ରହୁଥିବାର ଅନେକ ଛାପ ଏବେ ମଧ ରହିଛି । ବର୍ଷର ବିଭିନ୍ନ ସମୟରେ



ଗୁପ୍ତେଶ୍ୱର ପୀଠରେ ଭକ୍ତଙ୍କ ସମାଗାମ ହୋଇଥାଏ । ପ୍ରଭୁଙ୍କ ସବୁଠାରୁ ବଡ଼ ଉତ୍ସବ ମହାଶିବରାତ୍ରୀ । ଶ୍ରାବଣ ମାସର ପ୍ରତି ସୋମବାରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଦୂର ଦୂରଦୂରାନ୍ତରରୁ ମାନସିକ ପୂରଣ ପାଇଁ ଆସନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ମହାଦେବଙ୍କୁ ପୂଜା କଲେ ପୁଣ୍ୟଫଳ ମିଳିଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି । ୪୧ ନମ୍ବର ରାଜ୍ୟ ସଡ଼କ ପଥରେ କଣ୍ଟାମାଳ- ବାଲିଗୁଡା ରାସ୍ତାର ଆମ୍ବଗାଁ ଛକରୁ ଆଠ କିଲୋମିଟର ପୂର୍ବ ଦିଗକୁ ଗଲେ ପଡେ ଗୁପ୍ତେଶ୍ୱର ପୀଠ । ଦେଢଶୁର ଭାଇବୋହୂ ପାହାଡ଼ ତଳେ ରହିଛି ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିର ।ବର୍ଷର ବିଭିନ୍ନ ସମୟରେ ଭକ୍ତଙ୍କ ସମାଗାମ ହୋଇଥାଏ । ଅନ୍ୟ ସମୟ ଅପେକ୍ଷା ଶ୍ରାବଣ ମାସରେ ଏହି ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ଜିଲ୍ଲା ତଥା ଜିଲ୍ଲା ବାହରର ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ ।ଗୋଟିଏ ପଟେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ, ପାହାଡ଼ ଚଢିବାର ମଜା ନେବା ସହିତ ବାବା ଗୁପ୍ତେଶ୍ୱରଙ୍କ ନିକଟର ଜଳଲାଗି ସହ ଦର୍ଶନ କରିଥାନ୍ତି ଭକ୍ତ ଓ ଶ୍ରଦ୍ଧାଳୁମାନେ । ଦୁଇ ଶହ ଫୁଟ୍ ଉଚ୍ଚତାରେ ଥିବା ପାହାଡ ଉପରକୁ ଯିବା ପାଇଁ ବିପଦ ସଙ୍କୁଳ ଅବସ୍ଥାରେ ଯିବାକୁ ପଡ଼ିଥାଏ । ହେଲେ ଏଠାରେ ମହାଦେବଙ୍କ କୃପାରୁ କେବେ ବି କୌଣସି ଅଘଟଣ ଘଟି ନ ଥାଏ । ପ୍ରାକୃତିକ ଶୋଭାଜିତ ବିମଣ୍ଡିତ ଏହି ସ୍ଥାନକୁ ଯିଏ ବି ଯିବ ମହାଦେବଙ୍କ ଦର୍ଶନ କରିବା ସହ ଏହାର ସୋନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ ।

# ନିୟମିତ ଖାଆନ୍ତୁ ଶୁଣ୍ଠି, ଏହି ସବୁ ରୋଗରୁ ମିଳିବ ମୁକ୍ତି

ଅଧିକାଂଶ ଘରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅଦାର ବ୍ୟବହାର କରାଯାଇଥାଏ ।ଅଦାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଏ । ଶୁଖିଲା ଅଦାକୁ ଶୁଣ୍ଠି କୁହାଯାଏ । ଶୁଣ୍ଠି ଖାଇବା ଦ୍ୱାରା ଥଣ୍ଡାକାଶ ଓ ଗଳା ଦରଜ କମିବା



ସହ ପାଚନ ତନ୍ତ୍ର ସମସ୍ୟା ଦୂର ହୋଇଥାଏ । ଏହାବ୍ୟତୀତ ମୋଟାପଣ ମଧ କମ୍ ହୋଇଥାଏ । ଶୁଣ୍ଠି ଆଇରନ୍, ଫାଇବର, ସୋଡିୟମ୍, ଫୋଲେଟ୍ ଏସିଡ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍- ଏ, ଜିଙ୍କ୍ ଓ ଫ୍ୟାଟି ଏସିଡ୍ରେ ଭରପୂର ।ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ସମସ୍ୟା ରହିଛି, ସେମାନେ ନିୟମିତ ଶୁଣ୍ଠି ଖାଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ।

ଋତୁ ପରିବର୍ତ୍ତନରୁ ହେଉଥିବା ଥଣ୍ଡା-କାଶରୁ ରକ୍ଷା ପାଇବା ପାଇଁ ଶୁଣ୍ଠି ଗୁଣ୍ଡକୁ ହାଲ୍କା ଗରମ ପାଣି ସହ ପିଇପାରିବେ।

ଯେଉଁ ପରିବାକୁ ହଜମ କରିବା କଷ୍ଟ ହୋଇଥାଏ। ସେଥିରେ ହାଲ୍କା ଶୁଣ୍ଠିଗୁଣ୍ଡର ପ୍ରୟୋଗ କରିବା ଦ୍ୱାରା ତାହା ସହଜରେ ହଜମ ହୋଇଥାଏ।

ଶୁଣ୍ଠି ମେଟାବଲିଜିମ୍ ବଢାଇ ଓଜନ ହ୍ରାସ କରିବାରେ ମଧ ସାହାଯ୍ୟ କରିଥାଏ ।ଶୁଣ୍ଠିକୁ ଦୁଗ୍ଧରେ ମିଶାଇ ମିଶ୍ରଣକୁ ତ୍ୱଚାରେ ଲଗାଇ ୧୦ରୁ ୨୦ ମିନିଟ୍ ଯାଇ ଛାଡି ଦିଅନ୍ତୁ । ଶୁଖିବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ନିଅନ୍ତୁ । ତ୍ୱଚାରେ ଚମ୍କ ଆସିଥାଏ ।

ନଗରନକ୍ସା
ମହାନଗରର ନିଜ ଭାଷା



# ସେଂଟର ଅଫ୍ ଏକ୍ସଲେନ୍ସ ପ୍ରତିଷ୍ଠା ପାଇଁ ବୁଝାମଣା ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୪।୭ (ମହାଭାରତ):** ସ୍ଥାୟୀ ସହରୀକରଣ ଏବଂ ଜଳବାୟୁ-ସହନଶୀଳ ଭିତିଭୂମିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ,ଶନିବାର ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଆନୁକୂଲ୍ୟରେ 'ସେଂଟର ଅଫ୍ ଏକ୍ସଲେନ୍ସ ଅନ୍ ଲୋ କାର୍ବନ କନ୍‌ଷ୍ଟ୍ରକ୍ସନ ମ୍ୟାଟେରିଆଲ୍ସ ଆଣ୍ଡ ସଷ୍ଟେନେବଲ୍ ଡେଭେଲପମେଂଟ' ପ୍ରତିଷ୍ଠା ପାଇଁ ଏକ ତ୍ରିପାକ୍ଷିକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ର ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଉପସ୍ଥିତିରେ ଓଡ଼ିଶା ଅର୍ବାନ ଏକାଡେମୀ , ଆଇଆଇଟି ଭୁବନେଶ୍ୱର ଏବଂ ଡେଭେଲପମେଂଟ ଅଲଟରନେଟିଭ୍ସ ମଧ୍ୟରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଛି । ଓଡ଼ିଶା ଅର୍ବାନ ଏକାଡେମୀର ନିର୍ଦ୍ଦେଶକ ସୁଭେନ୍ଦୁ ସାହୁ, ଆଇଆଇଟି ଭୁବନେଶ୍ୱରର ସ୍କୁଲ୍ ଅଫ୍ ଇନଫ୍ରାଷ୍ଟ୍ରକ୍ଚରର ପ୍ରଫେସର ଦିନକର ପାସଲା ଏବଂ ଡେଭେଲପମେଂଟ ଅଲଟରନେଟିଭ୍ସର ସିଇଓ ଶାଶ୍ୱତ ପାଟରା ଏହି ଚୁକ୍ତିପତ୍ରରେ ସ୍ୱାକ୍ଷର କରିଛନ୍ତି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ତଥା ଏସବିଏମ (ଅର୍ବାନ)ର ମିଶନ ନିର୍ଦ୍ଦେଶକ ବିନୟ କୁମାର ଦାଶଙ୍କ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ବୁଝାମଣା ପତ୍ର



ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଡଃ ମହାପାତ୍ର କହିଛନ୍ତି ଯେ,ସହରୀ ବିକାଶ କେବଳ ଭୌତିକ ଭିତିଭୂମି ନିର୍ମାଣ ମଧ୍ୟରେ ସୀମିତ ନରହି, ପରିବେଶ ଅନୁକୂଳ ଯୋଜନା, ଗୁଣାତ୍ମକ ଜନସାଧାରଣ ଭିତିଭୂମି ଏବଂ ଦକ୍ଷ ନାଗରିକ ସେବା ମାଧ୍ୟମରେ ଲୋକଙ୍କ ଜୀବନଶୈଳୀରେ ଉନ୍ନତି ଆଣିବା ଉଚିତ । ଏହି 'ସେଂଟର ଅଫ୍ ଏକ୍ସଲେନ୍ସ'କୁ ଏକ ପରିବର୍ତନକାରୀ ପଦକ୍ଷେପ ଭାବେ ବର୍ଣ୍ଣନା କରି ସେ କହିଛନ୍ତି ଯେ ଏହା ରାଜ୍ୟରେ ସ୍ଥାୟୀ ସହରୀ ବିକାଶକୁ ଆଗେଇ ନେବା ପାଇଁ ଜ୍ଞାନ ଏବଂ ନବୋନ୍ମେଷର ଏକ ପ୍ରମୁଖ କେନ୍ଦ୍ର ସାଜିବ । ଏହାର ପ୍ରଥମ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଏହି ସେଂଟର ଅଫ୍ ଏକ୍ସଲେନ୍ସ ଦ୍ରୁତ ଗତିରେ ସହରୀକରଣ ହେଉଥିବା ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଜଟଣୀ ଏବଂ ପିପିଲି କ୍ଲଷ୍ଟର ପାଇଁ 'ନିର୍ମାଣ ଓ ଭଙ୍ଗାଯାଇଥିବା ଆବର୍ଜନା' ପରିଚାଳନା ନିମନ୍ତେ ଏକ ବିସ୍ତୃତ ରୋଡମ୍ୟାପ୍ ପ୍ରସ୍ତୁତ କରିବ । ଏହି ପ୍ରକଳ୍ପ ଅନ୍ତର୍ଗତ ନିର୍ମାଣ ଓ ଭଙ୍ଗାଯାଇଥିବା ଆବର୍ଜନା ସୃଷ୍ଟିର ବୈଜ୍ଞାନିକ ମୂଲ୍ୟାଙ୍କନ, ଏକ ସମନ୍ୱିତ ବର୍ଜ୍ୟବସ୍ତୁ ପରିଚାଳନା କୌଶଳ ପ୍ରସ୍ତୁତି, ଅଭିନବ ପ୍ରଯୁକ୍ତିବିଦ୍ୟାର ପ୍ରସାର, ଆନୁଷ୍ଠାନିକ ଦକ୍ଷତା ବୃଦ୍ଧି ଏବଂ ଏକ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରାଯିବ । ଏହି ପଦକ୍ଷେପ ଅଧୀନରେ ପ୍ରସ୍ତୁତ କରାଯାଉଥିବା ରୂପରେଖ ଓଡ଼ିଶାର ଅନ୍ୟାନ୍ୟ ସହରୀ କେନ୍ଦ୍ରଗୁଡ଼ିକରେ କାର୍ଯ୍ୟକାରୀ କରିବା ପାଇଁ ଏକ ଅନୁକରଣୀୟ ମଡେଲ ଭାବେ କାର୍ଯ୍ୟ କରିବ । ଏହି ସହଭାଗିତା ତିନୋଟି ଯାକ ସହଯୋଗୀ ଅନୁଷ୍ଠାନର ପରିପୂରକ ଦକ୍ଷତାକୁ ଏକାଠି କରିଛି । ଆଇଆଇଟି ଭୁବନେଶ୍ୱର ଗବେଷଣାତ୍ମକ ସହାୟତା, ବୈଷୟିକ ଜ୍ଞାନକୌଶଳ ଏବଂ ପ୍ରଯୁକ୍ତିବିଦ୍ୟାଗତ ନବୋନ୍ମେଷ ପ୍ରଦାନ କରିବ , ଡେଭେଲପମେଂଟ ଅଲଟରନେଟିଭ୍ସ ଏହାର କାର୍ଯ୍ୟାନ୍ୱୟନରେ ସହାୟତା କରିବା ସହ ସ୍ଥାୟୀ ନିର୍ମାଣ ପ୍ରଯୁକ୍ତିବିଦ୍ୟାର ବ୍ୟବହାରକୁ ପ୍ରୋତ୍ସାହିତ କରିବ ଏବଂ ଓଡ଼ିଶା ଅର୍ବାନ ଏକାଡେମୀ ପୌରସଂସ୍ଥା ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ଦକ୍ଷତା ବିକାଶ, ନୀତିଗତ ସହାୟତା ଏବଂ ଜ୍ଞାନର ପ୍ରସାର ଦିଗରେ ନେତୃତ୍ୱ ନେବ ।

ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଆଗାମୀ ସହରୀ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଦୃଢ଼ ଆନୁଷ୍ଠାନିକ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାରେ ସହନଶୀଳ, ସମ୍ବଳ-ଦକ୍ଷ ଏବଂ ପରିବେଶ ଅନୁକୂଳ ସହର ଗଠନ ପାଇଁ ସହରୀ ବିକାଶ ଗଠନ ପ୍ରକ୍ରିୟାରେ ସ୍ଥାୟୀ ନିର୍ମାଣ ଶୈଳୀ, ବୈଜ୍ଞାନିକ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପ୍ରମାଣ-ଆଧାରିତ ଯୋଜନାକୁ ସାମିଲ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

# କୋଭିଡରେ ଅନାଥ ପିଲାଙ୍କ ଭତ୍ତା ମିଳିବ କେବେ

**ଭୁବନେଶ୍ୱର, ୧୪।୭ (ମହାଭାରତ):** କୋଭିଡ ମହାମାରୀ ସମୟରେ ୫୦ ହଜାରରୁ ଉର୍ଦ୍ଧ୍ୱ ବାପାମାଆ ଛେଉଣ୍ଡ ପିଲାମାନେ ଗତ ମାର୍ଚ୍ଚ ମାସରୁ ଆର୍ଥିକ ସହାୟତା ପାଇନାହାଁନ୍ତି । ବୟସ୍କ, ଭିନ୍ନକ୍ଷମ ଓ ବିଧବାଙ୍କୁ ଭତ୍ତା ପ୍ରଦାନରେ ବିଫଳ ହୋଇଥିବା ସରକାର, ଛୋଟ ଛୋଟ ଅନାଥ ଶିଶୁଙ୍କ ପ୍ରତି ମଧ୍ୟ ଅମାନବୀୟ ଭାବେ ମାସିକ ଭତ୍ତା ଦେବାରେ ବିଫଳ ହେବାକୁ ନେଇ ବିଜେଡି ନିନ୍ଦା କରିଛି ।

ଏକ ପ୍ରେସ ବିବୃତ୍ତିରେ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି, କୋଭିଡ ମହାମାରୀ ସମୟରେ ରାଜ୍ୟର ୫୦ ହଜାରରୁ ଉର୍ଦ୍ଧ୍ୱ ଛୋଟ ଛୋଟ ଶିଶୁ ନିଜ ବାପାମାଆଙ୍କୁ ହରାଇ ଅନାଥ ହେଉଥିଲେ । ସେମାନଙ୍କ ଲାଳନପାଳନ ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଆଶୀର୍ବାଦ ଯୋଜନା ପ୍ରଚଳନ କରି ରାଜ୍ୟ ସରକାରଙ୍କ ତରଫରୁ ମାସିକ ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା କରିଥିଲେ । କୋଭିଡରେ ଉଭୟ ବାପାମାଆଙ୍କୁ ହରାଇଥିବା ପିଲାମାନେ ମାସିକ ୨.୫ ହଜାର ଏବଂ ଉଭୟଙ୍କ ମଧ୍ୟରୁ ଜଣଙ୍କୁ ହରାଇଥିଲେ ମାସିକ ୧.୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା । ଏହି ମାସିକ ସହାୟତା ଅର୍ଥ ଅନାଥ ଶିଶୁମାନଙ୍କୁ ଲାଳନପାଳନ କରୁଥିବା ତାଙ୍କ ସଂପର୍କୀୟ ବା ସେ ରହୁଥିବା ଅନୁଷ୍ଠାନଙ୍କୁ ସିଧାସଳଖ ଆକାଉଣ୍ଟ ପ୍ରଦାନ କରାଯାଉଥିଲା । ଗତ ମାର୍ଚ୍ଚ



ମାସଠାରୁ ଏହି ସହାୟତା ରାଶି ସରକାରଙ୍କ ପକ୍ଷରୁ ପ୍ରଦାନ କରାନଯିବାରୁ ଏହି ପିଲାମାନଙ୍କ ଲାଳନପାଳନରେ ଘୋର ସଂକଟ ସୃଷ୍ଟି ହେଉଛି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଆଶୀର୍ବାଦ ଯୋଜନା କାର୍ଯ୍ୟକାରୀ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଥିଲେ ମଧ୍ୟ ସରକାରୀ ସହାୟତା ବନ୍ଦ ହୋଇଥିବାରୁ ବର୍ତ୍ତମାନ ନିଜର ଅସହାୟତା ପ୍ରକାଶ କରୁଛନ୍ତି ।

# ଗ୍ରାମ ରୋଜଗାର ସେବକଙ୍କ ତଥ୍ୟ ମାଗିଲେ ସରକାର

**ଭୁବନେଶ୍ୱର,୧୪।୭ (ମହାଭାରତ):** ଓଡ଼ିଶା ସରକାର ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଲଗାତାର ପାଞ୍ଚ ବର୍ଷ କିମ୍ବା ତା'ଠାରୁ ଅଧିକ ସେବା ପୂରଣ କରିଥିବା ଗ୍ରାମ ରୋଜଗାର ସେବକ (ଜିଆରଏସ୍)ମାନଙ୍କର ଅଦ୍ୟତନ ବିବରଣୀ ନିର୍ଦ୍ଧାରିତ ଫର୍ମାଟରେ ୧୫ ଦିନ



ମଧ୍ୟରେ ପ୍ରଦାନ କରିବେ। ରାଜ୍ୟସ୍ତରରେ ଏକ ସମନ୍ୱିତ ଡାଟାବେସ୍ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ଓଡ଼ିଶା ସଚିବାଳୟ ସେବା (ଓଏସଏସ୍)ର ଅବର ସଚିବ ନମିତା ସାହୁ ୧୦ ଜୁଲାଇ ୨୦୨୬ରେ ଜାରି କରିଥିବା ଚିଠିରେ ସମସ୍ତ ଜିଲ୍ଲା ପ୍ରଶାସନକୁ ନିଜ ଜିଲ୍ଲାରେ କାର୍ଯ୍ୟରତ ଯୋଗ୍ୟ ଗ୍ରାମ ରୋଜଗାର ସେବକମାନଙ୍କର ବିସ୍ତୃତ ସୂଚନା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଠାଇବାକୁ କୁହାଯାଇଛି। ଚିଠି ଅନୁଯାୟୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରଶାସନିକ ଏବଂ ନୀତିଗତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଲଗାତାର ପାଞ୍ଚ ବର୍ଷ କିମ୍ବା ତା'ଠାରୁ ଅଧିକ ସେବା ପୂରଣ କରିଥିବା ଗ୍ରାମ ରୋଜଗାର ସେବକଙ୍କର ଏକ ବ୍ୟାପକ ଡାଟାବେସ୍ ପ୍ରସ୍ତୁତ କରୁଛି। ଏଥିପାଇଁ ନିଯୁକ୍ତି ତାରିଖ, ନିରନ୍ତର ସେବା ଅବଧି, ବର୍ତ୍ତମାନର କାର୍ଯ୍ୟସ୍ଥଳ, ସେବାର ସ୍ଥିତି ଏବଂ ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ମଗାଯାଇଛି। ଚିଠିରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ପୂର୍ବରୁ ଯୋଗ୍ୟ ଗ୍ରାମ ରୋଜଗାର ସେବକମାନଙ୍କୁ ଆକାଉଣ୍ଟାଣ୍ଟ-କମ୍-ଡାଟା ଏଣ୍ଟ୍ରି ଅପରେଟର (ଏଡିଇଓ) ପଦରେ ସମାୟୋଜନ (ଅବ୍ସର୍ପସନ୍) ସମ୍ପର୍କିତ ପ୍ରସ୍ତାବ ବିଚାର ସମୟରେ ମଧ୍ୟ ଜିଲ୍ଲାଭିତ୍ତିକ ସୂଚନା ମଗାଯାଇଥିଲା। ଭବିଷ୍ୟତରେ ନୀତିଗତ ବିଷୟର ସମୀକ୍ଷା ଏବଂ ବିଭିନ୍ନ ପ୍ରାଧିକରଣକୁ ସୂଚନା ଯୋଗାଇବା ପାଇଁ ମଧ୍ୟ ଏପରି ତଥ୍ୟର ଆବଶ୍ୟକତା ପଡ଼ିପାରେ। ରାଜ୍ୟ ସରକାର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ନିଜ ଜିଲ୍ଲାରେ ଲଗାତାର ପାଞ୍ଚ ବର୍ଷ କିମ୍ବା ତା'ଠାରୁ ଅଧିକ ସେବା ପୂରଣ କରିଥିବା ସମସ୍ତ ଗ୍ରାମ ରୋଜଗାର ସେବକଙ୍କର ଅଦ୍ୟତନ ବିବରଣୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଦାନ କରିବେ।

# ଶୃଙ୍ଖଳିତ ରଥଯାତ୍ରା ନେଇ ଡିଜିପିଙ୍କ ଉଚ୍ଚସ୍ତରୀୟ ସମୀକ୍ଷା

**ଭୁବନେଶ୍ୱର, ୧୪।୭ (ମହାଭାରତ):** ଆସନ୍ତା ଜୁଲାଇ ୧୬ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ରଥଯାତ୍ରାକୁ ତ୍ରୁଟି ଶୂନ୍ୟ, ଶୃଙ୍ଖଳିତ ଏବଂ ସୁପରିଚାଳନା ଭାବେ ସମ୍ପନ୍ନ କରିବା ନିମନ୍ତେ ଶନିବାର ପୂର୍ବାହ୍ନରେ ପୁରୀସ୍ଥିତ ଟାଉନ୍ ହଲ୍ ପରିସରରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ପୋଲିସ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଛି ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ମତବ୍ୟକ୍ତ କରିଛନ୍ତି । ଚଳିତ ବର୍ଷ ଲକ୍ଷାଧିକ ଭକ୍ତ ପୁରୀକୁ ଆସିବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ୮ଟି ସ୍ଥାନରେ ନୂତନ ପାର୍କିଂସ୍ଥଳ ପ୍ରସ୍ତୁତ କରାଯାଇଛି। ଭକ୍ତଙ୍କୁ ଉପଯୁକ୍ତ ସେବା ଓ ସୁରକ୍ଷା ଉପରେ ପ୍ରାଧାନ୍ୟ ଦିଆଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ଗୁରୁତ୍ୱାରୋପ କରିଛନ୍ତି । ଏହାସହ ଭକ୍ତଙ୍କ ପ୍ରତି ସହନଶୀଳ ମନୋଭାବ ପ୍ରଦର୍ଶନ କରିବା ଉପରେ ଡିଜିପି




ଗୁରୁତ୍ୱାରୋପ କରିଥିଲେ। ଶୃଙ୍ଖଳିତ ଦର୍ଶନ ଏବଂ ରଥଯାତ୍ରାର ସୁପରିଚାଳନା ନିମନ୍ତେ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ରଥଯାତ୍ରା ଡ୍ୟୁଟିରେ ଅଭିଜ୍ଞତା ସମ୍ପନ୍ନ ପୋଲିସ୍ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ଅଘଟଣ ମୁକ୍ତ ରଥଟଣା ଏବଂ ରଥଯାତ୍ରା ପରିଚାଳନା ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି ବୋଲି ଡିଜିପି କହିଛନ୍ତି । ଉତରା ଛକରୁ ଆରମ୍ଭ କରି ପୁରୀ ,ପୁରୀ -କୋଣାର୍କ ରୋଡ ସହିତ ସହରର ବିଭିନ୍ନ ଛକରେ ମଧ୍ୟ କ୍ୟାମେରା ବ୍ୟବସ୍ଥା କରାଯାଇଛି। ଯାହା ଫଳରେ ଭକ୍ତଙ୍କୁ ଟ୍ରାଫିକ ପରିଚାଳନାରେ ସହଯୋଗ ଓ ସୁବିଧା ମିଳିପାରିବ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି। ନିର୍ଦ୍ଦେଶକ (ଗୁଇନ୍ଦା) ଶ୍ରୀ ଆର ପି. କୋଚେ ଟ୍ରାଫିକ୍ ନିୟନ୍ତ୍ରଣ, ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଗମନାଗମନ, ଭିଡ଼ ନିୟନ୍ତ୍ରଣ ଏବଂ କର୍ଡନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସମନ୍ୱିତ କରିବା ପାଇଁ କାର୍ଯ୍ୟରତ ସମସ୍ତ ଅଧିକାରୀମାନଙ୍କୁ ନିଜ ନିଜ ମଧ୍ୟରେ ନିରନ୍ତର ଯୋଗାଯୋଗ ରକ୍ଷା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ସମସ୍ତ କର୍ମଚାରୀଙ୍କୁ ସେବା ମନୋବୃତି ନେଇ କାର୍ଯ୍ୟ ସମ୍ପାଦନ କରିବା ସହ ଭକ୍ତମାନଙ୍କ ପ୍ରତି ସୌହାର୍ଦ୍ଦ୍ୟପୂର୍ଣ୍ଣ, ଭଦ୍ର ବ୍ୟବହାର ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କର୍ତବ୍ୟର ନିଷ୍ଠାପୂର୍ଣ୍ଣ ସମ୍ପାଦନକୁ ସର୍ବୋଚ୍ଚ ଦାୟିତ୍ୱ ଭାବେ ଗ୍ରହଣ କରିବା ସହ କୌଣସି ପରିସ୍ଥିତିରେ ମଧ୍ୟ ନିଜ ନିର୍ଦ୍ଧାରିତ ଡ୍ୟୁଟି ସ୍ଥଳ ଛାଡ଼ି ନଯିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତିକୂଳ ପାଗ ପରିସ୍ଥିତି ଉପୁଜିଲେ ମଧ୍ୟ କର୍ମଚାରୀମାନେ ନିଜ ଦାୟିତ୍ୱ ପ୍ରତି ଅଟଳ ରହି ଶୃଙ୍ଖଳାର ସହିତ କର୍ତବ୍ୟ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି।ରଥଟଣା ସମୟରେ ଭକ୍ତଙ୍କ ପ୍ରବଳ ସମାଗମକୁ ଲକ୍ଷ୍ୟ କରି ଭିଡ ନିୟନ୍ତ୍ରଣ କରିବାକୁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ । ପ୍ରତିଟି ଭକ୍ତ ଯେମିତି ଭଲ ଅନୁଭୂତି ନେଇ ଫେରିବେ ସେ ଦିଗରେ ଯତ୍ନବାନ୍ ହେବାକୁ ସେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ ।

# ଫିଟନେସ୍ ସାର୍ଟିଫିକେଟ୍ ବିନା ଚଳାଚଳ କରୁଥିବା ଗାଡ଼ି ଉପରେ କଡ଼ା ଆକ୍ସନ

**ଭୁବନେଶ୍ୱର, ୧୪।୭ (ମହାଭାରତ):** ରାଜ୍ୟରେ ବୈଧ ଫିଟନେସ୍ ସାର୍ଟିଫିକେଟ୍ ବିନା ବାରମ୍ବାର ଚଳାଚଳ କରୁଥିବା ବାଣିଜ୍ୟିକ ଯାନବାହନ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଓଡ଼ିଶା ପରିବହନ କମିଶନର-କମ୍-ଚେୟାରମ୍ୟାନ, ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି। ଜୁଲାଇ ୬, ୨୦୨୬ ତାରିଖରେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ , ଅତିରିକ୍ତ ଆରଟିଓ ଓ ଡେପୁଟି କମିଶନର୍ସ ଟ୍ରାନ୍ସପୋର୍ଟଙ୍କୁ ଜାରି ହୋଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, କେବଳ ଇ-ଚାଲାଣ କାଟିବାରେ ଏହି ଅଭିଯାନ ସୀମିତ ରହିବ ନାହିଁ। ବରଂ ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବା ଯାନକୁ ଟୋଲ୍ ପ୍ଲାଜାରେ ଅଟକାଇ ଜବତ କରାଯିବ, ମୋଟର ଭେହିକଲ୍ ଆକ୍ଟର ଧାରା ୨୦୭ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ସହିତ ଆରସି ସସ୍ପେନ୍ସନ୍ କିମ୍ବା ବାତିଲ୍ ଏବଂ ପରମିଟ୍ ସସ୍ପେନ୍ସନ୍ କିମ୍ବା ବାତିଲ୍ ପ୍ରକ୍ରିୟା ମଧ୍ୟ ଆରମ୍ଭ କରାଯିବ। ଇ-ଡିଟେକ୍ସନ୍ ପୋର୍ଟାଲର ୧ ଏପ୍ରିଲ୍ ୨୦୨୬ରୁ ୩୦ ଜୁନ୍ ୨୦୨୬ ପର୍ଯ୍ୟନ୍ତର ତଥ୍ୟ ଅନୁସାରେ, ରାଜ୍ୟର ୩୧ଟି ଟୋଲ୍ ପ୍ଲାଜାରେ ବୈଧ ଫିଟନେସ୍ ସାର୍ଟିଫିକେଟ୍ ବିନା ଚଳାଚଳ କରୁଥିବା ଗାଡ଼ି ବିରୋଧରେ ମୋଟ ୪୩,୬୯୬ଟି ଇ-ଡିଟେକ୍ସନ୍ ଚାଲାଣ ସୃଷ୍ଟି ହୋଇଛି। ଏଥିରେ ୧୧,୪୦୧ ଟି ସ୍ୱତନ୍ତ୍ର ଗାଡ଼ି ସାମିଲ ଥିବାବେଳେ, ୬,୬୩୫ ଟି ଗାଡ଼ି ଏକାଧିକ ଥର ଧରାପଡ଼ିଛି। ବାରମ୍ବାର ନିୟମ ଭଙ୍ଗ କରୁଥିବା ଗାଡ଼ି ବିରୋଧରେ ମୋଟ ୩୮,୯୩୦ ଟି ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୨,୧୯୧ ଟି ଗାଡ଼ି ୫ ଥର କିମ୍ବା ତା'ଠାରୁ ଅଧିକ, ୯୬୦ ଟି ଗାଡ଼ି ୧୦ ଥର କିମ୍ବା ତା'ଠାରୁ ଅଧିକ,୩୫୯ ଟି ଗାଡ଼ି ୨୦ ଥର କିମ୍ବା ତା'ଠାରୁ ଅଧିକ ଏବଂ ୩୭ଟି ଗାଡ଼ି ୫୦ ଥରରୁ ଅଧିକ



ବୈଧ ଫିଟନେସ୍ ସାର୍ଟିଫିକେଟ୍ ବିନା ଧରାପଡ଼ିଛି। କେତେକ ଗାଡ଼ି ୮୨, ୮୦, ୭୯, ୭୬ ଓ ୭୫ ଥର ପର୍ଯ୍ୟନ୍ତ ଧରାପଡ଼ିଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ସର୍ବାଧିକ ଉଲ୍ଲଂଘନ ଚିହ୍ନଟ ହୋଇଥିବା ଟୋଲ୍ ପ୍ଲାଜା ମଧ୍ୟରେ ବାଣ୍ଡାଲୋ-ମଙ୍ଗୁଳି ଟୋଲ୍ ପ୍ଲାଜାରେ ୫,୨୮୧, ପିପିଲିରେ ୪,୮୧୬, ସେରଗଡ଼ରେ ୩,୭୬୯, ଗୁଡ଼ିପଡ଼ା-ଗଙ୍ଗାପଡ଼ାରେ ୨,୮୦୭, ସମ୍ବଲପୁର-ବରଗଡ଼ ଟୋଲ୍ ପ୍ଲାଜାରେ ୨,୩୩୮, ଭଗଡା-ନାରାୟଣପୁରରେ ୨,୧୪୧, କନ୍ଦ୍ରାରେ ୧,୬୨୯ ଏବଂ ଗୁରାପାଲିରେ ୧,୫୭୯ ମାମଲା ରହିଛି। ପରିବହନ କମିଶନର ସ୍ପଷ୍ଟ କରିଛନ୍ତି ଯେ, ଏହା କୌଣସି ଆକସ୍ମିକ କିମ୍ବା ବିଚ୍ଛିନ୍ନ ଘଟଣା ନୁହେଁ। ବହୁ ଯାନମାଲିକ ଇ-ଚାଲାଣ ପାଇବା ପରେ ମଧ୍ୟ ଫିଟନେସ୍ ସାର୍ଟିଫିକେଟ୍ ନବୀକରଣ ନକରି ସଡ଼କରେ ଗାଡ଼ି ଚଳାଉଛନ୍ତି, ଯାହା ମୋଟର ଭେହିକଲ୍ ଆକ୍ଟର ଉଲ୍ଲଂଘନ ସହ ସଡ଼କ ସୁରକ୍ଷା ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି। ସୁପ୍ରିମକୋର୍ଟଙ୍କ ପରମେଶ ଭାସିନ – କେନ୍ଦ୍ର ସରକାର ମାମଲାର ରାୟକୁ ଦର୍ଶାଇ କୁହାଯାଇଛି ଯେ, କେବଳ ଚାଲାଣ କାଟିବା ଦ୍ୱାରା ଅପରାଧର ଅବସାନ ଘଟେନାହିଁ ଏବଂ ଏହା ଗାଡ଼ିକୁ ସେହି ଅବୈଧ ଅବସ୍ଥାରେ ଚଳାଚଳ କରିବାର ଅନୁମତି ମଧ୍ୟ ଦିଏ ନାହିଁ। ନୂତନ ନିର୍ଦ୍ଦେଶ ଅନୁସାରେ, ୧୦ ଥର କିମ୍ବା ତା'ଠାରୁ ଅଧିକ ଧରାପଡ଼ିଥିବା ଗାଡ଼ି ବିରୋଧରେ ୭ ଦିନ, ୫ରୁ ୯ ଥର ଧରାପଡ଼ିଥିବା ଗାଡ଼ି ବିରୋଧରେ ୧୫ ଦିନ, ଏବଂ ୨ରୁ ୪ ଥର ଧରାପଡ଼ିଥିବା ଗାଡ଼ି ବିରୋଧରେ ୩୦ ଦିନ ମଧ୍ୟରେ ନୋଟିସ୍ ଜାରି କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସାରିବାକୁ ଆରଟିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ପକ୍ଷରୁ ପରିଚୟ କର୍ମଶାଳା

**ଭୁବନେଶ୍ୱର, ୧୪।୭ (ମହାଭାରତ):** ଓଡ଼ିଶାର ବିଭିନ୍ନ ସ୍ଥାନ, ଜଣାଶୁଣା ବ୍ୟକ୍ତିତ୍ୱ, ବିଭିନ୍ନ କାର୍ଯ୍ୟକ୍ରମ, ଘଟଣା ଓ ପାରମ୍ପରିକ ଖାଦ୍ୟ ବାବଦରେ ସମ୍ପୂର୍ଣ୍ଣ ତଥ୍ୟ ଡିଜିଟାଲ ମାଧ୍ୟମରେ ବିଶ୍ୱସ୍ତରରେ ପହଂଚାଇବାର ଗୁରୁତ୍ୱ ରହିଛି ବୋଲି ଖ୍ୟାତନାମା ଭାଷାବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ମତବ୍ୟକ୍ତ କରିଛନ୍ତି । ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ ପକ୍ଷରୁ ଆୟୋଜିତ ଦୁଇଦିନିଆ କର୍ମଶାଳା 'ପରିଚୟ' ଉଦ୍ଘାଟନ କରି ଡ. ପଟ୍ଟନାୟକ ଭାଷାକୁ ଜୀବନ୍ତ ଓ ପ୍ରାସଙ୍ଗିକ ରଖିବାର ଯଥାର୍ଥ ପ୍ରୟାସ କରୁଥିବାରୁ ଓଡ଼ିଆ ଭର୍ଚୁଆଲ ଏକାଡେମୀକୁ ପ୍ରଶଂସା କରିଥିଲେ ।

ସି.ଓ୍ୱାଇ.ଏସ୍.ଡି. ସଭାଗୃହରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିନିଧିମାନେ ଅଂଶଗ୍ରହଣ କରି ରାଜ୍ୟର ପ୍ରସିଦ୍ଧ ସ୍ଥାନ, ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ଦିବଂଗତ ଓ ଜୀବିତ ବ୍ୟକ୍ତିତ୍ୱ, କାର୍ଯ୍ୟକ୍ରମ ଓ ଘଟଣା, ଉତ୍ସବାନୁଷ୍ଠାନ ଓ ପାରମ୍ପରିକ ଖାଦ୍ୟ ଉପରେ ଆଲୋଚନା କରିଥିଲେ । ଏକାଡେମୀର ସଚିବ ଡ. ପ୍ରଦୀପ କୁମାର ରାଉତ ଉଦ୍ଘାଟନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି କହିଲେ ଯେ ଓଡ଼ିଆ ଭାଷାର ଉନ୍ନତି ସହିତ ଆମ ଅର୍ଥନୀତିର ବିକାଶ ଜଡ଼ିତ। ଓଡ଼ିଶାର ବିଭିନ୍ନ ସ୍ଥାନ, ପ୍ରତିଷ୍ଠାନ, ଖାଦ୍ୟ, ବେଶପୋଷାକ ଆଦିର ପ୍ରଚାର ପ୍ରସାର ଦ୍ୱାରା ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହେବା ସହିତ ନୂଆ ପିଢ଼ିଙ୍କୁ ଆମ ଅର୍ଥନୈତିକ ବିକାଶର ଅଂଶୀଦାର କରାଯାଇ ପାରିବ ।

କର୍ମଶାଳାରେ ଚାରିଟି ଅଧିବେଶନରେ ପ୍ରତିନିଧିମାନେ ବ୍ୟାପକ ଆଲୋଚନା କରିଥିବା ବେଳେ ଡ. ଅଜୟ କୁମାର ମିଶ୍ର, ଡ. ଅଭିରାମ ବିଶ୍ୱାଳ, ଡ. ଶାନ୍ତନୁ କୁମାର ରଥ, ମାନସ ମୁଦୁଲି ଓ ରିତୁ ପଟ୍ଟନାୟକ ସଂସାଧନ ବକ୍ତା ଭାବରେ ଯୋଗ ଦେଇଥିଲେ ।

କର୍ମଶାଳାର ଉଦ୍‌ଯାପନ କାର୍ଯ୍ୟକ୍ରମରେ ସି.ଓ୍ୱାଇ.ଏସ୍.ଡି.ର ପ୍ରତିଷ୍ଠାତା ଜଗଦାନନ୍ଦ, ଓକାକ୍ର ଜେନେରାଲ ମ୍ୟାନେଜର ସବ୍ୟସାଚୀ ହୋତା ଏବଂ ଓଡ଼ିଶା ନଲେଜ କର୍ପୋରେସନର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୋଥାଳ ବକ୍ତବ୍ୟ ରଖିଥିଲେ । ପ୍ରତିନିଧିମାନଙ୍କୁ ଅଙ୍ଗବସ୍ତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏକାଡେମୀର ବରିଷ୍ଠ ପରିଚାଳକ ସ୍ମୃତିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଉଭୟ ଦିନ କାର୍ଯ୍ୟକ୍ରମରେ ଏକାଡେମୀର ସ୍ୱତନ୍ତ୍ର ଅଧିକାରୀ ଶ୍ରୀନିବାସ ମିଶ୍ର, ପରାମର୍ଶଦାତା ଡ. ଡି. ଏନ୍. ମହାନ୍ତି, ଦେବାନନ୍ଦ ଭଞ୍ଜ, ସଚ୍ଚିଦାନନ୍ଦ ପଣ୍ଡା, ସୂର୍ଯ୍ୟରଞ୍ଜନ ମହାନ୍ତି ଓ ସୂର୍ଯ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆମୱେ ପ୍ରିମିୟମ ସ୍କିନକେୟାର ବର୍ଗମାଳା ସୁଦୃଢ

**ଭୁବନେଶ୍ୱର, ୧୪।୭ (ମହାଭାରତ):** ଗ୍ରାହକମାନେ ଅଧିକରୁ ଅଧିକ ସୂର୍ଯ୍ୟ କିରଣ ଉର୍ଦ୍ଧ୍ୱକୁ ଯାଇ ପାରମ୍ପରିକ ସୁରକ୍ଷା ଯୋଗାଇଦେଉଥିବା ତ୍ୱଚା ଯତ୍ନକାରୀ ଉତ୍ପାଦ ଆବଶ୍ୟକ କରୁଥିବାବେଳେ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସମର୍ଥନ କରୁଥିବା ଏକ ଅଗ୍ରଣୀ କମ୍ପାନୀ ଆମୱେ ଇଣ୍ଡିଆ ଆଧୁନିକ ପରିବେଶଗତ ଆକ୍ରମଣକାରୀ ବିପକ୍ଷରେ ତ୍ୱଚାକୁ ସମର୍ଥନ କରୁଥିବା ଏକ ଉନ୍ନତ ଦୈନନ୍ଦିନ ପ୍ରତିରକ୍ଷାକାରୀ ସମାଧାନ ପ୍ରଚଳନ କରିଛି, ଯେଉଁଥିରେ ନ୍ୟୁଟ୍ରିଲାଇଟ ବଟାନିକାଲ୍ସ (ଉଦ୍ଭିଦଜାତ ଉପାଦାନ)ର ଉତ୍ତମତା ରହିଛି। ଏହି ପ୍ରଚଳନ ଆର୍ଟିଷ୍ଟ୍ରି ସ୍କିନ ନ୍ୟୁଟ୍ରିସନ ବର୍ଗମାଳାକୁ ପୁନଃ ସୁଦୃଢ଼ କରୁଛି, ଯାହା ସୁସ୍ଥ ଦେଖାଯାଉଥିବା ତ୍ୱଚା ନିମନ୍ତେ ସର୍ବାଧୁନିକ ବିଜ୍ଞାନ ସହିତ ପ୍ରକୃତିର ଉତ୍ତମତା ସମ୍ମିଶ୍ରଣରେ ଲକ୍ଷ୍ୟଭିତ୍ତିକ, ପୋଷକ- ପ୍ରୋତ୍ସାହିତ ତ୍ୱଚାଯତ୍ନ ସମାଧାନଗୁଡିକ ଜରିଆରେ ନୂତନ ତ୍ୱଚାଯତ୍ନ ଆବଶ୍ୟକତାଗୁଡିକ ପୂରଣ କରିବାକୁ ଅତ୍ୟନ୍ତ ଚିନ୍ତାଶୀଳ ଭାବରେ ଡିଜାଇନ କରାଯାଇଛି।

ଏହାର ପ୍ରଚଳନ ଅବସରରେ ପ୍ରକାଶ କରି ଶ୍ରୀ ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମୱେ ଇଣ୍ଡିଆ କହିଥିଲେ, "ଗ୍ରାହକମାନେ ସେମାନଙ୍କ ତ୍ୱଚାଯତ୍ନର ଆବଶ୍ୟକତା ନିମନ୍ତେ ଅଧିକ ସଚେତନ ହେଉଥିବାବେଳେ ସେମାନେ ଅତ୍ୟନ୍ତ ସ୍ୱଚ୍ଛତା, ଫଳପ୍ରଦ, ବିଜ୍ଞାନ ସମ୍ମତ ଏବଂ ଚିନ୍ତାଶୀଳ ଭାବରେ ପ୍ରସ୍ତୁତ ଉତ୍ପାଦଗୁଡିକ ଅଧିକରୁ ଅଧିକ ଆବଶ୍ୟକ କରୁଥିବାରୁ ଭାରତୀୟ ତ୍ୱଚାଯତ୍ନ ଦୃଶ୍ୟପଟ୍ଟରେ ଦ୍ରୁତ ପରିବର୍ତ୍ତନ ଘଟୁଛି।

# ଭିଆଇଏସଏଲର ଦକ୍ଷତା ବିକାଶ ଦ୍ୱାରା ୧ ଲକ୍ଷ ଜୀବନରେ ପରିବର୍ତନ

**ଭୁବନେଶ୍ୱର, ୧୪।୭ (ମହାଭାରତ):** ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସଏଲ) ଏକ ଭବିଷ୍ୟତ ପ୍ରସ୍ତୁତ ଦକ୍ଷ କାର୍ଯ୍ୟବଳ ଗଠନ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନଃବ୍ୟକ୍ତ କରିଛି। ଭାରତ ଓ ଆଫ୍ରିକାରେ କାର୍ଯ୍ୟରତ ଏହି ଅଗ୍ରଣୀ ଫେରସ୍ ସମ୍ବଳ କମ୍ପାନି ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା, ଡିଜିଟାଲ୍ ସାକ୍ଷରତା, ଉଦ୍ୟୋଗିତା ଓ କ୍ରୀଡ଼ା ବିକାଶ ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ ଏହାର କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ନିରନ୍ତର ଜୀବିକା ସୁଯୋଗ ସୃଷ୍ଟି କରୁଛି। ଚଳିତ ବର୍ଷ ବିଶ୍ୱ ଯୁବ ଦକ୍ଷତା ଦିବସର ବିଷୟବସ୍ତୁ 'ଏକ ସାଝା ଭବିଷ୍ୟତ ପାଇଁ ଦକ୍ଷତା' ସହ ସାମଂଜସ୍ୟ ରଖି କମ୍ପାନିର ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟରେ ୧ ଲକ୍ଷରୁ ଅଧିକ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତନ ଆସିଛି। ଭାରତ ବିଶ୍ୱସ୍ତରୀୟ ଉତ୍ପାଦନ ଓ ଶିଳ୍ପ କେନ୍ଦ୍ର ଭାବେ ଆଗକୁ ବଢୁଥିବା ବେଳେ ଏକ ଦକ୍ଷ ଓ ନିଯୁକ୍ତିଯୋଗ୍ୟ କାର୍ଯ୍ୟବଳର ଆବଶ୍ୟକତା ଅଧିକ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ଭିଆଇଏସଏଲ ଯୁବପିଢ଼ିଙ୍କୁ ବୈଷୟିକ,



ବୃତିଗତ, ଡିଜିଟାଲ୍ ଓ ଉଦ୍ୟୋଗୀ ଦକ୍ଷତାରେ ସଶକ୍ତ କରିବା ପାଇଁ ନିର'ର ବିନିଯୋଗ କରୁଛି ଯାହା ସେମାନଙ୍କୁ ଅର୍ଥନୈତିକ ଓ ସାମାଜିକ ପ୍ରଗତିର ସକ୍ରିୟ ଅଂଶୀଦାର କରିପାରୁଛି।

ଗୋଆର ସେସା ଟେକ୍ନିକାଲ୍ ସ୍କୁଲ୍ (ଏସଟିଏସ) ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ବୈଷୟିକ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ପ୍ରାୟ ୧୦୦ ପ୍ରତିଶତ ପ୍ଲେସମେଂଟ ରେକର୍ଡ ସହ ଏହି ସଂସ୍ଥା ୨,୧୦୦ରୁ ଅଧିକ ଯୁବକଙ୍କୁ ପ୍ରଶିକ୍ଷିତ କରି ଶିଳ୍ପ ପାଇଁ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିଛି । ବିଶେଷକରି ଛାତ୍ରୀମାନଙ୍କ ଅଂଶଗ୍ରହଣ ବୃଦ୍ଧି ଉପରେ ସଂସ୍ଥା ଗୁରୁତ୍ୱ ଦେଉଛି। ସେହିପରି ଝାଡ଼ଖଣ୍ଡର ବୋକାରୋସ୍ଥିତ ବେଦାନ୍ତ ଇଏସଏଲ୍ ସ୍କିଲ୍ ସ୍କୁଲ୍ ୨୦୨୨ ମସିହାରୁ ସୋଲାର ପିଭି ସ୍ଥାପନା ଓ ହୋମ୍ ଆପ୍ଲାଏନ୍ସ ମରାମତି ଭଳି ଶିଳ୍ପ ଚାହିଦାଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରୁଛି। ଏପର୍ଯ୍ୟନ୍ତ ୭୦୦ରୁ ଅଧିକ ଯୁବକ ପ୍ରଶିକ୍ଷଣ ପାଇଥିବା ବେଳେ ୪୦୦ରୁ ଅଧିକ ଯୁବକ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି। ଡିଜିଟାଲ୍ ସଶକ୍ତୀକରଣ କ୍ଷେତ୍ରରେ ମଧ୍ୟ ଭିଆଇଏସଏଲ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ଗୋଆ, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ୨୫ଟି ବେଦା' କମ୍ପ୍ୟୁଟର ସେସାର ଓ କମ୍ପ୍ୟୁଟର ଲ୍ୟାବ୍ ସ୍ଥାପନ ସହ ପ୍ରୋଜେକ୍ଟ 'ଆସ୍ ବିଦ୍ୟାଳୟ' ଅଧୀନରେ ଶିକ୍ଷଣ କାଫେ ମାଧ୍ୟମରେ ଝାଡ଼ଖଣ୍ଡର ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିଜିଟାଲ୍ ସାକ୍ଷରତା ବୃଦ୍ଧି କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ୮୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଓ ଯୁବକ ଉପକୃତ ହୋଇଛନ୍ତି।

# ଆସର୍, ଇନ୍‌ଟେଲ ଓ ଇନଫିନିଟି ଲର୍ଣ୍ଣ ଏନଇଇଟି ସିବିଟି ପ୍ରସ୍ତୁତି

**ଭୁବନେଶ୍ୱର, ୧୪।୭ (ମହାଭାରତ):** ଏନଇଇଟି ଏକ କଂପ୍ୟୁଟର ଭିତ୍ତିକ ପରୀକ୍ଷା (ସିବିଟି) ଢାଞ୍ଚାକୁ ୨୦୨୭ରୁ ରୂପାନ୍ତରିତ ହେବାକୁ ଯାଉଥିବାବେଳେ ବିଶ୍ୱସ୍ତରରେ ପ୍ରଯୁକ୍ତି କ୍ଷେତ୍ରରେ ଅଗ୍ରଣୀ ଆସର୍ ଓ ଇନ୍‌ଟେଲ, ଏବଂ ସେମାନଙ୍କ ସହିତ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଶ୍ରୀ ଚୈତନ୍ୟ ଏଜୁକେସନାଲ ଇନଷ୍ଟିଚ୍ୟୁସନ୍ସର ଏକ ପ୍ରୟାସ ତଥା ଭାରତର ଅନ୍ୟତମ ଅଗ୍ରଣୀ ଶିକ୍ଷଣ ପ୍ଲାଟଫର୍ମ ଇନଫିନିଟି ଲର୍ଣ୍ଣ ଭାରତର ପ୍ରଥମ ସମନ୍ୱିତ ଏନଇଇଟି ପ୍ରସ୍ତୁତ ପରିବ୍ୟବସ୍ଥା ନିମନ୍ତେ ସମ୍ମିଳିତ ହୋଇଛନ୍ତି। ଏହି ସହଯୋଗୀତାର ପ୍ରଥମ ପରିଣାମ ଭାବରେ ଆସର୍, ଇନ୍‌ଟେଲ ଏବଂ ଇନଫିନିଟି ଲର୍ଣ୍ଣ ଛାତ୍ର ଛାତ୍ରୀଙ୍କୁ ଏନଇଇଟି ସିବିଟି ରୂପାନ୍ତରଣ ନିମନ୍ତେ ଆବଶ୍ୟକ ଶିକ୍ଷଣ ପରିବ୍ୟବସ୍ଥା ଓ ଡିଜିଟାଲ ଆସ୍ଥାଭାବରେ ସୁସଜ୍ଜିତ କରିବାକୁ ଭାରତର ପ୍ରଥମ ଏନଇଇଟି ପ୍ରସ୍ତୁତ ଲାପଟପ୍ ଉନ୍ମୋଚନ କରିଛନ୍ତି।

ଏହି ସହଭାଗୀତା ଏସର୍‌ର ବିଶ୍ୱସନୀୟ ଆସପାୟାର ସିରିଜ୍‌ର ଲାପଟପ୍, ଇନ୍‌ଟେଲର ଉନ୍ନତ କଂପ୍ୟୁଟିଂ ପ୍ରଯୁକ୍ତି ଏବଂ ଇନଫିନିଟି ଲର୍ଣ୍ଣର ଏଆଇ-ପରିଚାଳିତ ପ୍ରସ୍ତୁତି ପରିବ୍ୟବସ୍ଥାକୁ ଏକତ୍ରିତ କରି ଭାରତର ନୂତନ ଶିକ୍ଷାଗତ ଚାଲେଞ୍ଜର ସମାଧାନ କରୁଥିବା ଏହି ଧରଣର ପ୍ରଥମ ସମାଧାନ ସୃଷ୍ଟି କରିଛି; ଯାହା ଉଚ୍ଚ-ଦାବିଦାର କଂପ୍ୟୁଟର ଭିତ୍ତିକ ପରୀକ୍ଷାଗୁଡିକ ନିମନ୍ତେ ପ୍ରତ୍ୟେକ ଛାତ୍ରଙ୍କୁ ଡିଜିଟାଲ ସ୍ତରରେ ପ୍ରସ୍ତୁତ କରିବା ସୁନିଶ୍ଚିତ କରୁଛି। ପ୍ରତ୍ୟେକ ବର୍ଷ, ଭାରତର ସର୍ବବୃହତ ଅଣ୍ଡରଗ୍ରାଜୁଏଟ ଡାକ୍ତରୀ ପ୍ରବେଶିକା ପରୀକ୍ଷା ଏନଇଇଟି ପାଇଁ ୨୨ ଲକ୍ଷରୁ ଅଧିକ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥାନ୍ତି।

# ଚାକିରୀ କ୍ଷେତ୍ରରେ ସଂରକ୍ଷଣ

କେନ୍ଦ୍ର ସରକାର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଉଚ୍ଚ ଜାତିର ପିଲାଙ୍କ ପାଇଁ ଉଭୟ ଶିକ୍ଷା ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ୧୦% ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ନିକଟରେ ସୁପ୍ରିମକୋର୍ଟ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ଏଥିଲାଗି ସମ୍ବିଧାନର ୧୦୩ତମ ସଂଶୋଧନକୁ ୫ଜଣିଆ ଖଣ୍ଡପୀଠ ବୈଧ ଘୋଷଣା କରିଛନ୍ତି। ଏହା ଫଳରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ବ୍ୟକ୍ତିଙ୍କୁ ସଂରକ୍ଷଣ ସୁବିଧା ମିଳିବାରେ ଆଉ କିଛି ଅସୁବିଧା ନାହିଁ। ସମ୍ବିଧାନର ୧୦୩ତମ ସଂଶୋଧନକୁ ବିରୋଧ କରିଥିବା ତତ୍କାଳିନ ବିଚାରପତି ଜଷ୍ଟିସ ୟୁ ୟୁ ଲଳିତ କହିଥିଲେ ଯେ, କେବଳ ଉଚ୍ଚବର୍ଗର ଗରିବଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଦ୍ୱାରା ଏସଟି/ଏସସି ଏବଂ ଓବିସି ବର୍ଗ ପ୍ରତି ଅନ୍ୟାୟ ହେଉଛି। କେବଳ ଅସଂରକ୍ଷିତ ବର୍ଗ ନୁହେଁ, ସଂରକ୍ଷିତ ବର୍ଗରେ ଯେଉଁମାନେ ଗରିବ ସେମାନଙ୍କୁ ମଧ୍ୟ ଏହି ସବିଧା ପ୍ରଦାନ କରାଯାଉ। ନଚେତ ସଂରକ୍ଷଣ ବ୍ୟବସ୍ଥାର ମୌଳିକ ଉଦ୍ଦେଶ୍ୟ ବିଫଳ ହେବ। ତା ଛଡ଼ା ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା ରହୁ। ଏହାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଜାୟ ରଖିବା ଅନୁଚିତ। ସ୍ୱାଧୀନତାର ୭୫ ବର୍ଷ ପରେ ବି ସଂରକ୍ଷଣ ବ୍ୟବସ୍ଥା କାଏମ ରହିବା ଏବଂ ଏହା ଅଧିକରୁ ଅଧିକ ସମ୍ପ୍ରସାରିତ ହେବା ଅନୁଚିତ। ଏହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣ ଏବଂ ବିଚାରଯୋଗ୍ୟ। କିନ୍ତୁ ସଂରକ୍ଷିତ ବର୍ଗର ଗରିବଙ୍କୁ ଏହି ୧୦%ରେ ସାମିଲ କରାଯିବା ଏକ ଭୁଲ ଚିନ୍ତାଧାରା। ସେମାନେ ଶିକ୍ଷା ଏବଂ ଚାକିରୀ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଉଛନ୍ତି। ଯେଉଁମାନେ ଏହାର ଫାଇଦା ଉଠାଇ ପାରୁନାହାଁନ୍ତି, ସେମାନଙ୍କୁ ପୁଣି ଗରିବ ବୋଲି କହି ଅଧିକ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବା ଅସାମ୍ବିଧାନିକ ହେବ। ସଂରକ୍ଷଣ ବ୍ୟବସ୍ତା ଏକ ସଭ୍ୟ ସମାଜର ପରିଚାୟକ ନୁହେଁ। ସାମାଜିକ ନ୍ୟାୟ ପରିବର୍ତ୍ତେ ଏହା ଏକ ପ୍ରକାର ଆଇନଗତ ଦୁର୍ନୀତି ବୋଲି କହିଲେ ଭୁଲ ହେବ ନାହିଁ। ପାଠ ପଢ଼ିବାକୁ ସମସ୍ତଙ୍କୁ ସମାନ ସବିଧା ମିଳୁ। ସମସ୍ତଙ୍କ ପାଇଁ ସମାନ ସୁଯୋଗ ରହୁ। ଯିଏ ଯୋଗ୍ୟ ସେ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବ। ଜଣେ ଉଚ୍ଚ ବର୍ଗର ଛାତ୍ର ପରୀକ୍ଷାରେ ୯୦ ପ୍ରତିଶତ ନମ୍ବର ରଖି ଯାହା ପାଉନାହିଁ, ତାହା ୫୦ ପ୍ରତିଶତ ନମ୍ବର ରଖିଥିବା ସଂରକ୍ଷିତ ବର୍ଗର ଛାତ୍ରଟିଏ ପାଇ ପାରୁଛି। ଏହା ଏକ ସାମାଜିକ କଳଙ୍କ। ଏହାକୁ ସାମାଜିକ ନ୍ୟାୟ କହିବା ସତ୍ୟର ଅପଳାପ କହିଲେ ଭୁଲ ହେବ ନାହିଁ। ଧର୍ମକୁ ଆଖିଠାର ଭଳି ଏହାକୁ ନ୍ୟାୟ ନାମରେ ଅନ୍ୟାୟ ବୋଲି କୁହାଯାଇପାରେ। ଏହା ହିଁ ଭାରତରେ ଘରୋଇକରଣର ମୁଖ୍ୟ କାରଣ ବୋଲି କୁହାଯାଇପାରେ। ଯେଉଁମାନେ ସଂରକ୍ଷଣ ସୁବିଧାରୁ ବଂଚିତ ହୋଇ ସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବାରୁ ବଂଚିତ ହେଉଛନ୍ତି ବା ସରକାରୀ ଚାକିରୀ ଖଣ୍ଡେ ପାଇପାରୁନାହାଁନ୍ତି ସେମାନେ ଘରୋଇ କରଣକୁ ସ୍ୱାଗତ କରୁଛନ୍ତି। ସେମାନେ ଘରୋଇ ସ୍କୁଲରେ ପାଠ ପଢୁଛନ୍ତି, ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରୀ କରିବାର ସୁଯୋଗ ପାଉଛନ୍ତି। ଯଦି ଭାରତରେ ଆର୍ଥିକ ଉଦାରିକରଣ ହୋଇନଥାନ୍ତା ବା ବଡ଼ ବଡ଼ କମ୍ପାନୀ ଭାରତରେ ସେମାନଙ୍କ କାରବାର ବା କାର୍ଯ୍ୟାଳୟ ପ୍ରତିଷ୍ଠା କରିନଥାନ୍ତେ ତେବେ ଆଜି ଅସଂରକ୍ଷିତ ବର୍ଗ ଆହୁରି ଅବହେଳିତ ହୋଇ ରହିଥାନ୍ତେ। ଆଜି କେନ୍ଦ୍ର ସରକାର ଅସଂରକ୍ଷିତ ବର୍ଗର ଗରିବଙ୍କୁ ସଂରକ୍ଷଣ ସୁବିଧା ପ୍ରଦାନ କରି ସେମାନଙ୍କ ପାଇଁ କିଛିଟା ଆଶାର ସଞ୍ଚାର କରିଛନ୍ତି ସତ, ମାତ୍ର ଏହା ମଧ୍ୟ ଏକ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା। କାରଣ ବାସ୍ତବରେ ଗରିବ କିଏ ଏବଂ ସେମାନଙ୍କୁ କିଏ ଚିହ୍ନଟ କରିବ, କେଉଁ ମାନଦଣ୍ଡରେ ସେମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ବୋଲି କୁହାଯିବେ ତାହା ଏକ ଅସମାହିତ ପ୍ରଶ୍ନ। ଏଥିନେଇ ଦୀର୍ଘ ଦିନ ହେବ ବିବାଦ ଚାଲିଛି। କିନ୍ତୁ ଏହାର ସମାଧାନ ହୋଇ ପାରିନାହିଁ।

# ଜୀବସତ୍ତା ଓ ପାବନା ଆଶ୍ରମର କାହାଣୀ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

> ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଷ୍ଚାର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି।

କିଛି ବର୍ଷ ତଳର କଥା ପାବନା ଆଶ୍ରମର ପଦ୍ମାତୀରର ବାଲିଚରରେ ଗୋଟିଏ ଘଟଣା ଘଟେ। ସେତେବେଳେ ଅଳ୍ପ ଅଳ୍ପ ଶୀତ ଅଛି। ପଦ୍ମାନଦୀର ପାଣି କମିଯାଇଛି। ସମ୍ମୁଖରେ ବିସ୍ତୀର୍ଣ୍ଣ ଚର ପଡ଼ିଛି। ଦୁଇଟି ଚକୁଆ-ଚକୋଇ ପଦ୍ମାର ଚର ଉପର ଦେଇ ଉଡିଯାଉଥିଲେ। ଅତର୍କିତ ଭାବରେ ଗୋଟିଏ ଶିକାରୀ ପକ୍ଷୀ ଦୁଇଟିକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲା। ଗୁଳି ଡେଣାରେ ବାଜିଲେ ମଧ ପକ୍ଷୀ ଦୁଇଟି ଉଡିଯାଇ ଚରର ଗୋଟିଏ ଜାଗାରେ ବସିଲେ। ସେତେବେଳେ ଶ୍ରୀ ଶ୍ରୀ ଠାକୁର ଆଶ୍ରମ ପ୍ରାଙ୍ଗଣର କୁଟୀର ବାରଣ୍ଡାରେ ଥିଲେ। ଗୁଳି ଶବ୍ଦ ଶୁଣି ସେ କହି ଉଠିଲେ, ହାୟ ! ପକ୍ଷୀ ଦୁଇଟିକୁ ମାରିଲା ବୋଧହୁଏ। ମୁଁ ଏପରି ଅସହାୟ ! ମୁଁ କ'ଣ କରିପାରିବି ? - ଏୟ କହି କୁଟୀରରୁ ତଳକୁ ଓହ୍ଲେଇ ଆସି ବନ୍ଧ କଡ଼େ କଡ଼େ ଆଗେଇ ଆସିଲେ ଏବଂ ଚର ଆଡ଼କୁ ଚାହିଁ ବ୍ୟାକୁଳ ଭାବେ ଦଉଡାଦଉଡି କରିବାକୁ ଲାଗିଲେ। ଏହା ମଧ୍ୟରେ ପକ୍ଷୀ ଦୁଇଟି ପ୍ରତି ସେଇ ଶିକାରୀ ଦ୍ୱିତୀୟବାର ଗୁଳି ଛାଡ଼ିଲା। ଏଥିରେ ଶ୍ରୀ ଶ୍ରୀ ଠାକୁର ଅତ୍ୟନ୍ତ ଶୋକାର୍ତ୍ତ ହୋଇ 'ହାୟ, ହାୟ ପକ୍ଷୀ ଦୁଇଟି ମଲେ।' କହି ଆର୍ତ୍ତନାଦ କରି ଉଠିଲେ। ତାଙ୍କ ନିଜ ବକ୍ଷରେ ଯେପରି ଗୁଳିବିଦ୍ଧ ହୋଇଛି ଏହିପରି ଅନୁଭବ କରି ତୀବ୍ର ଯନ୍ତ୍ରଣାରେ ଛଟପଟ ହୋଇ ମାଟିରେ ପଡ଼ି ଆହା ଉହୁ କରିବାକୁ ଲାଗିଲେ। ତାଙ୍କର ଏଇ ଯନ୍ତ୍ରଣା ଦେଖି ଉପସ୍ଥିତ କେହି ହେଲେ ଅଶ୍ରୁ ସମ୍ବରଣ କରିପାରିଲେ ନାହିଁ। ସର୍ବଜୀବ ସହିତ ଏକାତ୍ମତା ଶ୍ରୀ ଶ୍ରୀ ଠାକୁରଙ୍କ ଧାରଣାରେ ଏପରି ସୁପ୍ରତିଷ୍ଠିତ ଯେ ତାଙ୍କ ସମ୍ମୁଖରେ କୌଣସି ପ୍ରାଣୀକୁ ଆଘାତ କଲେ ସେଇ ଆଘାତର ଚିହ୍ନ ତାଙ୍କ ଶରୀରରେ ପରିସ୍ଫୁଟ ହୋଇ ଦେଖାଯାଇଛି। ଏଇ ଘଟଣାଟି ଘଟିଥିଲା ମୁଁ ଶ୍ରୀ ଶ୍ରୀ ଠାକୁରଙ୍କ ସଂସ୍ପର୍ଶରେ ଆସିବାର ଅବ୍ୟବହିତ ପୂର୍ବେ। ଦିନେ ସେ ଘୋଡ଼ା ଗାଡ଼ିରେ ବସି କୁଷ୍ଟିୟାକୁ ବାରାଦି ଗାଁକୁ ଡାକ୍ତର ଗୋପେନ୍ଦ୍ରଚନ୍ଦ୍ର ସାହାଙ୍କ ଘରକୁ ଯାଉଥିଲେ। ଘୋଡ଼ାଗାଡ଼ିରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଚାରିଜଣ ଆରୋହୀ ଥିଲେ। ସେମାନଙ୍କ ମଧ୍ୟରେ ଥିଲେ ଡାକ୍ତର ସତୀଶଚନ୍ଦ୍ର ଜୋୟାରଦାର, ବୀରେନ୍ଦ୍ରନାଥ ରାୟ (ମୁକ୍ତାର) ଓ ଡାକ୍ତର ଗୋକୁଳଚନ୍ଦ୍ର ମଣ୍ଡଳ। ଘୋଡ଼ାଟି ଥିଲା ଅପେକ୍ଷାକୃତ ଦୁର୍ବଳ। ତେଣୁ ଶୀଘ୍ର ଚାଲି ନପାରିବାରୁ କୋଚମ୍ୟାନ ପାଏଁ ପାଏଁ ତିନି ପାହାର ଚାବୁକା ମାରେ ଘୋଡ଼ା ପିଠିରେ। ଚାବୁକ ମାରିବା ମାତ୍ରେ ହିଁ ଶ୍ରୀ ଶ୍ରୀ ଠାକୁର ଗାଡ଼ିରୁ ଓହ୍ଲେଇ ପଡ଼ିଲେ ଏବଂ ଘୋଡ଼ାର ଖୁବ୍ କଷ୍ଟ ହେଉଛି - ଆସନ୍ତୁ ଆମେ ଚାଲି ଚାଲି ଯିବା। ଏହା କହି ସମସ୍ତଙ୍କୁ ଗାଡ଼ିରୁ ଓହ୍ଲେଇ ପଡ଼ିବାକୁ କହିଲେ। ତାପରେ ଘୋଡ଼ାଗାଡ଼ିଟିକୁ ବିଦାୟ ଦେଇ ସେମାନେ ଚାଲି ଚାଲି ବାରାଦି ଗାଁରେ ପହଞ୍ଚିଲେ। ସେଠାରେ ଯାଇ କିଛି ସମୟ ବିଶ୍ରାମ ନେଇ ଶ୍ରୀ ଶ୍ରୀ ଠାକୁର ହାତମୁହଁ ଧୋଇ ଦେହରୁ ଜାମା ଓ ଚାଦର ଖୋଲି ଶଯ୍ୟାରେ ବିଶ୍ରାମ କରିବାକୁ ଲାଗିଲେ। ତାଙ୍କର ଜଣେ ସଙ୍ଗୀ ତାଙ୍କର ପଦସେବା କରୁ କରୁ ତାଙ୍କ ପିଠିରେ ଚାବୁକ ପାହାରର ତିନୋଟି ଆଘାତର ଚିହ୍ନ ଦେଖି ଚମକିତ ହୋଇ କହିଉଠିଲେ - ଇଏ କ'ଣ ! ଆପଣଙ୍କ ପିଠିରେ ତିନୋଟି ଚାବୁକ ମାଡ଼ର ଦାଗ ଆସିଲା କିପରି ?

ଶ୍ରୀ ଶ୍ରୀ ଠାକୁର ପ୍ରଥମେ ନୀରବ ରହିଲେ। ଯେତେବେଳେ ସେଇ ସଙ୍ଗୀଟି ବାରମ୍ବାର ଏ ବିଷୟରେ ପ୍ରଶ୍ନ କରିବାକୁ ଲାଗିଲେ ସେତେବେଳେ ସେ ଧୀର ଭାବରେ କହିଲେ - ଯେତେବେଳେ ଗାଡ଼ିରେ ବସି ଆସୁଥିଲି, ସେତେବେଳେ କୋଚମ୍ୟାନ ଘୋଡାଟାକୁ ପାଏଁ ପାଏଁ କରି ତିନିଟା ଚାବୁକ ମାରିଥିଲା। ତାହା ମୋତେ ବଡ଼ କଷ୍ଟ ଦେଇଥିଲା। ତେଣୁ ସେମିତି ଦାଗ ହୋଇଥିବ ବୋଧହୁଏ। ସଙ୍ଗୀଟି ସେତେବେଳେ ଆଷ୍ଚାର୍ଯ୍ୟାନ୍ୱିତ ହୋଇ ପ୍ରଶ୍ନ କରିଥିଲେ - ଘୋଡ଼ାକୁ ଚାବୁକ ମାରିଲେ ଘୋଡ଼ା ପିଠିରେ ଦାଗ ବସିଯାଇପାରେ, ସେ କଥା ବୁଝିପାରୁଛି। କିନ୍ତୁ ସେଇ ଦାଗ ଆପଣଙ୍କ ଦେହରେ କିପରି ସୃଷ୍ଟି ହେଲା, ତାହା ତ ବୁଝିପାରୁନାହିଁ। ସେତେବେଳେ ସେ କହିଲେ - ଘୋଡ଼ାର କଷ୍ଟଟା ଠିକ୍ ନିଜର କଷ୍ଟ ବୋଲି ଅନୁଭବ କରିଥିଲି ବୋଲି ସମ୍ଭବତଃ ନିଜ ଦେହରେ ସେଇପରି ଚିହ୍ନ ବସିଯାଇଥିବ। ଏହି କଥାଟି ଯେତେବେଳେ ସେଇ ସଙ୍ଗୀଟିର ନିଜ ମୁହଁରୁ ଶୁଣିଥିଲି ସେତେବେଳେ ମୁଁ ନିଜେ ବି ବିଶ୍ୱାସ ସ୍ଥାପନ କରିପାରିନି। କାରଣ, ଏପରି ଘଟଣାର ବାସ୍ତବ ଅଭିଜ୍ଞତା ମୋର ନଥିଲା। ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କର ଆଉ ଦୁଇଜଣ ସହଯାତ୍ରୀଙ୍କୁ ଏବଂ ବାରାଦିର ଡାକ୍ତର ଗୋପେନ୍‌ବାବୁ - ଯାହାଙ୍କ ଘରକୁ ଏମାନେ ଯାଇଥିଲେ - ସେମାନଙ୍କୁ ଅଲଗା ଅଲଗା ଭାବେ ଏହି ବିଷୟରେ ପଚାରିଲି। ସେ ତିନିଜଣ ଯାକ ସମସ୍ତେ କହିଲେ ଯେ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ତିନିଟି ଚାବୁକ୍‌ର ଦାଗ ସେମାନେ ଦେଖିଛନ୍ତି - ଏ କଥା ଧ୍ରୁବ ସତ୍ୟ। କିନ୍ତୁ ଘୋଡ଼ାକୁ ମାରିବା ଚାବୁକର ଦାଗ ଶ୍ରୀ ଶ୍ରୀ ଠାକୁରଙ୍କ ପିଠିରେ ପ୍ରକଟ ହେଲା କିପରି - ଏକଥା ସେମାନଙ୍କ ବୁଦ୍ଧିର ଅଗମ୍ୟ ବା ଏଭଳି ଘଟଣାର ନଜିର କେଉଁଠି ହେଲେ ଅଛି କି ନା ତାହା ସେମାନେ କହିବାକୁ ଅକ୍ଷମ। ମୁଁ ସେତେବେଳେ ସେମାନଙ୍କୁ କହିଥିଲି ଯେ ଏପରି ଘଟଣା ନିଜେ ନ ଦେଖିଲେ ମଧ ପୃଥିବୀ ଇତିହାସରେ ଏପରି ନଜିର ଅଛି। କଥିତ ଅଛି ଯେ ଭଗବାନ ରାମକୃଷ୍ଣ ଦେବ ଯେତେବେଳେ ସ୍ତ୍ରୀଭାବେ ସାଧନା କରୁଥିଲେ ସେତେବେଳେ ତାଙ୍କର ପୁରୁଷ ଦେହରେ ସ୍ତ୍ରୀଅଙ୍ଗର ସମସ୍ତ ଲକ୍ଷଣ ପ୍ରକାଶିତ ହୋଇଥିଲା। ପରେ ପାଶ୍ଚାତ୍ୟ ଜଗତର ଖ୍ରୀଷ୍ଟଧର୍ମର ଇତିହାସ ଆଲୋଚନା ବେଳେ ଜାଣିଛି ଯେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କ ସମ୍ବନ୍ଧରେ ଗଭୀର ଭାବେ ଚିନ୍ତା କରିବା ଫଳରେ କୌଣସି ଖ୍ରୀଷ୍ଟଭକ୍ତଙ୍କ ଦେହରେ ଅନୁରୂପ କ୍ଷତଚିହ୍ନ ଓ ରକ୍ତ କ୍ଷରଣ ପରିଲକ୍ଷିତ ହୋଇଥିଲା। ଏଇ ବିଂଶ ଶତାବ୍ଦୀରେ ହିଁ ୧୯୬୨ ମସିହାରେ ଜର୍ମାନୀର ଅନ୍ତର୍ଗତ ବ୍ୟାଭେରିୟାର କୋନାର - ସେରିଭୟ ଗ୍ରାମରେ ଥେରେସା ନିଉମ୍ୟାନ ନାମରେ ଜଣେ କ୍ୟାଥଲିକ୍ ମହିଳାର ମଥା, ଛାତି ଓ ପାଦରେ କ୍ରୁଶବିଦ୍ଧ ଭଗବାନ ଯୀଶୁଙ୍କର ଚିନ୍ତା କରୁ କରୁ ଅନୁରୂପ କ୍ଷତର ସୃଷ୍ଟି ହୁଏ ଏବଂ କ୍ଷତସ୍ଥାନରୁ ଏତେ ପରିମାଣରେ ରକ୍ତପାତ ହୁଏ ଯେ ତାଙ୍କ ଶରୀରର ଓଜନ ଦଶ ପାଉଣ୍ଡ କମିଯାଏ। ଡାକ୍ତର ଫ୍ରିଜ ଜାରଲିକ୍ ନାମରେ ଗୋଟିଏ ଜର୍ମାନ ପତ୍ରିକାର ସମ୍ପାଦକ ଏହା ଏକ ବିରାଟ ଧପ୍‌ପାବାଜି ବୋଲି ମନେକରି ସେଇ ମହିଳାଙ୍କୁ ପରୀକ୍ଷା କରିବାକୁ ଯାନ୍ତି। ସେ ସବୁ ଦେଖିଶୁଣି ଓ ପରୀକ୍ଷା କରି ସନ୍ଦେହମୁକ୍ତ ହୋଇ ଉକ୍ତ ମହିଳାର ଜଣେ ଭକ୍ତ ହୋଇଉଠନ୍ତି ଏବଂ ସ୍ୱୟଂ ସେଇ ମହିଳାର ଜୀବନୀ ଲେଖନ୍ତି। ବାରାଦି ଗ୍ରାମର ଉକ୍ତ ଘଟଣା ସଂଘଟିତ ହେବା ପୂର୍ବରୁ ଅନୁରୂପ ଆଉ ଗୋଟିଏ ଘଟଣା ଘଟେ ହିମାଇତପୁରେ। ଶ୍ରୀ ଶ୍ରୀ ଠାକୁର କିଶୋରୀମୋହନ ଦାସଙ୍କ ହିମାଇତପୁର ଶ୍ମଶାନର କଡ଼ ଦେଇ ଯାଉଥିଲେ। ଗୋଟାଏ ଗୋରୁ ସେଠାରେ ଦଉଡିରେ ବନ୍ଧା ହୋଇଥିଲା। ଗୋରୁଟା ଚରୁ ଚରୁ ବେକରେ ଦଉଡି ଲାଗିଥିବା ଅବସ୍ଥାରେ ପଦ୍ମାନଦୀର ପଠାରୁ ତଳକୁ ପଡ଼ିଯାଏ ଏବଂ ଦଉଡିରେ ନଟକି ରହିଥାଏ ଆଉ ପ୍ରାଣପଣେ ଡାକ ଛାଡୁଥାଏ। ତାର ଏଇ ଆର୍ତ୍ତନାଦ ଶୁଣି କିଶୋରୀଦା ଓ ଶ୍ରୀ ଶ୍ରୀ ଠାକୁର ଦୌଡ଼ିଯାଇ ଗୋରୁଟାକୁ ଏଇ ଅବସ୍ଥାରେ ଦେଖନ୍ତି। ଶ୍ରୀ ଶ୍ରୀ ଠାକୁରଙ୍କ ଇଙ୍ଗିତରେ କିଶୋରୀଦା ତଡ଼ିତ ବେଗରେ ଲମ୍ଫଦେଇ ତଳେ ପଡ଼ିଲେ ଓ ଗୋରୁଟାର ପଛରୁ ଧରି ଖୁବ୍ ଜୋରରେ ଉପରକୁ ଠେଲୁଥାନ୍ତି ଆଉ ଶ୍ରୀ ଶ୍ରୀ ଠାକୁର ଉପରୁ ସେଇ ଦଉଡି ଧରି ଟାଣୁଥାନ୍ତି। ଏହିପରି କରି ଅତି କଷ୍ଟରେ ଗୋରୁଟାକୁ ଉପରକୁ ଟେକାହୁଏ। ଖୁବ୍ ଜୋରରେ ଦଉଡି ଭିଡ଼ି ହୋଇଯାଇଥିବାରୁ ଗୋରୁଟିର ବେକରେ ଦଉଡିର ଦାଗର ଚିହ୍ନ ସ୍ପଷ୍ଟ ଦେଖାଯାଏ। ଗୋରୁଟାକୁ ଏହିପରି ଭାବେ ମରଣ ହାତରୁ ରକ୍ଷା କରିବା ପରେ କିଶୋରୀଦାଙ୍କର ଅଲକ୍ଷ୍ୟରେ ଶ୍ରୀ ଶ୍ରୀ ଠାକୁର ଲୁଗାର ଖୋସାଣି ଖୋଲି ସଙ୍ଗେ ସଙ୍ଗେ ନିଜ ବେକରେ ଗୁଡ଼ାଇଲେ ଏବଂ ଦୁହେଁ ଆଶ୍ରମକୁ ଫେରିଆସିଲେ। ଆଶ୍ରମକୁ ଫେରିଆସି ଶ୍ରୀ ଶ୍ରୀ ଠାକୁର ବେକରେ ଗୁଡ଼ାଇଥିବା ଲୁଗା ଖୋଲିବା ମାତ୍ରେ କିଶୋରୀଦା ଦେଖିପାରିଲେ - ବେକରେ ଦଉଡି ଦେଇ ଜୋର କରି ବାନ୍ଧିଲେ ଯେପରି ଚିହ୍ନ ପଡ଼ିଯାଏ ଶ୍ରୀ ଶ୍ରୀ ଠାକୁରଙ୍କ ବେକରେ ଅନୁରୂପ ଚିହ୍ନ ପ୍ରକାଶ ପାଉଛି। ସେ ସେତେବେଳେ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ ଆପଣଙ୍କ ବେକରେ ଏପରି ଦାଗ ଆଗରୁ ତ କେବେ ଦେଖିନି। ଏ ଦାଗ ଆସିଲା କେଉଁଠୁ ? ଶ୍ରୀ ଶ୍ରୀ ଠାକୁର - ଗୋରୁଟାର ବେକରେ ଖୁବ୍ ଜୋରରେ ଦଉଡି ଟଣାର ଦାଗ ପଡ଼ିଯାଇଥିଲା। ତେଣୁ ମୋ ବେକରେ ବି ସେହିପରି ଦାଗ ହୋଇଛି। କିଶୋରୀଦା ଶ୍ରୀ ଶ୍ରୀ ଠାକୁରଙ୍କ ପାଖରୁ ଏଇ କଥା ଶୁଣି ହତଭମ୍ବ ହୋଇଗଲେ। ଭାବିବାକୁ ଲାଗିଲେ - ଏହା କିପରି ସମ୍ଭବ ? ତା ହେଲେ କ'ଣ କହିବାକୁ ହେବ ଯେ ସେ ପ୍ରତ୍ୟେକ ଜୀବର ସତ୍ତା ସହ ଓତପ୍ରୋତ ଭାବେ ଜଡ଼ିତ ? ସେମାନଙ୍କର ସୁଖଦୁଃଖ କଣ ନିଜର ସୁଖଦୁଃଖ ବୋଲି ଅନୁଭବ କରନ୍ତି ? ଉପରୋକ୍ତ ଘଟଣାଟି ଶ୍ରଦ୍ଧେୟ କିଶୋରୀଦାଙ୍କ ପାଖରୁ ଅବଗତ ହେବାପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ ନିଜେ ପଚାରି ଏ ବିଷୟରେ ସମ୍ପୂର୍ଣ୍ଣ ନିଃସନ୍ଦେହ ହୋଇଛି।

ସହ-ପ୍ରତିରଦ୍ୱିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,

# ଶବ୍ଦ ପ୍ରଦୂଷଣ ଓ ମନୁଷ୍ୟ ଉପରେ ଏହାର କୁପ୍ରଭାବ

॥ ବିଷ୍ଣୁ ପ୍ରସାଦ ଦାସ ॥

ପୃଥିବୀ ପୃଷ୍ଠ ରେ ଉତ୍ପନ୍ନ ହେଉଥିବା ଶବ୍ଦ ବାୟୁରେ ତରଙ୍ଗ ସୃଷ୍ଟି କରି କର୍ଣ୍ଣ ଗହ୍ୱରେ ପ୍ରବେଶ କରି କର୍ଣ୍ଣ ପରଦାକୁ ଛୁଇଁଲା ପରେ ଆମେ ଶବ୍ଦକୁ ଶୁଣିପାରୁ, ପ୍ରାକୃତିକ ଉପାୟରେ ତଥା କିଛି ଶ୍ରବଣ ଯନ୍ତ୍ର ଜରିଆରେ ଏହି ପ୍ରକ୍ରିୟା ଚାଲିଥାଏ । ପ୍ରକୃତି ମଣିଷ ସହିତ ସବୁ ଜୀବଜନ୍ତୁ , ସରୀସୃପ , ପଶୁ ପକ୍ଷୀ ମାନଙ୍କୁ କର୍ଣ୍ଣ ଦ୍ୱାରା ଶବ୍ଦ ଗ୍ରହଣ କରିବାର ବ୍ୟବସ୍ଥା କରିଛି ଓ । ତେବେ କଥା ହେଉଛି , ଆମ କର୍ଣ୍ଣ କେତେ ଉଚ୍ଚ ଶବ୍ଦ ଗ୍ରହଣ କରିବାକୁ ସକ୍ଷମ ? ଆଉ ଯଦି ଗ୍ରହଣ କରିବା କ୍ଷମତା ଠାରୁ ଅତ୍ୟଧିକ ଶବ୍ଦ ସୃଷ୍ଟି ହୁଏ ତେବେ ଆମର ମାନସିକ ସ୍ଥିତି କଣ ହେବ ? ଅନେକ ବିଜ୍ଞ , ଗୁଣି ବ୍ୟକ୍ତି ଏହାଉପରେ ପୁଙ୍ଖଓନୁ ପୁଙ୍ଖ ଗବେଷଣା କରିଛନ୍ତି ଅହୁର ମଧ ଚାଲିଛି । ଶବ୍ଦ ପ୍ରଦ୍ୟୁଷଣ କେବଳ ଭାରତରେ ନୁହେଁ ସାରା ପୃଥିବୀର ଏକ ଜଟିଳ ସମସ୍ୟା, ଆମ ଦେଶରେ ସରକାର ୨୪ ଏପ୍ରିଲ ୨୦୦୦ ମସିହାରେ ଶବ୍ଦ ପ୍ରଦ୍ୟୁଷଣ ନିୟମାକ ଆଇନ ପ୍ରଚଳନ କଲେ । ଦୀର୍ଘ ୨୨ ବର୍ଷ ପରେ ମଧ ଶବ୍ଦ ପ୍ରଦ୍ୟୁଷଣ ରୋକିବା ପାଇଁ ସେମିତି କିଛି ଆଖି ଦୃଶିଆ କାର୍ଯ୍ୟ ହୋଇନାହିଁ । ବିଭାଗୀୟ କର୍ମକର୍ତ୍ତାଙ୍କ ଆନ୍ତରିକତାର ଅଭାବ ତଥା ସରକାରଙ୍କ ଅଙ୍କୁଶ ବୋଧ ହୁଏ ଏହି ବିଭାଗ ଉପରେ କାର୍ଯ୍ୟ କରୁନାହିଁ , ନ' ହେଲେ ଖୁଲମଖୁଲା ଆମମାନଙ୍କୁ ଶବ୍ଦ ପ୍ରଦ୍ୟୁଷଣ ଜନିତ କଷ୍ଟ ସହିବାକୁ ପଡନ୍ତା ନାହିଁ ।

ଅତ୍ୟଧିକ ଶବ୍ଦ ମନୁଷ୍ୟ ତଥା ଅନ୍ୟ ପ୍ରାଣୀ ମାନଙ୍କ ପାଇଁ କ୍ଷତିକାରକ ବୋଲି ସାବ୍ୟସ୍ତ ହୋଇଛି । ମଧୁର ବାଦ୍ୟ ସଙ୍ଗୀତର ମୁର୍ଚ୍ଛନା ଆନନ୍ଦ ଦେଉଥିବା ବେଳେ ଉଚ୍ଚାଙ୍ଗ ସଂଗୀତ ମାନସିକ ଚାପ ବଢାଇଥାଏ । ବିଶେଷଜ୍ଞ ମାନଙ୍କ କହିବା କଥା ଅତ୍ୟଧିକ ଶବ୍ଦ ଆମର ଶରୀର ଉପରେ ଅନେକ କୁପ୍ରଭାବ ପକାଇଥାଏ ଯଥା : ଚାପଗ୍ରସ୍ତ,ହୃଦ୍‌ଘାତ,ଉଚ୍ଚରକ୍ତଚାପ,ଶ୍ରବଣଶକ୍ତି ଚାଲିଯିବା,ନିଦ୍ରାରେ ବ୍ୟାଘାତ, ବୋଧଶକ୍ତି ହରାଇବା , ବାଚାଳାମି, ଅତ୍ୟଧିକ ମୁଣ୍ଡବ୍ୟଥା,ତଥା ସ୍ନାୟବିକ ଦୁର୍ବଳତା ଦେଖାଦେଇଥାଏ ଓ ରୋଗୀ ଓ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଅତ୍ୟଧିକ ଶବ୍ଦ ଗ୍ରହଣକରିବା ଖୁବ କଷ୍ଟ ଦାୟକ ତଥା ସେମାନଙ୍କୁ ମରଣାନ୍ତକ ଯନ୍ତ୍ରଣା ଦେଇଥାଏ ଓ ତେବେ ଏହି ଶବ୍ଦ କେମିତି ଆଉ କେଉଁଠାରୁ ଉତ୍ପନ୍ନ ହୁଏ ଏବଂ ଆମେ ଏହାକୁ କିପରି ନିୟନ୍ତ୍ରିତ କରିପାରିବା ସେହି ବିଷୟରେ ମୋର ସୀମିତ ଜ୍ଞାନରୁ କିଞ୍ଚିତ ଆଲୋକପାତ କରିବାକୁ ଶ୍ରେୟ ମଣୁଛି ।

ଶବ୍ଦ ଏକପ୍ରକାର ଶକ୍ତି ଏହା କମ୍ପନରୁ ସୃଷ୍ଟି, ଯେତେବେଳେ କୌଣସି ଜିନିଷ ଉପରେ କମ୍ପନ ସୃଷ୍ଟି ହୁଏ ତାହା ନିକଟରେ ଥିବା ବାୟୁ କଣିକା ଉପରେ ପ୍ରଭାବ ପକାଇଥାଏ ଏବଂ କମ୍ପିତ ବାୟୁକଣିକା ତାହା ପାର୍ଶ୍ୱବର୍ତ୍ତୀ କଣିକା ଉପରେ ପ୍ରଭାବ ପକାଏ ଏମିତି ଭାବେ ଶବ୍ଦ ତରଙ୍ଗ ସୃଷ୍ଟିକରି ଚର୍ତ୍ତୁ ପାର୍ଶ୍ୱ କୁ ବ୍ୟାପି ଥାଏ , ଠିକ ଗୋଟିଏ ଜଳାଶୟ ମଝିରେ ଗୋଟିଏ ଛୋଟ ପ୍ରସ୍ଥର ଖଣ୍ଡ ନିକ୍ଷେପ କଲେ ଜଳରେ ଯେପରି ତରଙ୍ଗ ସୃଷ୍ଟି ହୁଏ, ଅଦୃଶ୍ୟ ଭାବେ ଶବ୍ଦ ତରଙ୍ଗ ବାୟୁରେ କେନ୍ଦ୍ରବିନ୍ଦୁ ଠାରୁ ନିଜର ବ୍ୟାସ ବଢ଼ାଇ ଗତିକରିଥଏ । କମ୍ପନର ତୀବ୍ରତା ଅନୁସାରେ ବାୟୁକଣିକା ନିର୍ଦ୍ଦିଷ୍ଟ ଏକ ଦୂରତା ପର୍ଯ୍ୟନ୍ତ ଯାଇ ଧୀରେ ଧୀରେ ଦୁର୍ବଳ ହୋଇ ଶକ୍ତିହୀନ ହୋଇଯାଏ, ଶବ୍ଦର ତୀବ୍ରତା ଆମେ ଡେସିବିଲ(dB ) ରେ ମାପ କରିଥାଉ , ସାଧାରଣତଃ ଆମ ମସ୍ତିଷ୍କ । କର୍ଣ୍ଣ ଗହ୍ୱର ୭୦ ଡେସି ବିଲ ଶବ୍ଦକୁ ସହଜରେ ଗ୍ରହଣ କରିଥାଏ । ଅତିବେଶୀରେ ଏହା ୮୫ ଡେସି ବିଲ ପର୍ଯ୍ୟନ୍ତ ସହ୍ୟ କରିପାରିବ ସେ ବି ବେଶୀ ସମୟ ନୁହେଁ ଓ ସରକାରୀ ନିୟମ ଅନୁସାରେ କେହି ୬୫ ଡେସି ବିଲ ରୁ ଅଧିକ ତୀବ୍ରତାର ଧ୍ୱନି ଉତ୍ପନ୍ନ କାରି ଯନ୍ତ୍ର ବ୍ୟବହାର କରିପାରିବେ ନାହିଁ । ଶବ୍ଦର ଉତ୍ପତ୍ତିସ୍ଥଳ : ଆମେ ଶୁଣିବା ପାଇଁ ଶବ୍ଦ ତରଙ୍ଗ ୨୦ ହର୍ଜରୁ ୨୦ ହଜାର ହର୍ଜ ଭିତରେ ରହିବା ଦରକାର, ତାହାଠାରୁ ବେଶୀ ବା କମ ହେଲେ ଆମେ ଶୁଣି ପାରିବା ନାହିଁ , ଶବ୍ଦ ଅନେକ ପ୍ରକାର ୧. ଇନ୍ଫ୍ରା ସନିକ( ୨୦ ହର୍ଜ ରୁ କମ ), ୨. ସନିକ( ୨୦ ରୁ ୨୦ ହଜାର ହର୍ଜ ମଧରେ ) , ୩. ଅଲଟ୍ରା ସନିକ ( ୨୦ ହଜାର ହର୍ଜ ରୁ ଅଧିକ ) ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଗୋଟିଏ ମଶା କାନପାଖ ଦେଇ ଗଲେ ୨୦ ଡେସି ବିଲ ଶବ୍ଦ କରିଥାଏ , ଆମେ ହସିଲାବେଳେ ୬୦ ରୁ ୬୫ ଡେସି ବିଲ , ସାଧାରଣ କଥା ହେଲେ ୪୦ ରୁ ୫୦ ଡେସି ବିଲ , ଭ୍ୟାକୁମ କ୍ଲିନର ଚଳାଇଲେ ୭୦ ଡେସି ବିଲ , ଟ୍ରକ, ବସ, ଟ୍ରାକ୍ଟର ୮୪ ଡେସି ବିଲ , କାର, ଜିପ ଇତ୍ୟାଦି ୭୦ ରୁ ୭୫ ଡେସି ବିଲ , ଗାଡ଼ିରେ ଲାଗିଥିବା ହର୍ଣ୍ଣ ୧୦୦ ଡେସି ବିଲ, ଉଡ଼ାଜାହାଜ ୧୦୦ ରୁ ୧୩୦ ଡେସି ବିଲ ଶବ୍ଦ ଉତ୍ପନ୍ନ କରୁଥିବା ବେଳେ ଷ୍ଟେରିଓ ସାଉଣ୍ଡ ସିଷ୍ଟମ ୧୩୦ ଡେସି ବିଲ ରୁ ବି ଅଧିକ ଶବ୍ଦ ଉତ୍ପନ୍ନ କରେ ଏଥିରେ ଡ଼ି:ଯେ , ମାଇକ । ଅନ୍ୟାନ୍ୟ ସରଞ୍ଜାମ ବି ସାମିଲ ଓ ରେଳ ଗାଡି ୮୦ ରୁ ୧୦୦ ଡେସି ବିଲ ଶବ୍ଦ ଉତ୍ପନ୍ନ କରେ।

ଜ୍ଞାନୀ, ଗୁଣି, ବିଜ୍ଞ ବ୍ୟକ୍ତି ମାନେ କାହିଁକି ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁନାହାନ୍ତି ? ଅନ୍ୟାୟକୁ ଆଉ କେତେ ଦିନ ସହିବା ? ଆଜିକାଲି ଲଗାମଛଡ଼ା ଡ଼ି: ଯେ , ମାଇକ ଆଉ ଜାଣିଶୁଣି କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଦ୍ୱାରା ଶବ୍ଦ ପ୍ରଦ୍ୟୁଷଣ ହେଉଛି ଏହାର କ'ଣ କିଛି ପ୍ରତିକାର ନାହିଁ ? ? ବିଭିନ୍ନ ଅନୁଷ୍ଠାନ ପାଇଁ ବା ରାସ୍ତାରେ ବାଜା ବଜାଇ ଶୋଭାଯାତ୍ରାରେ ଯିବା ପାଇଁ ସରକାରୀ ନିୟମ ଅନୁସାରେ ଥାନାରୁ ଅନୁମତି ମିଳେ, ସବୁ ସର୍ତ୍ତକୁ ମାନିନେଇ ଦରଖାସ୍ତ କାରି ଦସ୍ତଖତ ଦିଅନ୍ତି କିନ୍ତୁ କୁକୁର ଲାଙ୍ଗୁଡ଼ ଯେଉଁ ବଙ୍କା କୁ ସେଇ ବଙ୍କା କେହି ମାନନ୍ତି ନାହିଁ ୬୫ ଡେସି ବିଲ କୁ ବଢ଼ାଇ ୧୩୦ ଡେସି ବିଲ କରିଦିଆ ଯାଏ , ନାଲିପାଣି ହେଉ କି ଅନ୍ୟ ଜୋଶରେ ହେଉ ଅନ୍ୟର ସୁବିଧା ଅସୁବିଧା ଦେଖିବକୁ ବେଳ ନଥାଏ ,ଉଚ୍ଚାଙ୍ଗ ସଙ୍ଗୀତର ତାଳେ ତାଳେ ଗୋଡ଼ ଖାଲି ଉଠୁ ଥାଏ କି ପଡୁଥାଏ , ଡ଼ି;ଯେ ।ଲା ବି ଖୁଶ କାରଣ ଏହା ତାଙ୍କ ପାଇଁ ଏକ ବିଜ୍ଞାପନ ସଦୃଶ ଓ କାନଫଟା ଚିତ୍କାର କ'ଣ ବନ୍ଦ କରି ଶ୍ରୁତିମଧୁର ବାଦ୍ୟ/ସଙ୍ଗୀତ ଶବ୍ଦରେ ଯାଇ ହେବ ନାହିଁ ? ଆଜିକାଲି ସବୁ ଧର୍ମାନୁଷ୍ଠାନରେ ମାଇକ ର ପ୍ରଚଳନ ବହୁଳ ଭାବେ ଦେଖିବାକୁ ମିଳେ, କୌଣସି ଧର୍ମ୍ମ ଖରାପ ନୁହେଁ କି କାହାକୁ ଛୋଟ ଭାବିବା ଉଚିତ ନୁହେଁ, ସବୁ ଧର୍ମମକୁ ମୁଁ ସମ୍ମାନଦିଏ , କିନ୍ତୁ ଭାଇ ! ଟିକେ ହୃଦୟରୁ ଚିନ୍ତା କରନ୍ତୁ ତ' କାହାରି ଇଚ୍ଛା ବିରୁଦ୍ଧରେ କାହାରି ଉପରେ କଣ ଧର୍ମ୍ମ ବା ଧର୍ମ୍ମର ବାଣୀକୁ ମାଇକ ଦ୍ୱାରା ବଳପୂର୍ବକ ଲଦିଦେବା ଠିକ ହେଉଛି କି ? ସମସ୍ତେ କିଛି ନା' କିଛି କାର୍ଯ୍ୟରେ ବ୍ୟସ୍ତ ଆପଣମାନଙ୍କ ସୁବିଧା ପାଇଁ ଆପଣ କାହିଁକି ଅନ୍ୟକୁ କଷ୍ଟ ଦେବେ ? ଘରେ ଯଦି ହନୁମାନ ଚାଳିଶା କରିବାକୁ ଡାକିବେ ତେବେ ଯେଉଁ ଗାୟକ ମାନେ ଆସିବେ ସେମାନେ ନିଶ୍ଚିତ ଭାବେ ମାଇକ ଆଣି ଅତିଉଚ୍ଚ ଶବ୍ଦ କରି ବଜାଇବେ ଯଦି ଆପଣ କହିଲେ ତେବେ ତାଙ୍କର କ୍ଷୋଭ, ପୂଜା ଆପଣଙ୍କ ଘରେ ହେଉଛି ହେଉ କିଏ ମନା କରୁଛିକି ? ତେବେ ଆପଣଙ୍କର କୌଣସି ଅଧିକାର ନାହିଁ ଯେ, ଆପଣ ଅନ୍ୟର ଶାନ୍ତି ଭଙ୍ଗ କରିବେ । ସ୍କୁଲରେ ଛୋଟ ଛୋଟ କୋମଳମତି ପିଲାଙ୍କୁ ପ୍ରାର୍ଥନା ନାମରେ ଅତି ଉଚ୍ଚ ସ୍ୱ୍ରରେ ଗାଇବାକୁ 'ମିସ' ମାନଙ୍କର ନିର୍ଦ୍ଦେଶ କାରଣ ସ୍କୁଲର ଏହା ଏକ ପ୍ରକାର ବିଜ୍ଞାପନ ତେଣିକି ପିଲାର ସ୍ୱର ଯନ୍ତ୍ର ଖରାପ ହୋଇଯାଉ ତାଙ୍କର କ'ଣ ଅଛି ? ପିଲାର ବାପା , ମା ' ସେକଥା ବୁଝିବେ ଓ ହିନ୍ଦୁ ହେଉ ବା ଅନ୍ୟ ଧର୍ମ୍ମ ହେଉ ପ୍ରାର୍ଥନା କ'ଣ ଉଚ୍ଚାଙ୍ଗ ସ୍ୱରରେ କରାଯାଏ ନା' ନୀରବରେ କରାଯାଏ ? ପ୍ରାର୍ଥନାର ମାନେ ଆଉ ସଂଜ୍ଞା ଜାଣିବା ପାଇଁ ନିଜେ ନିଜକୁ ସଜାଡ଼ିବା ଜରୁରୀୟ ହଁ! କହିବ କିଏ ? ଆଉ ଶୁଣିବ କିଏ ? ବେଶୀ କହିଲେ କହିବେ ' ଆରେ ଏଇଟା ଗୋଠ ଖଣ୍ଡିଆ ଟାଏ, କାହାରି ଭଲ ଦେଖି ପାରୁନାହିଁ ' ତେଣୁ କଥା ରେ ଅଛି ଯେ ପକ୍ଷୀ ଉଡେ ଯେତେ ଦୂର ସେ ଜାଣେ ତାହାର ବ୍ୟବହାର ଓ କାହାରି ମନରେ ଦୁଃଖ ଦେବାର ଅଭିପ୍ରାୟ ମୋର ନାହିଁ କେବଳ ସଚେତନତା ଉଦ୍ଦେଶ୍ୟରେ ଲେଖୁଛି । ଭାଇ ! ଜୀବନରେ କେବେ ସୁଯୋଗ ଯଦି ଆସେ ତେବେ କୌଣସି ବୌଦ୍ଧ ପୀଠ, ବେଲୁର ମଠ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରାର୍ଥନା ସ୍ଥଳୀ, ଆଉ ବିଦେଶରେ ଟିକେ ଥାଇଲାଣ୍ଡ ବା ଶ୍ୟାମ ଦେଶ ବୁଲି ଆସନ୍ତୁ , ବ୍ୟାଙ୍କକ ସହର ଠିକ ମୁମ୍ବାଇ , ଦିଲ୍ଲୀ ପରି ସହର ଏଠି ଲକ୍ଷ , ଲକ୍ଷ ଗାଡି ମୋଟର ରାସ୍ତାରେ ଯା, ଆସ କରୁଥାଏ, କିନ୍ତୁ ସବୁ ନୀରବରେ, କାହାରିକୁ ହର୍ଣ୍ଣ ବଜାଇବାର ଅନୁମତି ନାହିଁ , ସ୍କୁଲ କଲେଜ ସବୁ ନିରବରେ ଚାଲେ , ଠିକ ସେଇ ପରି ଭୁଟାନ ଯାଇ ଦେଖିବା କଥା ସେଠି ବି ସେହିପରି ନୀରବତା ଆଉ ଶାନ୍ତି , ଶବ୍ଦ ପ୍ରଦ୍ୟୁଷଣ ମାତ୍ରା ଶୂନ୍ୟ , କେହି ଗାଡ଼ିରେ ହର୍ଣ୍ଣ ବଜାଇ ପାରିବେ ନାହିଁ, ସର୍ବସାଧାରଣ ସ୍ଥାନରେ ମାଇକ ତ' ଦୂରର କଥା ଉଚ୍ଚ ସ୍ୱରରେ ଟେଲିଭିଜନ କି ରେଡ଼ିଓ ବଜାଇ ପାରିବେ ନାହିଁ ଓ ଆପଣ ମାନେ ଜାଣି ପାରୁନାହାନ୍ତି ପ୍ରତିଦିନ ଶବ୍ଦପ୍ରଦ୍ୟୁଷଣ ଆମ ଜୀବନର ଆୟୁଷ ୧୫ ମିନିଟ କମାଇଦେଉଛି ବୋଲି ପଢିଥିଲି । ଯେତେବେଳେ ଡାକ୍ତରଙ୍କ ପାଖକୁ ଯାଉଛନ୍ତି, ଟଙ୍କା ଦେଇ ତା'ଙ୍କ ପରାମର୍ଶରେ ହଜାର ହଜାର ଟଙ୍କାର ଔଷଧ ଖାଉଛନ୍ତି ସେତେବେଳେ ଆପଣଙ୍କ କଷ୍ଟ କିଏ ନେଉଛି ? ? ତେଣୁ ନିଜେ ବେଳହୁଁ ସତର୍କ ହେବା ଉଚିତ , ଯେତେ ପାରିବେ ଶବ୍ଦ ପ୍ରଦ୍ୟୁଷଣରୁ ନିଜକୁ ମୁକ୍ତ ରଖନ୍ତୁ ।

ଝାଞ୍ଜିରୀ ମଙ୍ଗଳ , କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

# ଭକ୍ତି କରୁଛୁ, ତଥାପି ଦୁଃଖ ଯାଉନାହିଁ କାହିଁକି ?

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଏ ସଂସାରର ରୀତି ଏହିପରି ଯେ କେହି ଏଠାରେ ଦୁଃଖକଷ୍ଟ ଚାହାନ୍ତି ନାହିଁ କି ତାକୁ ଗ୍ରହଣ କରିପାରନ୍ତି ନାହିଁ। ଯଦି କେହି ଘୋର ସନ୍ତାପରେ ଅଛନ୍ତି ଏବଂ ସେଥିରୁ ମୁକୁଳିପାରୁ ନାହାନ୍ତି ତାହେଲେ ଭଗବାନଙ୍କର ଅସ୍ତିତ୍ୱ ନେଇ ମନରେ ପ୍ରଶ୍ନ ଛିଡ଼ା କରିଦିଅନ୍ତି। ଏହାପରେ ନାସ୍ତିକ ବା ଯୁକ୍ତିବାଦୀମାନଙ୍କ ସହିତ ସଙ୍ଗ ହୋଇଗଲେ ମନ ଆହୁରି ଗୋଳମାଳିଆ ହୋଇଉଠେ। ବିଶ୍ୱାସରୂପକ ବୃକ୍ଷଟି ମନ ଭିତରୁ ଉପୁଡ଼ିଯାଏ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତାଙ୍କ ଆଶ୍ରିତ ମାନଙ୍କୁ ସଦାସର୍ବଦା ସୁରକ୍ଷା ଓ କୃପାବର୍ଷଣ କରୁଛନ୍ତି। ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ସତ୍‌ସଙ୍ଗୀ ମାନଙ୍କ ହୃଦୟରେ ପରୋପକାରର ଆବଶ୍ୟକତା ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରି ବିରାଜିତ। ଏହି ସ୍ତରରେ ପହଞ୍ଚିଲା ପରେ ଶ୍ରୀ ଶ୍ରୀ ଠାକୁରଙ୍କ ଆଶ୍ରିତଙ୍କ ଧୈର୍ଯ୍ୟଶକ୍ତି ବୃଦ୍ଧି ପାଇଥାଏ ଓ ରାଗ, ଅହଂକାର ଆଦି ଦୂର ହୋଇଯାଏ। ଏହାପରେ ସ୍ତର ସ୍ତର ଦେଇ ଉନ୍ନତି ପଥରେ ସେ ଯାତ୍ରା କରେ। କିନ୍ତୁ ସବୁ ଭକ୍ତ ଏହିପରି ଉପରକୁ ଉପରକୁ ଯିବାକୁ ସମର୍ଥ ହୋଇପାରନ୍ତି ନାହିଁ। ଅନେକ ଅଧାବାଟରେ ଧୈର୍ଯ୍ୟ ହରାଇ ବସନ୍ତି ଓ ବାଟ ହୁଡ଼ିଯାଆନ୍ତି। ଫଳରେ ସେମାନଙ୍କର ଉନ୍ନତି ପଥ ରୁଦ୍ଧ ହୋଇଯାଏ।

ଏହିପରି ଭକ୍ତମାନେ ମନରେ ନାନାଦି ଅଭିମାନ ପୋଷଣ କରନ୍ତି। ଆମେ ଭଗବାନଙ୍କର ଏତେ ପୂଜା ପାଠ କରୁଛୁ, ବ୍ରତ ଉପାସନା କରୁଅଛୁ, ତଥାପି ଦୁଃଖ ତ ଦୂରହେଉନାହିଁ। ଏହିକଥାକୁ ମନରେ ଧରି ସେମାନେ ଭଗବାନଙ୍କ ନିକଟରୁ ଅର୍ଥାତ୍ ଭକ୍ତି ମାର୍ଗରୁ ହୁଡ଼ି ଯାଆନ୍ତି। ସୁତରାଂ ଈଶ୍ୱରଙ୍କ କୃପାରୁ ଏହିପରି ବ୍ୟକ୍ତିମାନଙ୍କ ଭିତରେ ପ୍ରେରଣା ଜାତ କରି ସଂସାରର ପ୍ରକୃତ ବାସ୍ତବତା ସମ୍ପର୍କରେ ସେମାନଙ୍କୁ ଅବଗତ କରାଯାଇଥାଏ। ଏହି ଅବସରରେ ଭକ୍ତ ପ୍ରହ୍ଲାଦଙ୍କ କାହାଣୀ ଉଲ୍ଲେଖଯୋଗ୍ୟ। ଥରେ ଭାବି ଦେଖନ୍ତୁ ପ୍ରହ୍ଲାଦ କେତେ ବଡ଼ ଭକ୍ତ ନଥିଲେ ! ସବୁକିଛି ହାତ ପାଆନ୍ତାରେ ଥିଲା। ତଥାପି ତାଙ୍କୁ ଏତେ କଷ୍ଟ ଓ ପୀଡ଼ା ଯାତନା ଭୋଗିବାକୁ ପଡ଼ିଲା କାହିଁକି ? ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ତେବେ ଭକ୍ତର ସଂଜ୍ଞା କ'ଣ ? ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଯିଏ ଅନ୍ୟକୁ କଷ୍ଟ ଦିଏ, ସେ ଦୟାଳ ପ୍ରଭୁଙ୍କୁ କଷ୍ଟ ଦିଏ ଏବଂ ଏହାର ବିପରୀତ ଯିଏ କଷ୍ଟ ସହ୍ୟ କରେ ସେ ପ୍ରେମମୟଙ୍କ ଅତ୍ୟନ୍ତ ପ୍ରିୟ। ସେହିପରି ଆଉ ଜଣେ ଆଦର୍ଶଯୁକ୍ତ ଭକ୍ତ ଥିଲେ ମୀରାବାଈ। ତାଙ୍କ ସମ୍ପର୍କରେ ଅନେକ ଶୁଣିଥିବେ ଓ ପଢ଼ିଥିବେ। ପ୍ରହ୍ଲାଦଙ୍କ ଭଳି ଏହା ବହୁଶହ ବର୍ଷ ତଳର ପୁରୁଣା ଘଟଣା ନୁହେଁ ଯେ କାଳ୍ପନିକ ମନେ ହେବ। ମାତ୍ର ପାଞ୍ଚଶହ ବର୍ଷ ତଳର ଘଟଣା।

ମୀରାବାଈଙ୍କର କଥା ଇତିହାସରେ ମଧ ଉଲ୍ଲେଖ ହୋଇଛି। ସେ ରାଜ ପରିବାରର ସଦସ୍ୟ ଥିଲେ। ଭଗବାନଙ୍କୁ ପାଇବା ପାଇଁ କ'ଣ ତ୍ୟାଗ ନକଲେ। ହେଲେ ଏହି ମହତ୍ କାର୍ଯ୍ୟରେ ତାଙ୍କର ଘର ପରିବାର ଲୋକେ ସହାୟତା କରିବା ପରିବର୍ତ୍ତେ ତାଙ୍କୁ ବିରୋଧ କଲେ କାହିଁକି ? ଖାଲି ବିରୋଧ ତ କଲେ ନାହିଁ ବିଷ ପିଆଇ ମାରିଦେବାକୁ ପ୍ରୟାସ କଲେ କାହିଁକି ? ଏହା ଗୋଟିଏ ଜଟିଳ ପ୍ରଶ୍ନ। ତାଙ୍କର ଲୀଳା ଓ କଥାମାନ ପାଠ କରି ଭକ୍ତିଭାବରେ ରୋମାଞ୍ଚିତ ହୁଅନ୍ତୁ ଏବଂ ସଦାସର୍ବଦା ଈଶ୍ୱରଙ୍କର ସ୍ମରଣ ଓ ସାନ୍ନିଧ୍ୟରେ ରହନ୍ତୁ। ଏବେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସଶରୀରରେ ନାହାନ୍ତି ବୋଲି କେହି ଅନୁଭବ କରୁଥିଲେ ତାଙ୍କୁ ଇଷ୍ଟାନୁରାଗ ଗ୍ରନ୍ଥ ଓ ପୁସ୍ତିକା ଜୀବନ୍ତ ଚେତନାକୁ ଜାଗ୍ରତ କରିଥାଏ। ଏହି କଥାସବୁ ଜୀବନ୍ତ ଚେତନାର ଅନୁଭୂତି ଆଣିଦେବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ କୃପାରୂପୀ ଚରଣକୁ କେବେ ମନ ଭିତରୁ ଦୂର କରନ୍ତୁ ନାହିଁ। ଯଦି ପ୍ରତିକୂଳ ସମୟ ଦେଇ ଗତି କରୁଛନ୍ତି ତାହେଲେ ତାହା ନିଜ ଜୀବନର ସବୁଠାରୁ ଅନୁକୂଳ ସମୟ ମନେ କରି ଶ୍ରୀ ଶ୍ରୀ ଠାକୁରଙ୍କ ନିକଟତର ହେବାକୁ ଚେଷ୍ଟା କରନ୍ତୁ ଏହା ଆମର ଧ୍ୟେୟ ହେଉ।

ସହପ୍ରତିରଦ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ନରହନ୍ତା ମାଇ ଭାଲୁକୁ ବନ ବିଭାଗ କାବୁ କରିବା ପରେ ଆଶ୍ୱସ୍ତ ଗ୍ରାମବାସୀ

ଝରିଗାଁ, (ମହାଭାରତ ) : ଝରିଗାଁ ଗତ ୧୩ ତାରିଖ ଦିନେ ପ୍ରାୟ ଦେଢ଼ ଘଣ୍ଟା ସମୟରେ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ପଂଚାୟତ ଅନ୍ତର୍ଗତ କୁସୁମୀ ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ୩୭ବର୍ଷୀୟ ଯୁବକ ଫଗନୁ ଗୌଡ଼ଙ୍କ ମୃତ୍ୟୁ ଘଟିଥିଲା।ସୂଚନା ପ୍ରକାରେ, କୁସୁମୀ ଗ୍ରାମର ଫଗନୁ ଗୌଡ଼, ଦେବିସିଂ ନେଗୀ ଓ ବନ୍ତ ପୂଜାରୀ (୩ଜଣ )ମିଶି ଗାଁ ପାଖରେ ଥିବା ମସାଣି ପଦାରେ ଛେଳି ଚରାଉଥିଲେ।ଏହି ସମୟରେ ଜଙ୍ଗଲ ମଧ୍ୟରୁ ଗୋଟିଏ ଭାଲୁ ଦଉଡି ଆସୁଥିବା ଦେଖି ଦେବିସିଂ ନେଙ୍ଗୀ ଏବଂ ବନ୍ତ ପୂଜାରୀ ପାଟି କରି ଦୌଡ଼ି ଥିଲେ କିନ୍ତୁ ଫଗନୁ ଭାଲୁହାବୁଡ଼େର ପଡ଼ିଯିବବା ଫଳରେ ଭାଲୁଟି ଫଗନୁଙ୍କ ଶରୀରକୁ ଖଣ୍ଡବିଖଣ୍ଡ କରିବା ସହିତ ଦେହ ଠାରୁ ମୁଣ୍ଡ ମଧ୍ୟ ଅଲଗା କରିଦେଇଥଲା।ଘଟଣା ସମ୍ପର୍କରେ ସୂଚନା ପାଇବା ସଂଗେ ସଂଗେ ଝରିଗାଁ ବନ ବିଭାଗ ଘଟଣା ସ୍ଥଳରେ ପହଂଚି



ଭାଲୁ ମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଥିଲା।ଭାଲୁ ଆକ୍ରମଣ ପରେ ସେଠାରେ ଉତେଜନା ମଧ୍ୟ ଦେଖିବାକୁ ମିଳିଥିଲା। ଗ୍ରାମବାସୀ ଶୀଘ୍ର ଭାଲୁକୁ କାବୁ କରାଯିବା ଲାଗି ଦାବି କରି ଝରୀଗାଁ ଉମରକୋଟ ମୁଖ୍ୟ ସଡ଼କ ଅବରୋଧ କରିଥିଲେ, ଘଟଣା ସ୍ଥଳରେ ଝରୀଗାଁ ପୋଲିସ ପହଂଚି।ଲୋକଙ୍କୁ ବୁଝା ସୁଝା କରିଥିଲା।ପରେ ଆଜି ଅପରାହ୍ନ ୩ଘଂଟିକା ସମୟରେ ନବରଙ୍ଗପୁର ରୁ ରାପିଡ଼ ରେସ୍ପୋନ୍ସ ଟିମ ଘଟଣା ସ୍ଥଳରେ ପହଂଚି ଥିଲେ ଦୀର୍ଘ ଦୁଇ ଘଣ୍ଟାର ପ୍ରଚେଷ୍ଟା ପରେ ସାଢେ ପାଞ୍ଚଟା ବେଳେ ଭାଲୁଟି ଟ୍ରଙ୍କୁଲାଇଜ ହୋଇଥିଲା, ଭାଲୁକୁ ଦେଖିବା ଲାଗି ପ୍ରବଳ ଭିଡ଼ ଜମିଥିଲା। ଭାଲୁଟିକୁ ଯନ୍ତାରେ ଭରି ଝରିଗାଁ କେନ୍ଦ୍ରୀୟ ନର୍ସରୀକୁ ନିଆଯାଇଥିଲା। ତେବେ ଭାଲୁ ଟି ଲୋକଙ୍କ ଦୈନିନ୍ଦିନ ଯିବା ଆସିବା ରାସ୍ତାରେ ଉପଦ୍ରବ ମାଚେଇଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଥିଲେ. ବର୍ତ୍ତମାନ ଝରୀଗାଁ ଏବଂ ନବରଙ୍ଗପୁର ବନବିଭାଗର ଉଦ୍ୟମରେ ଭାଲୁଟିକୁ କାବୁ କରାଯାଇଥିବାରୁ ଗ୍ରାମବାସୀ ବେଶ ଅଶ୍ୱସ୍ତି ଲାଭ କରିଛନ୍ତି, ଘଟଣା ସ୍ଥଳରେ ଏ ସି ଏଫ ଦିବ୍ୟାମାଧୁରୀ ସେଠି ଏବଂ ଝରୀଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ରଚିତା ମାଡକାମୀ ଉପସ୍ଥିତ ରହି ଘଟଣାର ଅନୁଧ୍ୟାନ କରିଥିଲେ ।

## ବହୁ ଚର୍ଚ୍ଚିତ ଅଡ଼ବାରୁ ହାଇଦ୍ରାବାଦକୁ ମାନବ ଚାଲାଣ ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କ ଜିଲ୍ଲା ନ୍ୟାୟାଳୟରେ ଜାମିନ ଖାରଜ

ଗଜପତି, (ମହାଭାରତ) : ମାନବ ଚାଲାଣ ଏକ ଧର୍ତ୍ତବ୍ୟ ଅପରାଧ ହୋଇଥିଲେ ମଧ୍ୟ ଏହାକୁ ଖାତିର ନ କରି ଲୁଚାଛପାରେ ମାନବ ଚାଲାଣ ଜାରି ରହିଛି। ସେହିଭଳି ଏକ ସମ୍ବେଦନଶୀଳ ମାମଲାର ଖବର ପାଇ ଅଡ଼ବା ପୋଲିସ ଅତିରିକ୍ତ ଆଇ.ଆଇ.ସି. ନଳିନୀ କୁମାରୀ କଁଅରଙ୍କ ନେତୃତ୍ୱରେ କାଳ ବିଳମ୍ବ ନ କରି ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଇ.ପି.ଏସ. ପ୍ରହଲ୍ଲାଦ ସହାୟ ମୀନା ତଥା ଆର. ଉଦୟଗିରି ଏସ୍‌ଡିପିଓ ଆଇ.ପି.ଏସ. ରାକେଶ କୁମାର ସାହୁଙ୍କ ପରାମର୍ଶରେ ଏକ ପୋଲିସ ଦଳ ହାଇଦ୍ରାବାଦ ଯାଇ ବିଭିନ୍ନ ସ୍ଥାନରେ ଛାପା ମାରିବା ପରେ ଅଭିଯୁକ୍ତ ଈଶ୍ୱର କୁଶୁଲିୟା ତଥା ମୁଖ୍ୟ ଅଭିଯୁକ୍ତ ହାଇଦ୍ରାବାଦ ନିବାସୀ ସରିତା ଜୈନଙ୍କୁ ଗିରଫ କରିବା ସହ ସେଠାରୁ ୭ଜଣ ବାଳିକାଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ ମଧ୍ୟରୁ ୬ଜଣ ନାବାଳିକା ରହିଥିଲେ। ପରେ ସେମାନଙ୍କୁ ମୋହନା ଅଦାଲତରେ ହାଜର କରାଯାଇଥିଲା ଓ ଅଭିଯୁକ୍ତଙ୍କର ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ କାରାଗାରକୁ ପଠାଯାଇଥିଲା।

ପରେ ଆଜି ଅଭିଯୁକ୍ତଙ୍କ ପକ୍ଷରୁ ଜିଲ୍ଲା ନ୍ୟାୟାଳୟର ଜିଲ୍ଲା ଓ ଦୌରା ଜଜ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିକଟରେ ଜାମିନ ଆବେଦନର ଶୁଣାଣି ନିମନ୍ତେ ତାରିଖ ଧାର୍ଯ୍ୟ କରାଯାଇଥିଲା। ଏଥିରେ ଅଭିଯୁକ୍ତମାନଙ୍କ ପକ୍ଷରୁ ଓଡିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଓକିଲ ତଥା ହାଇଦ୍ରାବାଦରୁ ଆସିଥିବା ଓକିଲମାନେ ନିଜର ପକ୍ଷ ରଖି ଯୁକ୍ତି ବାଢିବା ବେଳେ ଜିଲ୍ଲା ନ୍ୟାୟାଳୟରେ ପଦସ୍ଥ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସରକାରଙ୍କ ପକ୍ଷରୁ ଉକ୍ତ ମାମଲାଟି ପରିଚାଳନା କରୁଥିଲେ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ମଣ୍ଡଳା ଲୋକନାଦମ ତାଙ୍କୁ ଏଥିରେ ଯଥାର୍ଥ ସହଯୋଗ କରିଥିଲେ। ପ୍ରାୟ ଚାଳିଶ ମିନିଟ ଧରି ଚାଲୁ ରହିଥିବା ଏହି ତର୍କ ବିତର୍କରେ ସମାଜରେ ମହିଳା ତଥା ଶିଶୁଙ୍କ ଅବହେଳିତ ଅବସ୍ଥା କଥା ତଥା ଗଜପତି ଜିଲ୍ଲାରୁ ବିଭିନ୍ନ ସମୟରେ ହେଉଥିବା ମାନବ ଚାଲାଣ ଉପରେ ବିଶେଷ ଭାବେ ଆଲୋଚନା କରାଯିବା ସହ ଏଠାରେ ଗିରଫ ହୋଇଥିବା ବ୍ୟକ୍ତିଙ୍କର ଅଧିକାର ବିଷୟରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପୂର୍ବରୁ ସଚେତନ କରାଇବା ନେଇ ଆଲୋଚନା କରାଯାଇଥିଲା। ପରେ ସର୍ବଶେଷରେ ମାନ୍ୟବର ବିଚାରପତି, ନ୍ୟାୟିକ ଅଧିକାରୀଙ୍କ ନିକଟରେ ଦେଇଥିବା ସମସ୍ତ ପିଡିତାଙ୍କ ବୟାନକୁ ନଜରରେ ରଖି ତଥା ରାଜ୍ୟର ଶିଶୁମାନଙ୍କ ଭବିଷ୍ୟତ କଥା ଚିନ୍ତା କରି ଓ ବଳିଷ୍ଠ ପ୍ରମାଣ ଆଧାରକୁ ନଜରରେ ରଖି ଉକ୍ତ ଦୁଇ ଅଭିଯୁକ୍ତଙ୍କର ଜାମିନ ଖାରଜ କରିଥିଲେ। ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ ନଳିନୀ କୁମାରୀ କଁଅର ରହିଥିଲେ।

## ମାଲକାନଗିରିରେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍‌ର ଜିଲ୍ଲା ସ୍ତରୀୟ ସମନ୍ୱୟ କର୍ମଶାଳା



ମାଲକାନଗିରି, (ମହାଭାରତ) : ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ମାଲକାନଗିରି ଜିଲ୍ଲା ପୋଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ସମସ୍ତ ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସଚେତନତା ଓ ସମନ୍ୱୟ ବୈଠକ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। କାର୍ଯ୍ୟକ୍ରମରେ ଅଧକ୍ଷତା କରି ମାଲକାନଗିରି ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଶିଶୁ ଅଧିକାର ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନଗୁଡ଼ିକର କଠୋର ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଜିଲ୍ଲା ପୋଲିସ ଅନ୍ୟାନ୍ୟ ସହବନ୍ଧିତ ବିଭାଗ ସହିତ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ସମସ୍ତ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜିଲ୍ଲା ସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଣି ଡ଼ା ମିନତୀ ମହାନ୍ତି ଏବଂ ଆଇନ ସହାୟକ ପରିଚାଳକ ସୂର୍ଯ୍ୟ ନାରାୟଣ ମହାପାତ୍ର ଅତିଥି ଭାବେ ଯୋଗଦେଇ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ନିଦାନ ପ୍ରଯୁକ୍ତି (ଲିଙ୍ଗ ଚୟନ ନିଷେଧ ଅଧିନିୟମ ୧୯୯୪) ଏବଂ ଗର୍ଭବସ୍ଥାର ଚିକିତ୍ସାଗତ ସମାପନ ଅଧିନିୟମ (ସଂଶୋଧନ) ୨୦୧୧ ଆଧାରରେ ପୋଲିସ ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକର ଆଇନଗତ ଦାୟିତ୍ୱ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଜିଲ୍ଲାରେ ଗର୍ଭସ୍ଥ ଭ୍ରୂଣର ଲିଙ୍ଗ ନିରୂପଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା ପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସକ୍ରିୟ କରିବାକୁ ସେମାନେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଆରକ୍ଷୀ ଅଧିକ୍ଷକଙ୍କ ପରାମର୍ଶ କ୍ରମେ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ସରକାରଙ୍କ ଦ୍ୱାରା ପ୍ରଣୀତ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ଆଇନ ଯଥା କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଅଧିନିୟମ ୨୦୧୫, ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ପ୍ରଦାନ ଅଧିନିୟମ ୨୦୧୨, ବାଲ୍ୟ ବିବାହ ନିଷେଧ ଅଧିନିୟମ ୨୦୦୬, ଅନୈତିକ ବ୍ୟବସାୟ (ନିବାରଣ) ଅଧିନିୟମ ୧୯୫୬ ଏବଂ ଶିଶୁ ଓ କିଶୋର ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ ୧୯୮୬ ଉପରେ ଆଲୋଚନା କରିଥିଲେ। ଏହି ସମସ୍ତ ଅଧିନିୟମଗୁଡ଼ିକର ସଠିକ୍ ଏବଂ ଦୃଢ଼ କାର୍ଯ୍ୟକାରିତା ଦ୍ୱାରା ହିଁ ମାଲକାନଗିରି ଜିଲ୍ଲାକୁ ସମ୍ପୂର୍ଣ୍ଣ ବାଲ୍ୟ ବିବାହ ମୁକ୍ତ, ଶିଶୁ ଶ୍ରମିକ ମୁକ୍ତ ଏବଂ ଏକ ଆଦର୍ଶ ଶିଶୁ ସୁଲଭ ଜିଲ୍ଲା ଭାବେ ଗଢ଼ିତୋଳା ଯାଇପାରିବ ବୋଲି ସେ ମତାମତ ପ୍ରଦାନ କରିଥିଲେ। ଏହି ସମନ୍ୱୟ ସମାବେଶରେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଗୋପାଳ କୃଷ୍ଣ ରଥଙ୍କ ସମେତ ସମିତିର ସମସ୍ତ ସଦସ୍ୟ, ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଟି. ଜୟାଲକ୍ଷ୍ମୀ ଓ ମିନାକ୍ଷୀ ପ୍ରଧାନ, ଅତିରିକ୍ତ ଶ୍ରମ ଅଧିକାରୀ, ଜିଲ୍ଲାର ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ଅଧିକ୍ଷକ, ସମସ୍ତ ବାଲ୍ୟ ବିବାହ ନିଷେଧ ଅଧିକାରୀ ଏବଂ ସମସ୍ତ ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏଥିସହିତ ଶିଶୁ ସହାୟକ ହେଲ୍ପଲାଇନ, ମହିଳା ସହାୟତା ହେଲ୍ପଲାଇନ, 'ସଖି' ଏବଂ 'ଶକ୍ତି ସଦନ'ର କର୍ମକର୍ତ୍ତା ତଥା ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁଦେସ୍ନା ରାଉତ, ରୀନା ମାଢ଼ି, ସୌମ୍ୟରଂଜନ ସ୍ୱାଇଁ, ଶିବ ପ୍ରସାଦ ନାୟକ ଓ ଚକ୍ରପାଣି ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ, ଅଧକ୍ଷଙ୍କ ନିର୍ଦ୍ଦେଶକ୍ରମେ ମିନାକ୍ଷୀ ପ୍ରଧାନ ବିଭାଗୀୟ ଅଧିକାରୀମାନଙ୍କର ଅତ୍ୟଧିକ କାର୍ଯ୍ୟବ୍ୟସ୍ତତା ଜନିତ ମାନସିକ ଚାପକୁ ହ୍ରାସ କରିବା ପାଇଁ କେତେକ ଗୁରୁତ୍ୱପୂର୍ଣ୍ଣ ଓ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହାପରେ କାର୍ଯ୍ୟକ୍ରମର ସଫଳ ସମାପନ ଘୋଷଣା କରାଯାଇଥିଲା।

## ପାରାଦୀପ ନିକଟରେ ଟ୍ରେଲର ଗାଡ଼ିରୁ ଖସିଲା ମେସିନ : ଅଳ୍ପକେ ଟଳିଲା ବଡ଼ ଦୁର୍ଘଟଣା



ପାରାଦୀପ, (ମହାଭାରତ) : ଅଳ୍ପକେ ଟଳିଗଲା ବଡ଼ ଦୁର୍ଘଟଣା, ରକ୍ଷା ପାଇଗଲା ଅନେକ ଧନ ଜୀବନ । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ପାରାଦୀପ ଉପକଣ୍ଠ ଭୁତମୁଣ୍ଡାଇ ବ୍ରିଜ ଉପରେ । ଆଜି ପ୍ରବଳ ବର୍ଷା ଜାରି ରହିଥିବା ସମୟରେ ଏକ ଟ୍ରେଲର ଗାଡ଼ିରେ ଯାଉଥିବା ୨୨୦ ଏକ୍ସାଭେଟର ମେସିନ ଟି ହଠାତ ଗାଡ଼ିରୁ ଖସି ପଡିଥିଲା । ତେବେ ଏହା ପୋଲ ବାଡ଼େର ଲାଗି ଲଟକି ରହିଥିଲା । ଯାହା ଫଳରେ ତଳେ କଟକ ପାରାଦୀପ ରାସ୍ତାରେ ଯାନବାହାନ ଚଳାଚଳ କରୁଥିବା ବେଳେ ଏକ ବଡ଼ ଧରଣର ବିପଦ ଟଳି ଯାଇଥିଲା । କିଭଳି ଅତି ଖମାଖିଆଲି ଭାବରେ ଏହି ଗାଡିକୁ ନିଆଯାଉଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକ ଏହି ମେସିନ ଟି ଏଆରଏସଏସ ର ବୋଲି କହୁଥିଲେ ମଧ୍ୟ ଏହାର କୌଣସି ସଠିକ ତଥ୍ୟ ମିଳିପାରିନାହିଁ । ପୋଲର ବାଡ଼ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହିଭଳି ବେପରୁଆ ଭାବରେ ଭାରିଜାନ ଗୁଡିକ ଯାତାୟାତ କରିବା ଫଳରେ ପୋଲ ଦୁର୍ବଳ ହୋଇପଡ଼ିବା ସହିତ ଅନେକ ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ ଆଣିଛନ୍ତି । ତେବେ ମେସିନ ଟି ଝୁଲିକି ରହିଥିବାରୁ କଟକ ପାରାଦୀପ ରେ ଯାନବାହାନ ଚଳାଚଳ ବନ୍ଦ ରହିଥିବା ବେଳେ ମେସିନଟିକୁ କଢ଼ାଯିବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହେବ ବୋଲି ସୂଚନା ମିଳିଛି ।

## ମେଡିକାଲ ଓ ହଷ୍ଟେଲ ସମ୍ମୁଖରେ ମଦ ବିକ୍ରି

### କାହା ଛତ୍ରଛାୟାରେ ଚାଲିଛି ଅବୈଧ ମଦ ବ୍ୟବସାୟ

ରାଇଘର, (ମହାଭାରତ) : ରାଇଘର ବ୍ଲକ ଅନ୍ତର୍ଗତ ଗୋନା ପଞ୍ଚାୟତରେ ଗୋନା ମେଡିକାଲ ଓ ହଷ୍ଟେଲ ସମ୍ମୁଖରେ ଦୀର୍ଘଦିନ ଧରି ଖୋଲାଖୋଲି ଭାବେ ଅବୈଧ ମଦ ବିକ୍ରି ଚାଲୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, କିଛି ଫାଷ୍ଟ ଫୁଡ୍ ଦୋକାନର ଆଳରେ ମଦ ବିକ୍ରି ହେଉଥିବା ସହ ସନ୍ଧ୍ୟା ସମୟରେ ଏହି ଅଞ୍ଚଳ ମଦ୍ୟପାନକାରୀଙ୍କ ଆଡ୍ଡାସ୍ଥଳୀରେ ପରିଣତ ହେଉଛି। ଅଭିଯୋଗ ଅନୁସାରେ, ଏହି ଅବୈଧ ମଦ ବ୍ୟବସାୟ ଫଳରେ ମଦ ବେପାରୀମାନେ ଲାଭବାନ ହେଉଥିବା ବେଳେ ସାଧାରଣ ଲୋକ, ରୋଗୀ ଓ ଛାତ୍ରଛାତ୍ରୀଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ମେଡିକାଲକୁ ଆସୁଥିବା କିଛି ଲୋକ ମଦ୍ୟପାନ କରି ପରିସର ନିକଟରେ ସମୟ କାଟୁଥିବାରୁ ପରିବେଶ ଅଶାନ୍ତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି।ସେହିପରି, ହଷ୍ଟେଲକୁ ଆସୁଥିବା କିଛି ଅଭିଭାବକ ମଧ୍ୟ ମଦ୍ୟପାନ କରି ହଷ୍ଟେଲ ନିକଟରେ ରହୁଥିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅସ୍ୱସ୍ଥକର ପରିବେଶ ସୃଷ୍ଟି ହେଉଥିବା ଅଭିଯୋଗ ରହିଛି। ସ୍ୱାସ୍ଥ୍ୟ କେନ୍ଦ୍ର ଓ ଛାତ୍ରାବାସ ପରି ସମ୍ବେଦନଶୀଳ ସ୍ଥାନ ନିକଟରେ ଏଭଳି କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ବଢ଼ିଛି। । ସ୍ଥାନୀୟ ବାସିନ୍ଦାମାନେ ଅବୈଧ ମଦ ବ୍ୟବସାୟ ଉପରେ ପ୍ରଶାସନ ଓ ଅବକାରୀ ବିଭାଗ କୁ କଡା ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏଥିସହ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହଷ୍ଟେଲ ପରିସରରେ ନିୟମିତ ପାଟ୍ରୋଲିଂ ଏବଂ ନଜରଦାରି ବଢ଼ାଇବାକୁ ମଧ୍ୟ ସାଧାରଣରେ ଦାବି ଉଠିଛି।

## ଦଶପଲ୍ଲା ଏନଏସିରେ 'ନମସ୍ତେ' କାର୍ଯ୍ୟକ୍ରମ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର 'ନମସ୍ତେ' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପରିମଳ ବିଶେଷଜ୍ଞ ଦେବୀଦତ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ସହରାଞ୍ଚଳର ସ୍ୱଚ୍ଛତା ଓ ସଫେଇ କର୍ମଚାରୀମାନଙ୍କ ସୁରକ୍ଷା ତଥା କଲ୍ୟାଣ ଉପରେ ଆଲୋଚନା କରାଯାଇଥିଲା। ଏଥିରେ ଏନଏସି ଅଧକ୍ଷା ପୁନମ୍ ପ୍ରିୟଦର୍ଶିନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରକୁ ସ୍ୱଚ୍ଛ ଓ ସୁସ୍ଥ ରଖିବାରେ ସଫେଇ ସେବକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଉପକରଣର ବ୍ୟବହାର ଏବଂ ସରକାରୀ ଜନକଲ୍ୟାଣକାରୀ ଯୋଜନାର ସୁଫଳ ପ୍ରଦାନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ସଫେଇ କର୍ମଚାରୀମାନଙ୍କୁ ବିଭିନ୍ନ ବ୍ୟବହାର୍ଯ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ବାରିକ, ଉପାଧକ୍ଷ କିଶୋର ଚନ୍ଦ୍ର ଦାଶ, ବିଭିନ୍ନ ୱାର୍ଡର କାଉନସିଲର ଓ ପରିମଳ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ରେ ଯୋଗଦେଲେ କନ୍ଧମାଳ ସାଂସଦ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନ୍.ଏ.ସି ଅନ୍ତର୍ଗତ ୱାର୍ଡ ନଂ୧୬ ଖଣ୍ଡପଡ଼ା ତୋଟା ସାହିଠାରେ ଏକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କନ୍ଧମାଳ ସାଂସଦ ଶ୍ରୀ ସୁକାନ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ। ଏଥିସହ ଦଶପଲ୍ଲା ତହସିଲଦାର ସ୍ମିତି ରଞ୍ଜନ ଶତପଥି ଓ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କ ଆପତ୍ତି ଓ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ।ଏଥିସହିତ ଗଣିଆ ବ୍ଲକ ପତଣ୍ଡା ଠାରେ ବିଜୟ କୁମାର ବେହେରାଙ୍କ ଦ୍ୱାରା ସ୍ଥାପିତ ଏକ ନୂତନ ପେଟ୍ରୋଲ ପମ୍ପର ଶୁଭ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଂସଦ ଶ୍ରୀ ସୁକାନ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।

## ଲକ୍ଷ୍ମୀପଶି ରାସ୍ତା ଖାଲ କେବେ ମରାମତି ହେବ



ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କାଠବାରୀ ପଞ୍ଚାୟତ ଅଧିନସ୍ଥ ନୁଟାପଶି ଦେଇ ପୂର୍ତ୍ତ ବିଭାଗ ଆସି ରାସ୍ତା ଲକ୍ଷ୍ମୀପଶି ଛୋଟ ପୋଲ ନିକଟରେ ରାସ୍ତା ଟି ଖାଲ ଖମା ହୋଇ ପଡିଛି। ଫଳ ରେ ବର୍ଷା ପାଣି ଭରି ଗଲେ ରାସ୍ତା ରେ ସାଇକେଲ, ମୋଟ ସାଇକେଲ, ଚାରି ଚକିଆ ଯାନ ଯାତାୟାତ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଖାଲ ଗୁଡିକ ପାଣି ଭରି ରହିଥିବା ରୁ ଲୋକ ମାନେ ସାଇକେଲ ରୁ ପଡିଯାଉ ଥିବା ଦେଖିବାକୁ ମିଳିଛି। ଏନେଇ ଗ୍ରାମବାସୀ ବୁଦ୍ଧିଜୀବୀ, ସାଧାରଣ ରାସ୍ତା ମରାମତି ପାଇଁ ପୂର୍ତ୍ତ ବିଭାଗ କୁ ଦାବି କରିଥିବା ବେଳେ ପୂର୍ତ୍ତୀ ବିଭାଗ ରାସ୍ତା ର ଖାଲ ଖୋମା ମରାମତି କେବେ କରୁଛି ଦେଖିବାକୁ ରହିଲା।

## ବ୍ୟାଙ୍କିଙ୍ଗ୍ ସେବା ଓ ବିଭିନ୍ନ କଲ୍ୟାଣକାରୀ ଯୋଜନାର ସଚେତନତା ପାଇଁ ୧୧୧ ପଞ୍ଚାୟତରେ କ୍ୟାମ୍ପ୍ କରିବାକୁ ନିଷ୍ପତ୍ତି

ମାଲକାନଗିରି, (ମହାଭାରତ) : ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଉନ୍ନୟନ, ସମନ୍ୱୟ ଓ ସମୀକ୍ଷା କମିଟି ବୈଠକ ନବରଙ୍ଗପୁର ଲୋକସଭା ସାଂସଦ ବଳଭଦ୍ର ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧକ୍ଷା ସମାରୀ ଟାଙ୍ଗୁଲୁ, ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ଏବଂ ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକ ପ୍ରାରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ସମସ୍ତ ଅତିଥିଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଜଣାଇଥିଲେ ଏବଂ ଏହାପରେ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ଅବସରରେ ସାଂସଦ ସମସ୍ତ ବିଭାଗକୁ



ଜିଲ୍ଲାର ପ୍ରଗତି ପାଇଁ ଆଗାମୀ ୫ ବର୍ଷର ଏକ ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବହୁ ପ୍ରତିକ୍ଷିତ ଜୟପୁର-ମାଲକାନଗିରି ରେଳ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟର ସମୀକ୍ଷା କରାଯାଇ ଏହି ନିର୍ମାଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସାଂସଦ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟାଙ୍କିଙ୍ଗ ସେବା କ୍ଷେତ୍ରରେ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ବିଷୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଉଦ୍ଦେଶ୍ୟରେ ଆସନ୍ତା ଶନିବାର ଜିଲ୍ଲାର ୬୫ ଟି ଗ୍ରାମ ପଞ୍ଚାୟତରେ ଏବଂ ତା' ପର ଶନିବାର ଅବଶିଷ୍ଟ ଗ୍ରାମ ପଞ୍ଚାୟତରେ ବିଶେଷ ସଚେତନତା ଶିବିର ଆୟୋଜନ କରିବାକୁ ସାଂସଦ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସିଏସସି କର୍ମଚାରୀଙ୍କୁ ନିୟୋଜିତ କରାଯିବା ସହ ପଞ୍ଚାୟତ ମୁଖ୍ୟାଳୟ ଏବଂ ଅନ୍ୟାନ୍ୟ ବଡ଼ ବଡ଼ ଗ୍ରାମରେ ସଚେତନତା ସୃଷ୍ଟି କରି ଉକ୍ତ ଯୋଜନାରେ ବ୍ୟାଙ୍କ ଖାତା ଖୋଲିବାକୁ କୁହାଯାଇଛି। ଏହା ସହିତ ସୁକନ୍ୟା ସମୃଦ୍ଧି ଯୋଜନା ଏବଂ ମୁଦ୍ରା ଲୋନ୍? ସମ୍ପର୍କରେ ମଧ୍ୟ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ସମୀକ୍ଷା ବୈଠକରେ ଜଳ ସେଚନ, ଜାତୀୟ ରାଜପଥ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ, ଟିପିଏସଓଡିଏଲ୍, ଗ୍ରାମ୍ୟ ଜଳ ଯୋଗାଣ, ଜନଜାତି ଉନ୍ନୟନ, ଶିକ୍ଷା, ଗ୍ରାମ୍ୟ ଗୃହ ନିର୍ମାଣ ଏବଂ ଜୀବନ ଜୀବିକା ଭଳି ପ୍ରମୁଖ ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସମସ୍ତ ଭିତ୍ତିଭୂମି ବିଭାଗ ପରସ୍ପର ମଧ୍ୟରେ ଏକ ସମନ୍ୱୟ ବୈଠକ କରି ସମସ୍ତ ନିର୍ମାଣ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପଞ୍ଚାୟତ ସ୍ତରରେ ହେଉଥିବା ସମସ୍ତ ନିର୍ମାଣ କାର୍ଯ୍ୟର ସାର୍ଟିଫିକେଟ୍ ସମ୍ପୃକ୍ତ ସରପଞ୍ଚ ପ୍ରଦାନ କରିବା ପରେ ହିଁ ସରକାରୀ ପାଣ୍ଠି ମଞ୍ଜୁର କରିବା ପାଇଁ କୁହାଯାଇଛି। ନିର୍ମାଣ ପ୍ରକଳ୍ପ ଗୁଡ଼ିକର ଗୁଣବତ୍ତା ଓ ମାନ ନିରୂପଣ ପାଇଁ ସମସ୍ତ ନିର୍ମାଣ ବିଭାଗ ମିଳିତ ଭାବେ ଜିଲ୍ଲାରେ ଏକ ଉନ୍ନତ ଟେଷ୍ଟିଙ୍ଗ ଲ୍ୟାବ୍ ପ୍ରତିଷ୍ଠା କରିବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାକୁ ପରାମର୍ଶ ଦିଆଯାଇଛି। ବୈଠକର ଶେଷରେ ସାଂସଦ ଶ୍ରୀ ମାଝୀ ବଦଳି ପ୍ରକ୍ରିୟାକୁ ନେଇ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ କୌଣସି ଅଧିକାରୀଙ୍କ ବଦଳି ସମୟରେ, ତାଙ୍କ ସ୍ଥାନରେ ନୂତନ ବିକଳ୍ପ ବା ସବ୍ ?ଷ୍ଟିଚ୍ୟୁଟ୍ ଅଧିକାରୀ କାର୍ଯ୍ୟରେ ଯୋଗ ନ ଦେବା ପର୍ଯ୍ୟନ୍ତ, ସମ୍ପୃକ୍ତ ଅଧିକାରୀଙ୍କୁ କାର୍ଯ୍ୟରୁ ରିଲିଭ୍ ନ କରିବା ପାଇଁ ସେ ପ୍ରଶାସନିକ ଅଧିକାରୀମାନଙ୍କୁ ଦୃଢ଼ ଭାବେ ନିର୍ଦ୍ଦେଶ ଦେଇଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଚାନ୍ଦବାଲିରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ପାଳିତ



ଚାନ୍ଦବାଲି(ମହାଭାରତ) : ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ଅବସରରେ ମଙ୍ଗଳବାର ଚାନ୍ଦବାଲି ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିଠାରେ ଭାବଗମ୍ଭୀର ପରିବେଶରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜଣାଯାଇଥିଲା। ପାଠକ ମଞ୍ଚ, ଚାନ୍ଦବାଲି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।ଏହି ଅବସରରେ ଚାନ୍ଦବାଲିର ବହୁ ସମାଜସେବୀ, ସାମ୍ବାଦିକ, ଓକିଲ, ଶିକ୍ଷକ, ସାହିତ୍ୟିକ, ବଣିକ, ବୁଦ୍ଧିଜୀବୀ ଏବଂ ସାଧାରଣ ଜନସାଧାରଣ ଉପସ୍ଥିତ ରହି ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମହାନ ଆଦର୍ଶ, ତ୍ୟାଗ ଓ ସେବାଭାବକୁ ସ୍ମରଣ କରି ତାଙ୍କ ପବିତ୍ର ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ, ବଣିକ ସଂଘ ସଭାପତି ଗୋପିରାମ ଅଗ୍ରୱାଲ, ଶିକ୍ଷକ ସଂଘ ସଭାପତି ଅମୂଲ୍ୟ କୁମାର ରାଉତ, ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ଜଗନ୍ନାଥ ରାଉତ, ପ୍ରଭାଷ ଶୁଭଦର୍ଶନ ମହାନ୍ତି, ଅଭୟ ସାମଲ, ବିଶ୍ୱନାଥ ସୁତାର, ଦିଲ୍ଲୀପ ରାଉତ, ପ୍ରଶାନ୍ତ ଦାସ, ଶିବ କୁମାର ଖଣ୍ଡେଲୱାଲ, ପ୍ରଭାଷ ନାୟକ, ଶାନ୍ତିଭୂଷଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସାମ୍ବାଦିକ ନିତ୍ୟ ପ୍ରକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଲୁମିନିୟମ ପାଉଡର ବୋଝେଇ ଗାଡ଼ି ଦୁର୍ଘଟଣାଗ୍ରସ୍ତ

ନର୍ଲା (ମହାଭାରତ): ନର୍ଲା ଥାନା ଅନ୍ତର୍ଗତ ପରଭାଙ୍ଗି ଗ୍ରାମ ନିକଟରେ ମଙ୍ଗଳବାର ରାତ୍ର ସମୟରେ ଏକ ପି କପ ଭେନ ଗାଡି ନମ୍ବର୍ ଡଉ ୧୮ ଚ ୮୪୦୧ ଯୋଗେ ବକ୍ସାଇଟ୍ ଆଲୁମିନିୟମ ପାଉଡର ବସ୍ତା ବୋଝେଇ ହୋଇ ଚୋରା ଚାଲାଣ ହେଉଥିବା ବେଳେ ଗାଡି ଟି ନର୍ଲା ଥାନା ଅନ୍ତର୍ଗତ ପରଭାଙ୍ଗି ଗ୍ରାମ ସ୍ଥିତ ବୁଲେଣି ଠାରେ ଭାରସାମ୍ୟ ହରାଇ ଓଲଟି ଦୁର୍ଘଟଣା ଗ୍ରସ୍ତ ହୋଇଥଲା । ଏହି ଦୁର୍ଘଟଣା ରେ ଗାଡି ଓଲଟି ଏକ ବିଲରେ ପଡ଼ିଥିବା ବେଳେ କୌଣସି ଧନ ଜୀବନ କ୍ଷୟ କ୍ଷତି ହୋଇନାହିଁ। ଯାହା ଅନୁମାନ କରାଯାଉଛି ଲାଞ୍ଜିଗଡ ସ୍ଥିତ ବେଦାନ୍ତ ଆଲୁମିନା କମ୍ପାନୀ ଠାରୁ ପ୍ରାୟ ୫୦ ରୁ ୬୦ ବସ୍ତା ଆଲୁମିନା ପାଉଡର ଚୋରା ଚାଲାଣ ହେଉଥିବା ସ୍ଥାନୀୟ ଅଞ୍ଚଳର ଚର୍ଚ୍ଚା ହେଉଛି । ନର୍ଲା ପୋଲିସ୍ ସୂଚନା ପାଇଁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢିବାରେ ଲାଗିଛି



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳା ଖେମୁଣ୍ଡି ରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ସବୁବେଳେ ଜବର ଦଖଲ ନରେ ପାଣି ଭଳି ଅର୍ଥ ଖର୍ଚ୍ଚ ହଉଛି କିନ୍ତୁ କିଛି ସୁଧାର ଆସୁନି କାହା ସ୍ୱାର୍ଥ ରେ ଜବର ଦଖଲ । ଲୋକେ ବି ଜାଣି ଲେ ଣି ଏହା ଏକ ପ୍ରହସନ । କେବଳ ପଇସା ଖର୍ଚ୍ଚ ବହନ। ଉଠା ଦୋକାନୀ କୁ ଥଇ ଥାନ କରିବାରେ ବିଫଳ କିନ୍ତୁ ଟିକସ ଆଦାୟ କରିବାରେ ମାହିର ସହର ବାସୀ ଜାଣି ଲେଣି ପୌର ପ୍ରଶାସନ ର କାର୍ଯ୍ୟ ଦକ୍ଷତା ଉପରେ। ତେଣୁ ଡବଲ ଇଞ୍ଜିନ ସରକାର ଆସିଲେ ପୌର ପରିଷଦ କୁ ପରିବର୍ତ୍ତନ ହୋଇ ପରେ ନ ହେଲେ ଯଥା ପୂର୍ବ ତଥା ଗତିରେ ଚାଲିବ।

## ଜିଲ୍ଲାପା ।ଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ରାୟଗଡ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସଂଯୁକ୍ତଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀଯୁକ୍ତ ଅକ୍ଷୟ ସୁନୀଲ ଅଗ୍ରୱାଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଦୟାମୟ ପାଢ଼ୀ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା,ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମାହାପାତ୍ର ଅଭିଯୋଗ ଶୁଣାଣୀ ରେ ଯୋଗଦାନ କରି ରାୟଗଡ଼ ପଞ୍ଚାୟତ ସମିତିର ସମୁଦାୟ ମୋଟ- ୩୧ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୧୪ ଗୋଟି ,ଗ୍ରାମ ଭିତ୍ତିକ ସମସ୍ୟା - ୧୭ ଗୋଟି ଅଭିଯୋଗ ଆସିଥିଲା , ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିଓକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୩ ଜଣଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବଳି ବିଭିଉ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ରାୟଗଡ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ପୂର୍ଣ୍ଣବାସୀ ନାୟକ, ଉପ-ଅଧକ୍ଷ ଜ୍ୟୋତି ପ୍ରସାଦ ପାଣି,ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଓ ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

# ୩୪ବର୍ଷ ଧରି ପରପିଣ୍ଡାରେ ଚାଲିଛି ବଡ଼ରମ୍ପାସ ଅଙ୍ଗନବାଡ଼ି

ହାଟଡିହ: କେନ୍ଦୁଝରଜିଲ୍ଲା ହାଟଡିହି ବ୍ଲକ୍ ବଡ଼ରମ୍ପାସ ଅଙ୍ଗନବାଡି-୧ କେନ୍ଦ୍ର ଗତ ୩୫ବର୍ଷ ଧରି ପରପିଣ୍ଡାରେ ଚାଲିଛି। ଅଙ୍ଗନବାଡ଼ି କେନ୍ଦ୍ର ନିମନ୍ତେ ଏକ ସ୍ଥାୟୀ ନୂତନ ଘର ନିର୍ମାଣ ନିମନ୍ତେ ସ୍ଥାନୀୟ ବାସିନ୍ଦା ଅନେକ ଥର ଦାବି କରିଥିଲେ ମଧ୍ୟ ତାହା ଅପୂରଣ ହୋଇ ରହିଛି। ସୂଚନାନୁସାରେ, ଅଙ୍ଗନବାଡି -୧ କେନ୍ଦ୍ରଟି ୧୯୯୨ ମସିହାରେ ସ୍ଥାପିତ ହୋଇଛି। ସମ୍ପ୍ରତି ଏଠାରେ ୫୦ରୁ ଉର୍ଦ୍ଧ୍ୱ ପିଲା ଶିକ୍ଷାଲାଭ କରି ଆସୁଛନ୍ତି। ଅଙ୍ଗନବାଡି କର୍ମୀ ଭାର୍ଗବି ସ୍ୱାଇଁ କହିଛନ୍ତି, ଆଜି ଜଣଙ୍କ ବାରଣ୍ଡା ତ କାଲି ଆଉ କାହା ଖଳାବାଡିର ଗଛ ମୂଳେ କୁନି କୁନି ପିଲାଙ୍କୁ ବସାଇ ଶିକ୍ଷାଦାନ କରାଯାଉଛି। ସେହିପରି ରୋଷେଇ ମଧ୍ୟ ଗାଁଲୋକଙ୍କ ଘରେ ପ୍ରସ୍ତୁତି କରି ଆଣି ଛୁଆଙ୍କୁ ଦିଆଯାଉଛି। ଅଙ୍ଗନବାଡ଼ି ସହାୟିକା ରମା ବେହେରା କହିଛନ୍ତି, କେହି ଦୟା ଦେଖାଇ ନିଜ ରୋଷେଇଘର ଛାଡିଲେ ସେହିଠାରେ ପିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ବର୍ଷା ଦିନେ ଅନେକ ଅସୁବିଧା ଭୋଗୁଥିବା ବେଳେ ପ୍ରାୟ ସମୟରେ ଖାଦ୍ୟପେୟ ପ୍ରସ୍ତୁତ କରାଯାଇ ପାରୁନଥିବା ସେ କହିଛନ୍ତି। ବଡ଼ରମ୍ପାସ ପଞ୍ଚାୟତର ସରପଞ୍ଚ ରବୀନ୍ଦ୍ର କୁମାର ଜେନା କହିଛନ୍ତି, ସରପଞ୍ଚ ହେବା ଦିନ ଠାରୁ ଏହି ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ ବାବଦରେ ବାରମ୍ବାର ସିଡିପିଓ, ବିଡିଓ, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଅଳ୍ପ ଦିନ



ଭିତରେ ଅଙ୍ଗନବାଡି ଗୃହ ଯୋଗାଇ ଦିଆଯିବ ବୋଲି ସମସ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିଶ୍ରୁତିର ୫ବର୍ଷ ପୂରିବାକୁ ବସିଲା ହେଲେ ଘର ମିଳିଲାନି। ବ୍ଲକର ଅନ୍ୟକେନ୍ଦ୍ର ମାନଙ୍କର ଗୃହର୍ନିମାଣ ପାଇଁ ଅନୁଦାନ ଆସୁଥିବା ବେଳେ କେତେକ ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ନଥାଇ ମଧ୍ୟ ଘର ନିର୍ମାଣ ହୋଇଛି କିନ୍ତୁ ଆମ ବେଳକୁ କେଉଁଠି ଅସୁବିଧା ରହିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ପ୍ରଶାସନ ଏହାକୁ ଗୁରୁତ୍ୱ ନଦିଏ ତେବେ ଆନ୍ଦୋଳନ କରିବାକୁ ବାଧ ହେବୁ ବୋଲି କହିଛନ୍ତି। ଏ ସମ୍ପର୍କରେ ହାଟଡିହି ବ୍ଲକର ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ଉମାମଣୀ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତିଯେ ଏ ସମ୍ପର୍କରେ ବିଡିଓଙ୍କୁ ଜଣାଇଛୁ, କିଛି ଘର ପାଇଁ ଅନୁଦାନ ଆସିଛି, ଆଉ କିଛି ରହି ଯାଇଛି ଅନୁଦାନ ଆସିଲେ ବଡ଼ରମ୍ପାସ ଅଙ୍ଗନବାଡି-୧ ପ୍ରତି ପ୍ରାଥମିକତା ଦେବେ।

# ପୁରୀ: ରଥଯାତ୍ରା ପାଇଁ ମକଡ୍ରିଲ



ପୁରୀ,: ଆଗାମୀ ରଥଯାତ୍ରା କୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପର୍ଣ୍ଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟ ର ଏକ ମକ ଡ୍ରିଲ ଆଜି ଟାଉନ ଥାନା ପରିସରରେ ଅନୁଷ୍ଠିତ ହୋଇଥିଲା ।ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଚଳିତ ରଥଯାତ୍ରାରେ ଅଧିକ ଶ୍ରଦ୍ଧାଳୁ ଙ୍କ ଯୋଗ ଦାନ ଆଶା କରାଯାଉଛି ।ତେଣୁ ଆମକୁ ଯାତ୍ରୀ ଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି ।ପରସ୍ପର ମଧ୍ୟରେ ସୁସମନ୍ୱୟ ଓ ସହଯୋଗ ଦ୍ୱାରା ଆମେ ପ୍ରତ୍ୟେକ ପରିସ୍ଥିତି କୁ ସଫଳ ଭାବେ ମୁକାବିଲା କରିପାରିବା ।ପୋଲିସ, ଏନଡିଆରଏଫ, ଓଡ୍ରାଫ,ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସ୍ୱେଚ୍ଛାସେବୀ ସଂଗଠନ, ବେସାମରିକ ପ୍ରତିରକ୍ଷା ବାହିନୀ ପ୍ରଭୃତି ଙ୍କ ସହଯୋଗ ରଥଯାତ୍ରା ରେ ଆମ ସେବା କାର୍ଯ୍ୟ କୁ ଅଧିକ କ୍ରିୟାଶୀଳ କରିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା କହିଥିଲେ ।ମକଡ୍ରିଲ ମାଧ୍ୟମରେ କୌଣସି ପରିସ୍ଥିତି ପାଇଁ ଆମେ ଆମର ପ୍ରସ୍ତୁତି ରେ କେତେ ସକ୍ଷମ ଓ ଦକ୍ଷ ଜାଣି ପାରିବା କେଉଁଠାରେ ସମସ୍ୟା ରହୁଛି ବା ତାହାକୁ କିପରି ଆହୁରି ଭଲ ଭାବେ କମ ସମୟ ମଧ୍ୟରେ କରି ପାରିବା ତାହା ମଧ୍ୟ ଆମକୁ ଶିକ୍ଷା ମିଳିବୟ ଏହା ଦ୍ୱିତୀୟ ମକ ଡ୍ରିଲ। ଏସ୍ ପି ପ୍ରତୀକ ସିଂ କୌଣସି ଘଟଣା ଘଟିଲେ କେତେ କମ ସମୟରେ, କେତେ ସଠିକ ଭାବେ ଆମେ କାର୍ଯ୍ୟ ନିର୍ବାହ କରୁଛନ୍ତି ତାହା ଆମକୁ ଏହି ମକ ଡ୍ରିଲ ରୁ ଶିଖିବାକୁ ମିଳୁଛି ।ଏହା ଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବରେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଶ୍ରୀ ସିଂ କହିଥିଲେ। ଓସଡାମାର ଡି ଜି ଏମ ସୁନୀଲ କୁମାର ସାହୁ ମକ ଡ୍ରିଲ ର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିବା ସହ ମକ ଡ୍ରିଲ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲେ ।ଶେଷରେ ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରକାଶ ମିଶ୍ର, ପରାମର୍ଶ ଦାତା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, ଅମିତାଭ ଠାକୁର, ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଅକ୍ଷୟ କୁମାର ଶତପଥୀ,ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଏନଡିଆରଏଫ ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହାନ ବିଭିନ୍ନ ବିଭାଗର ଅଧିକାରୀ, ପୋଲିସ ଅଧିକାରୀ, ସ୍ୱେଚ୍ଛାସେବୀ ମାନେ ଏହି ମକଡ୍ରିଲ ରେ ଯୋଗ ଦେଇଥିଲେ। ପରେ ଏନ ଡି ଆର ଏଫ,ଓଡ୍ରାଫ, ଅଗ୍ନିଶମ, ମେଡିକାଲ, ପୋଲିସ, ପରିବହନ ଆମ୍ବୁଲାନ୍ସ ,ପୌର ପ୍ରଶାସନ,ସୂଚନା ଇତ୍ୟାଦି ବିଭାଗର ସମ୍ମିଳିତ ମକଡ୍ରିଲ ର କାର୍ଯ୍ୟ କୁ ଇଣ୍ଟିଗ୍ରେଟେଡ୍ ନିୟନ୍ତ୍ରଣ କକ୍ଷ ମାଧ୍ୟମରେ ପରିଚାଳନା କରାଯାଇଥିଲା। ।ରଥଯାତ୍ରା ସମୟରେ କୌଣସି ଘଟଣା ଦୁର୍ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବରେ କରାଯାଇ ପାରିବ ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା।

## ମୃତ କର୍ମଚାରୀଙ୍କ ପରିବାରକୁ ଆର୍ଥିକ ସହଯୋଗର ହାତ ବଢ଼ାଇଲେ ପୁରାତନ ଛାତ୍ର

ପଡ଼ିଆ, (ମହାଭାରତ) : ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ବାପନପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ନବୀନ ଚନ୍ଦ୍ର ମାଡକାମି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଗଠନପଲ୍ଲୀର ବିଜ୍ଞାନ ସହାୟକ ସୁଦର୍ଶନ ରାଓଙ୍କର ଗତ ଜୁଲାଇ ୭ ତାରିଖରେ ୫୮ ବର୍ଷ ବୟସରେ ଅକାଳ ବିୟୋଗ ଘଟିଥିଲା। ତାଙ୍କର ଆହୁରି ଦୁଇ ବର୍ଷର ଚାକିରି ଅବଶିଷ୍ଟ ଥିବାବେଳେ ତାଙ୍କ ଅକାଳ ମୃତ୍ୟୁ ପରିବାରକୁ ଗଭୀର ଶୋକ ସହ ଆର୍ଥିକ ସଙ୍କଟରେ ପକାଇଛି ।ସୁଦର୍ଶନ ରାଓ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁ ପରେ ପରିବାର ସମ୍ମୁଖୀନ ହୋଇଥିବା କଠିନ ପରିସ୍ଥିତିକୁ ଅନୁଭବ କରି ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଓ ପୁରାତନ ଛାତ୍ରଛାତ୍ରୀମାନେ ସହଯୋଗର ହାତ ବଢ଼ାଇଛନ୍ତି। ସେମାନେ ସ୍ୱେଚ୍ଛାକୃତ ଭାବେ ଆର୍ଥିକ ସହାୟତା ସଂଗ୍ରହ କରି ଶୋକସନ୍ତପ୍ତ ପରିବାରକୁ ପ୍ରଦାନ କରିଥିଲେ। ଏହି ମହାନ ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଅଭିଭାବକ ଓ ସାଧାରଣ ଲୋକେ ଭୂୟସୀ ପ୍ରଶଂସା କରିଛନ୍ତି। ବିପଦ ସମୟରେ ପୁରାତନ ଛାତ୍ରମାନଙ୍କ ଏଭଳି ମାନବିକ ପଦକ୍ଷେପ ସମାଜ ପାଇଁ ଏକ ପ୍ରେରଣାଦାୟକ ଉଦାହରଣ ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି।

## କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ

ରାଉରକେଲା,: ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ସେକ୍ଟର ୨୦ ସ୍ଥିତ କୋଏଲ ବିଦ୍ୟାପୀଠର ମିଳିତ ଆନୁକୂଲ୍ୟରେ କର୍ମବୀର ଗୌରୀଶଙ୍କର ରାୟଙ୍କ ଜୟନ୍ତୀ ବିଦ୍ୟାପୀଠ ପରିସରରେ ପାଳିତ ହୋଇଯାଇଛି। ମଞ୍ଚର ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟଅତିଥି,କବି ଗୌତମ ଦାସ ସମ୍ମାନିତ ଅତିଥି ଓ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସରୋଜ କୁମାର ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କର୍ମବୀର ଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ।

## ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ବିଜ୍ଞାନ ସାହିତ୍ୟ ଆଲୋଚନାଚକ୍ର

ରାଉରକେଲା,: ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଜ୍ଞାନ ସାହିତ୍ୟ ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ ଏବଂ ବିଜ୍ଞାନ ଭିତ୍ତିକ କବିତା ପାଠ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଚୈତନ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡାକ୍ତର ଅନଙ୍ଗ କୁମାର ପ୍ରହରାଜ ଏବଂ ବିଶିଷ୍ଟ ବିଜ୍ଞାନ ଗବେଷିକା, ଲୋକପ୍ରିୟ ବିଜ୍ଞାନ ଲେଖିକା ତଥା ବୈଜ୍ଞାନିକ ନୀଳାଚଳ ଫାଉଣ୍ଡେସନର ଟ୍ରଷ୍ଟି ଡ଼ ସରୋଜିନୀ ସାହୁ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ' ଡିଜିଟାଲ ଯୁଗରେ ପ୍ରଭାବଶାଳୀ ବିଜ୍ଞାନ ସାହିତ୍ୟର ଆବଶ୍ୟକତା ' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପସଭାପତି ରଶ୍ମିବାଳା



ରାଉତରାୟଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସଂପାଦକ ମନୋଜ କୁମାର ନନ୍ଦ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ।

## ଆସିକା ହରିହର ହାଇସ୍କୁଲର ନୂତନ ପରିଚାଳନା କମିଟି ଗଠନ



ଆସିକା (ମହାଭାରତ): ଆସିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନ୍ତର୍ଗତ ସର୍ବପୁରାତନ ହରିହର ଉଚ୍ଚ ବିଦ୍ୟାଳୟର ସଭ୍ୟ ଓ ସଭ୍ୟା ମନଙ୍କୁ ନେଇ ନୂତନ ପରିଚାଳନା କମିଟି ଗଠନ କରାଯାଇଛ ।ୟ ସରକାରୀ ନିର୍ଦ୍ଦେଶ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଜନୀ ରାଣୀ ଦାସ ଙ୍କ ଆହ୍ୱାନ କ୍ରମେ ଆଜି ଅପରାହ୍ନ ରେ ବିଦ୍ୟାଳୟରେ ଅଭିଭାବକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ,ସି ଆର ସି ସି ଓ ୧୫ ଜଣ ପୁରାତନ ବିଦ୍ୟାଳୟ ପରିଚାଳନା କମିଟି ଙ୍କ ଉପସ୍ଥିତ ରେ ନୂତନ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା ।ଏହି କମିଟିରେ ବୁଲୁ ମହାରଣା ସଭାପତି ରୂପେ ଚୟନ ହୋଇଥିବା ବେଳେ ସତ୍ୟଭାମା ବେହେରା ଉପ ସଭାପତି ରୂପେ ଚୟନ ହୋଇଛନ୍ତି। ଅନ୍ୟ ସଭ୍ୟ ସଭ୍ୟା ମାନଙ୍କ ମଧ୍ୟରେ ଅଞ୍ଜଳି ଗୌଡ଼, କୁମାର ସ୍ୱାମୀ ପାତ୍ର,ବିନୋଦ ଚନ୍ଦ୍ର ବେହେରା,ସୁଶାନ୍ତ ମାହରଣା,ବେବିନା ସ୍ୱାଇଁ,କିରଣ ଆଚାରୀ,ପି.କନାୟା କୁମାର ଦୋରା,ଏ. ରୁକ୍ମିଣି ଆଚାରି,ସୁମତି ମୁନି,ସୁଶାନ୍ତ ସିଆ,ଝିଲି ପ୍ରଧାନ ତ୍ରିଲୋଚନ ନାୟକ,ବିନୋଦ ଗୌଡ଼ ପ୍ରମୁଖ ସର୍ବସମ୍ମତି କ୍ରମେ ଚୟନ ହୋଇଛନ୍ତି। ଏହି ନବ ନିର୍ବାଚିତ ପରିଚାଳନା କମିଟି ସଭ୍ୟ ସଭ୍ୟା ମାନେ ଯୁବ ସମାଜ ସେବୀ ସତ୍ୟନାରାୟଣ ସ୍ୱାଇଁ ଙ୍କ ନେତୃତ୍ୱରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କୁ ଭେଟି ବା ସହିତ ବିଦ୍ୟାଳୟ ସର୍ବାଙ୍ଗୀନ ଉନ୍ନତି ବିଷୟରେ ଆଲୋଚନା କରିଛନ୍ତି। ଏହି ବିଦ୍ୟାଳୟ ରେ ମୋଟ ୪୫୦ଜଣ ଛାତ୍ର ଛାତ୍ରୀ ଅଧୟନ କରୁଥିଲା ବେଳେ ମୋଟ ୧୭ଜଣ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟ କରୁଛନ୍ତି। ଆଜିକାର ଏହି ପରିଚାଳନା କମିଟି ଚୟନ ରେ ବିଦ୍ୟାଳୟ ର ଶିକ୍ଷକ,ଶିକ୍ଷୟତ୍ରୀ ରଞ୍ଜିତ କୁମାର ପ୍ରଧାନ,ମମତା କୁମାରୀ ଭଞ୍ଜ, ଅର୍ଚ୍ଚନା ପାଢ଼ୀ ନର୍ମଦା ସ୍ୱାଇଁ, ପ୍ରଶାନ୍ତ ନାୟକ,ଗାୟତ୍ରୀ କୁମାରୀ ପାତ୍ର, ଝୁଲି ରଥ, ଅନିଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମାଲକାନଗିରି ରଥଯାତ୍ରା ୨୦୨୬

## ପ୍ରଶାସନିକ ପ୍ରସ୍ତୁତି ସହ ପ୍ରକାଶ ପାଇଲା ମହାପ୍ରଭୁଙ୍କ ନୀତିକାନ୍ତି ସମୟସୂଚୀ

ମାଲକାନଗିର(ମହାଭାରତ):ଆସନ୍ତା ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଏବଂ ଏଡିପିଏଚଓ ଡା ମିନତୀ ମହାନ୍ତି ପ୍ରମୁଖ ମଞ୍ଚାସିନ ଥିଲେ । ଏଥିସହ ବୈଠକରେ ସମସ୍ତ ସେବାୟତ, ମନ୍ଦିର ପରିଚାଳନା କମିଟି ସଦସ୍ୟ, ରଥ ମହାରଣାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ତହସିଲଦାର ତଥା ଦେବୋ□ର ନିର୍ବାହୀ ଅଧିକାରୀ ଦେବାଶିଷ ଜେନା ପୂର୍ବ ବର୍ଷର



ରଥଯାତ୍ରା ବିବରଣୀ ପାଠ କରିଥିଲେ । ଚଳିତ ବର୍ଷର ରଥଯାତ୍ରାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବା ସହ ମହାପ୍ରଭୁଙ୍କ ନୀତିକାନ୍ତି ସମୟସୂଚୀ ପ୍ରକାଶ ପାଇଛି ।ସୁରକ୍ଷା ଓ ପରମ୍ପରାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ରଥ ଉପରେ କେବଳ ପୂଜକ ଓ ଡାହୁକଙ୍କୁ ମିଶାଇ ସମୁଦାୟ ୭ ଜଣ ସଦସ୍ୟ ରହିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ସୁରକ୍ଷା ପାଇଁ ସହରର ସମସ୍ତ ପ୍ରମୁଖ ସ୍ଥାନ ତଥା ଚାରିଆଡେ ସିସିଟିଭି କ୍ୟାମେରା ଖଞ୍ଜାଯିବ। ବାହାରୁ ଆସୁଥିବା ଯାନବାହନ ଗୁଡ଼ିକର ସଠିକ୍ ପରିଚାଳନା ପାଇଁ ସ୍ଥାନୀୟ ବସ୍ ଷ୍ଟାଣ୍ଡରେ ପାର୍କିଂ ବ୍ୟବସ୍ଥା କରାଯିବ। ଏହାସହିତ ଭାରୀ ଯାନବାହନ ପାଇଁ ସ୍ୱତନ୍ତ୍ର ରୁଟ୍ ଡାଇଭର୍ସନ ବ୍ୟବସ୍ଥା ମଧ୍ୟ ହୋଇଛି ।ଏହି ପବିତ୍ର ଯାତ୍ରା ର ସଫଳ ପରିଚାଳନା ପାଇଁ ସ୍ଥାନୀୟ ବିଶ୍ୱକର୍ମା ଓ ମହାରଣାଙ୍କ ଦ୍ୱାରା ନିର୍ମିତ ରଥର ଗଠନମୂଳକ ସ୍ଥିରତା ଯାଞ୍ଚ କରି ପୂର୍ତ୍ତ ବିଭାଗଠାରୁ ଚୂଡ଼ାନ୍ତ ଫିଟନେସ୍ ସାର୍ଟିଫିକେଟ୍ ହାସଲ କରାଯିବ । ବିଦ୍ୟୁତ ବିଭାଗ ଓ ପୌରପାଳିକା ପକ୍ଷରୁ ରଥ ମାର୍ଗରୁ ଝୁଲନ୍ତା ତାର ଓ ଗଛର ଡାଳ ସଫା କରାଯାଉଛି । ମୌସୁମୀ ବର୍ଷା ଓ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରଥ ମାର୍ଗରେ ଆମ୍ବୁଲାନ୍ସ ସହ ଜରୁରୀକାଳୀନ ସ୍ୱାସ୍ଥ୍ୟ ଶିବିର, ମାଗଣା ଓଆରଏସ୍ ପ୍ୟାକେଟ୍, ପାନୀୟ ଜଳ ଟ୍ୟାଙ୍କର ଓ ଅସ୍ଥାୟୀ ବାୟୋ-ଟଏଲେଟ୍ ର ବ୍ୟବସ୍ଥା କରାଯିବ । ବର୍ଷା ଜନିତ ବିଦ୍ୟୁତ ବିଭ୍ରାଟର ମୁକାବିଲା ପାଇଁ ହାଇ-କାପାସିଟି ଜେନେରେଟର ବ୍ୟବସ୍ଥା କରାଯିବା ସହ ସୋସିଆଲ ମିଡିଆରେ ଗୁଜବ ରୋକିବା ପାଇଁ ଏକ ସରକାରୀ ସୂଚନା କେନ୍ଦ୍ର କାର୍ଯ୍ୟ କରିବ ।ସେହିପରି ପ୍ରକାଶିତ ପାଞ୍ଜି ନିର୍ଘଣ୍ଟ ଅନୁସାରେ, ଜୁଲାଇ ୧୪ ତାରିଖ ମଙ୍ଗଳବାର ଦିନ ସକାଳ ୦୯:୨୦ ରୁ ୧୧:୪୪ ମଧ୍ୟରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଓ ନେତ୍ର ଉତ୍ସବ ସମ୍ପନ୍ନ ହେବ । ଜୁଲାଇ ୧୬ ତାରିଖ ଗୁରୁବାର ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ସକାଳ ୦୯:୧୦ ରୁ ୧୧:୦୫ ମଧ୍ୟରେ ରଥ ପ୍ରତିଷ୍ଠା, ଅପରାହ୍ନ ୦୨:୫୬ ରୁ ୦୩:୧୬ ମଧ୍ୟରେ ପହଣ୍ଡିବିଜେ ଏବଂ ଅପରାହ୍ନ ୦୪:୦୩ ରୁ ୦୪:୧୫ ମଧ୍ୟରେ ରଥଟଣା ପ୍ରାରମ୍ଭ ହେବ ।ଜୁଲାଇ ୨୦ ତାରିଖ ସୋମବାର ସନ୍ଧ୍ୟା ୦୬:୨୮ ରୁରାତ୍ରି୦୭:୨୦ ମଧ୍ୟରେ ହେରା ପଞ୍ଚମୀ ନୀତି ଅନୁଷ୍ଠିତ ହେବ।

## ଅନ୍ତରୀକ୍ଷକୁ ଉଡ଼ିଲେ ଭାରତୀୟ ବଂଶୋଦ୍ଭବ ଅନିଲ ମେନନ

ୱାସିଂଟନ: ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ଅନିଲ ମେନନ ମଙ୍ଗଳବାର ତାଙ୍କର ପ୍ରଥମ ଅନ୍ତରୀକ୍ଷ ଯାତ୍ରା ଆରମ୍ଭ କରିଛନ୍ତି। କାଜାଖସ୍ତାନର ବାଇକୋନୁର କସ୍‌ମୋଡ୍ରୋମରୁ ରୁଷର ସୋୟୁଜ୍ ଏମ୍‌ଏସ୍-୨୯ ମହାକାଶଯାନରେ ସେ ଦୁଇ ରୁଷୀୟ ମହାକାଶଚାରୀ ପ୍ୟୋତ୍ର ଡୁବ୍ରୋଭ ଓ ଆନ୍ନା କିକିନାଙ୍କ ସହ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍) ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ପ୍ରାୟ ୮ ମାସ ଧରି ଚାଲିବାକୁ ଥିବା ଏହି ଅଭିଯାନରେ ସେମାନେ ବୈଜ୍ଞାନିକ ଗବେଷଣା ଓ ପ୍ରଯୁକ୍ତି ପରୀକ୍ଷଣ କରିବେ। ଉତ୍‌କ୍ଷେପଣ ପରେ ସୋୟୁଜ୍ ମହାକାଶଯାନ ନିର୍ଦ୍ଧାରିତ ପଥରେ ଆଇଏସ୍‌ଏସ୍ ଅଭିମୁଖେ ଗତି କରିଛି। ଯାତ୍ରାର ପ୍ରାୟ ତିନି ଘଣ୍ଟା ପରେ ଏହା ମହାକାଶ କେନ୍ଦ୍ରରେ ପହଞ୍ଚିବ ବୋଲି ନାସା ପକ୍ଷରୁ କୁହାଯାଇଛି। ସେଠାରେ ପହଞ୍ଚିବା ପରେ ଅନିଲ ମେନନ ଓ ତାଙ୍କ ସହଯାତ୍ରୀମାନେ ଏକ୍ସପେଡିସନ୍-୭୪ ଓ ଏକ୍ସପେଡିସନ୍-୭୫ ଅଭିଯାନର ଅଂଶ ଭାବେ କାର୍ଯ୍ୟ କରିବେ। ଏହି ଅଭିଯାନରେ ମେନନ ମାନବ ଶରୀର ଉପରେ ଦୀର୍ଘ ସମୟ ମହାକାଶରେ ରହିବାର ପ୍ରଭାବ, ମାଧ୍ୟାକର୍ଷଣହୀନ ପରିବେଶରେ ଜୀବବିଜ୍ଞାନ ଓ ଚିକିତ୍ସା ସମ୍ବନ୍ଧୀୟ ଗବେଷଣା ଏବଂ ଭବିଷ୍ୟତର ଦୀର୍ଘ ମହାକାଶ ଯାତ୍ରା ପାଇଁ ଆବଶ୍ୟକ ନୂତନ ପ୍ରଯୁକ୍ତିର ପରୀକ୍ଷଣରେ ଅଂଶ ନେବେ। ଅନିଲ ମେନନ ଜଣେ ଜରୁରିକାଳୀନ ଚିକିତ୍ସକ, ନାସା ମହାକାଶଚାରୀ ଓ ଆମେରିକୀୟ ସ୍ପେସ୍ ଫୋର୍ସର କର୍ଣ୍ଣେଲ। ସେ ପୂର୍ବରୁ ସ୍ପେସ୍‌ଏକ୍ସର ପ୍ରଥମ ଫ୍ଲାଇଟ୍ ସର୍ଜନ୍ ଭାବେ କାମ କରିଥିଲେ ଏବଂ ମାନବ ମହାକାଶ ଉଡ଼ାଣ ସମ୍ବନ୍ଧୀୟ ଚିକିତ୍ସା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ୨୦୨୧ରେ ସେ ନାସାର ମହାକାଶଚାରୀ ଦଳରେ ନିଯୁକ୍ତ ହୋଇଥିଲେ। ବର୍ତ୍ତମାନର ଏହି ମିସନ୍ ତାଙ୍କର ପ୍ରଥମ ମହାକାଶ ଯାତ୍ରା। ତାଙ୍କ ସଫଳତାକୁ ଭାରତୀୟ ବଂଶୋଦ୍ଭବ ସମୁଦାୟ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ଭାବେ ଦେଖାଯାଉଛି।

## କଦଳୀ ଗଛ ପାଇଁ ସେନା ଯବାନ ଓ ବାପାଙ୍କୁ ହତ୍ୟା କଲେ ସମ୍ପର୍କୀୟ

ପାଟନା: ସାମାନ୍ୟ କଦଳୀ ଗଛ ପାଇଁ ବିହାରରେ ଜଣେ ସେନା ଯବାନ ଓ ତାଙ୍କ ବାପାଙ୍କର ଜୀବନ ଚାଲିଯାଇଛି। ସେନା ଯବାନଙ୍କ ନାମ ଜିତେନ୍ଦ୍ର କୁମାର। ତାଙ୍କ ପୋଷ୍ଟିଂ ଦିଲ୍ଲୀରେ। କିନ୍ତୁ ପରିବାର ?ରେ ଜଣେ ସଦସ୍ୟଙ୍କର ଗତ କିଛି ଦିନ ତଳେ ମୃତ୍ୟୁ ହୋଇଥିବାରୁ ସେ ଛୁଟିରେ ଘରକୁ ଆସିଥିଲେ। ତେବେ କଦଳୀ ଗଛ ପାଇଁ ପାଟିତୁଣ୍ଡ ହେବାରୁ ତାଙ୍କର ଜଣେ ସମ୍ପର୍କୀୟ ଭାଇ ଜଗଦୀଶ ରାୟ ତାଙ୍କୁ ଓ ତାଙ୍କ ବାପା ମୁନାରିକ ରାୟଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ରାସ୍ତା ଉପରେ ଏକ କଦଳୀ ଗଛ ଲଗାଯାଇଥିଲା। ଏହା ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ସେନା ଯବାନଙ୍କ ବାପା ରାସ୍ତା ସଫା କରିବା ପାଇଁ କିଛି ଗଛ କାଟିଥିଲେ ଓ ଏଥି ?ରେ ଏହି କଦଳୀ ଗଛ ଥିଲା। ଏହି ଘଟଣାକୁ ନେଇ କୁମାର ଓ ଜଗଦୀଶ ରାୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହି ଘଟଣାର ସମାଧାନ କରିବା ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା ଓ ମାମଲାର ସମାଧାନ କରିଥିଲା। କିନ୍ତୁ ଘଟଣାର ମାତ୍ର କିଛି ଘଣ୍ଟା ପରେ ଜଗଦୀଶ ରାୟ ସେନା ଯବାନ କୁମାର ଓ ତାଙ୍କ ବାପା ମୁନାରିକ ରାୟଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ଯବାନଙ୍କ ବାପାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟପକ୍ଷେ ଜିତେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ସଦର ହସ୍ପିଟାଲ୍ ? ନିଆଯାଇଥିବାବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଅଭିଯୁକ୍ତ ଖସି ପଳାଇବାକୁ ଚେଷ୍ଟା କରୁଥିବାବେଳେ ପୁଲିସ ଅଭିଯୁକ୍ତର ୨ ଗୋଡ଼କୁ ଗୁଳି କରିଦେଇଛି। ସେ ଏବେ ହାଜିପୁର ସଦର ହସ୍ପିଟାଲରେ ଚିକିତ୍ସାଧୀନ ଅଛି।

## ଡିଭାଇଡରରେ ପିଟିହେଲା ବାଇକ୍, ୪ ମୃତ

ହାପୁର : ଉତ୍ତରପ୍ରଦେଶ ହାପୁରରେ ଦିଲ୍ଲୀ-ଲକ୍ଷ୍ନୌ ନ୍ୟାସନାଲ ହାଇୱେରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ବାବୁଗଢ଼ ଥାନା ଅନ୍ତର୍ଗତ ବଛଲୋଟା ଫ୍ଲାଏଓଭର ନିକଟରେ ଏକ ବାଇକ୍ ଅନିୟନ୍ତ୍ରିତ ହୋଇ ଡିଭାଇଡରରେ ପିଟି ହୋଇଥିଲା । ଦୁର୍ଘଟଣାରେ ୩ ପିଲାଙ୍କ ସହିତ ପରିବାରର ୪ ଜଣଙ୍କ ଜୀବନ ଚାଲିଯାଇଛି । ମୃତକଙ୍କ ଭିତରେ ବାପା, ଦୁଇ ଝିଅ ଏବଂ ଗୋଟେ ପୁଅ ରହିଛି । ଗୁରୁତର ଥିବା ମା'ଙ୍କର ଚିକିତ୍ସା ଚାଲିଛି । ସୂଚନା ମୁତାବକ, ଶାହଜହାଁପୁର ଜିଲ୍ଲା ଖୁଦାଗଂଜ ଥାନା ଅଞ୍ଚଳ ହସନପୁର ନିବାସୀ ଅଶୋକ ୪୫ ନୋଏଡାରେ ରାଜମିସ୍ତ୍ରୀ କାମ କରୁଥିଲେ । ସୋମବାର ଦିନ ନିଜ ବାଇକରେ ପତ୍ନୀ, ପୁଅ ଏବଂ ଝିଅ ସହିତ ନୋଏଡା ଯାଉଥିଲେ । ବଛଲୋଟା ଫ୍ଲାଏଓଭର ନିକଟରେ ପହଞ୍ଚିବା ପରେ ବାଇକ୍ ଅନିୟନ୍ତ୍ରିତ ହୋଇ ଡିଭାଇଡରରେ ପିଟି ହୋଇଥିଲା । ଧକ୍କା ହେବା ପରେ ୪ ବର୍ଷୀୟ କୁନି ଝିଅ ରାଧିକାର ଘଟଣାସ୍ଥଳରେ ଜୀବନ ଚାଲିଯାଇଥିଲା । ଅନ୍ୟ ସମସ୍ତେ ଗୁରୁତର ଆହତ ହୋଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ହସପିଟାଲରେ ଭର୍ତ୍ତି କରିଛି । ଚିକିତ୍ସା ସମୟରେ ଅଶୋକ ଜୀବନ ହାରିଥିଲେ । ଏହାପରେ ମା, ପୁଅ ଏବଂ ଝିଅଙ୍କ ଅବସ୍ଥା ଗୁରୁତର ହେବା ପରେ ତାଙ୍କୁ ତୁରନ୍ତ ମେଡିକାଲ କଲେଜ ମେରଟ ରେଫର କରାଯାଇଥିଲା । ଏଠାରେ ଦୁଇ ପିଲାଙ୍କ ମୃତ୍ୟୁ ହୋଇଥିଲା । ଘଟଣାରେ ପରିବାରର ୪ ଜଣଙ୍କ ଜୀବନ ଚାଲିଯାଇଥିଲା । ପରିବାରର କେବଳ ମହିଳାଙ୍କୁ ଛାଡିଦେଲେ ସମସ୍ତେ ଚାଲିଗଲେ । ପୋଲିସ ମୃତକଙ୍କ ପରିବାର ଲୋକଙ୍କୁ ଦୁର୍ଘଟଣା ବିଷୟରେ ଖବର ଦେଇଥିଲା । ପରିବାର ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

## ମାକ୍ରନଙ୍କ ନିଷ୍ପତ୍ତି ନେଇ ରୁଷର ଚିନ୍ତା ବଢ଼ିଲା

ପ୍ୟାରିସ୍: ରୁଷ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ୟୁକ୍ରେନ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଆଶ୍ୱସ୍ତିକର ଖବର ଆସିଛି। ଫ୍ରାନ୍ସ ଘୋଷଣା କରିଛି ଯେ, ୟୁକ୍ରେନକୁ ନିଜର ଉନ୍ନତ କ୍ଷେପଣାସ୍ତ୍ର, ବାୟୁ ପ୍ରତିରକ୍ଷା ଇଣ୍ଟରସେପ୍‌ଟର ଏବଂ ଗ୍ଲାଇଡ୍ ବୋମାର ଘରୋଇ ଉତ୍ପାଦନ ପାଇଁ ଏକ ସରକାରୀ ଲାଇସେନ୍ସ ପ୍ରଦାନ କରିବ। ଏକ ସାମ୍ବାଦିକ ସମ୍ମିଳନୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏହି ଐତିହାସିକ ନିଷ୍ପତ୍ତି ଘୋଷଣା କରିଛନ୍ତି। ପ୍ରଥମ ଥର ପାଇଁ ଫ୍ରାନ୍ସ କୌଣସି ଦେଶକୁ ନିଜର ଅସ୍ତ୍ରଶସ୍ତ୍ର ଉତ୍ପାଦନ କରିବାର ଅଧିକାର ଦେଇଛି। ରାଷ୍ଟ୍ରପତି ମାକ୍ରନ ଏବଂ ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ରୋଡମ୍ୟାପରେ ଅନେକ ଘାତକ ଅସ୍ତ୍ର ପ୍ରଣାଳୀ ଅନ୍ତର୍ଭୁକ୍ତ ରହିଛି। ଏହି ଚୁକ୍ତିନାମାରେ ମୁଖ୍ୟତଃ ସ୍କାଲ୍ପ ଦୂରଗାମୀ କ୍ରୁଜ୍ କ୍ଷେପଣାସ୍ତ୍ର, ଆଷ୍ଟର ବାୟୁ ପ୍ରତିରକ୍ଷା ଇଣ୍ଟରସେପ୍‌ଟର ଏବଂ ଆସମ ପ୍ରିସିସନ୍-ଗାଇଡେଡ୍ ବାୟୁରୁ ଭୂମି ବୋମା ଅନ୍ତର୍ଭୁକ୍ତ ରହିଛି। ଏହି ପଦକ୍ଷେପ ରୁଷ ଉପରେ ୟୁକ୍ରେନର ଆକ୍ରମଣ କରିବାର କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିବ। କାରଣ ଏହି ଅସ୍ତ୍ରଶସ୍ତ୍ର ଯୋଗାଣ ପାଇଁ ୟୁକ୍ରେନକୁ ଆଉ ବିଦେଶୀ ପରିବହନ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ।

# ଲଦାଖ ପାଇଁ ବଡ଼ ଯୋଜନା: ଅନୁଚ୍ଛେଦ ୩୭୧ ଭଳି ସାମ୍ବିଧାନିକ ସୁରକ୍ଷାକୁ ନେଇ ବଢ଼ିଲା ଚର୍ଚ୍ଚା




ଲେହ: କେନ୍ଦ୍ରଶାସିତ ଅଞ୍ଚଳ ଲଦାଖର ଭବିଷ୍ୟତ ବିକାଶ, ସ୍ଥାନୀୟ ଲୋକଙ୍କ ଅଧିକାର ଓ ସାଂସ୍କୃତିକ ପରିଚୟର ସୁରକ୍ଷାକୁ ନେଇ କେନ୍ଦ୍ର ସରକାର ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଏହି ପ୍ରସଙ୍ଗରେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୭୧ ଭଳି ବିଶେଷ ସାମ୍ବିଧାନିକ ସୁରକ୍ଷା ଲଦାଖକୁ ମିଳିବ କି ନାହିଁ, ତାହାକୁ ନେଇ ମଧ୍ୟ ଆଲୋଚନା ବଢ଼ିଛି। ଏହି ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଜମି, ଚାକିରି ଓ ସଂସ୍କୃତିର ସୁରକ୍ଷା ସହ ବିକାଶରେ ସନ୍ତୁଳନ ରକ୍ଷା କରିବାକୁ ଉଦ୍ୟମ କରାଯାଇପାରେ।

୨୦୧୯ ମସିହାରେ ଜମ୍ମୁ-କଶ୍ମୀରର ପୁନର୍ଗଠନ ପରେ ଲଦାଖକୁ ପୃଥକ୍ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ମିଳିଥିଲା। ଏହା ପରଠାରୁ ଲଦାଖର ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନ ସ୍ଥାନୀୟ ସମ୍ପଦ, ଜମି ଓ ନିଯୁକ୍ତିର ସୁରକ୍ଷା ପାଇଁ ସାମ୍ବିଧାନିକ ବ୍ୟବସ୍ଥା ଦାବି କରିଆସୁଛନ୍ତି। ସେମାନଙ୍କ ମତରେ, ଏଭଳି ସୁରକ୍ଷା ନ ଥିଲେ ବାହାର ଲୋକଙ୍କ ପ୍ରଭାବ ବଢ଼ିବା ସହ ସ୍ଥାନୀୟ ପରିଚୟ ଓ ପରିବେଶ ଉପରେ କୁପ୍ରଭାବ ପଡ଼ିପାରେ। ଏହି ପରିପ୍ରେକ୍ଷୀରେ ଅନୁଚ୍ଛେଦ ୩୭୧କୁ ନେଇ ଚର୍ଚ୍ଚା ହେଉଛି। ସମ୍ବିଧାନର ଏହି ବ୍ୟବସ୍ଥା ଅନୁସାରେ ନାଗାଲାଣ୍ଡ, ମିଜୋରାମ, ସିକ୍କିମ, ମହାରାଷ୍ଟ୍ର, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ଓ ଅନ୍ୟ କେତେକ ରାଜ୍ୟକୁ ସେମାନଙ୍କର ଭୌଗୋଳିକ, ସାମାଜିକ ଓ ସାଂସ୍କୃତିକ ପରିସ୍ଥିତି ଅନୁଯାୟୀ ବିଶେଷ ଅଧିକାର ଓ ସୁରକ୍ଷା ଦିଆଯାଇଛି। ଲଦାଖ ପାଇଁ ମଧ୍ୟ ସେହି ଧରଣର ବ୍ୟବସ୍ଥା କରାଗଲେ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ ହୋଇପାରେ ବୋଲି ଆଲୋଚନା ହେଉଛି। ସୂତ୍ର ଅନୁସାରେ, କେନ୍ଦ୍ର ସରକାର ଲଦାଖର ସର୍ବାଙ୍ଗୀଣ ବିକାଶ ପାଇଁ ଦୀର୍ଘମିଆଦୀ ଯୋଜନା ଉପରେ କାମ କରୁଛନ୍ତି। ଏଥିରେ ସଡ଼କ, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଓ ସୀମାନ୍ତ ଅଞ୍ଚଳର ବିକାଶକୁ ପ୍ରାଥମିକତା ଦିଆଯାଇପାରେ। ସେଥି ସହ ସ୍ଥାନୀୟ ଲୋକଙ୍କ ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଆଇନଗତ ବ୍ୟବସ୍ଥା ଉପରେ ମଧ୍ୟ ବିଚାର କରାଯାଉଛି।

ତେବେ ଅନୁଚ୍ଛେଦ ୩୭୧ ଅଧୀନରେ ଲଦାଖକୁ ବିଶେଷ ମାନ୍ୟତା ଦେବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଔପଚାରିକ ଘୋଷଣା କରାଯାଇନାହିଁ। ଏହି ପ୍ରସଙ୍ଗରେ ବିଭିନ୍ନ ସ୍ତରରେ ଆଲୋଚନା ଜାରି ରହିଛି। ସ୍ଥାନୀୟ ସଂଗଠନଗୁଡ଼ିକ ଷଷ୍ଠ ଅନୁସୂଚୀ କିମ୍ବା ଅନ୍ୟ କୌଣସି ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ ଜମି, ଚାକିରି, ଭାଷା ଓ ସଂସ୍କୃତିର ସୁରକ୍ଷା ଦାବି କରୁଛନ୍ତି। ଆଗାମୀ ଦିନରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଉପରେ ଲଦାଖର ପ୍ରଶାସନିକ ଓ ସାମ୍ବିଧାନିକ ଭବିଷ୍ୟତ ନିର୍ଭର କରିବ।

## ଇରାନର କ୍ରୁଜ୍ ମିସାଇଲ୍ ଆଟାକ୍, ଜଣେ ଭାରତୀୟ ନାବିକ ମୃତ

ଆମେରିକା : ସମୁଦ୍ର ମଝିରେ ଇରାନର କ୍ରୁଜ୍ ମିସାଇଲ୍ ଆଟାକ୍ । ଜଳିଗଲା ୨ଟି ବାଣିଜ୍ୟିକ ଜାହାଜ। UAE ତେଲ ଟାଙ୍କର ଉପରେ ଇରାନର ମିସାଇଲ୍ ମାଡ଼େର ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଛି । ଓମାନର ଆଞ୍ଚଳିକ ଜଳସୀମା ଦେଇ ଯାଉଥିବା ସଂଯୁକ୍ତ ଆରବ ଏମିରେଟ୍ସ ର ଦୁଇଟି ପ୍ରମୁଖ ତେଲ ଟାଙ୍କର ଉପରେ ଇରାନ କ୍ରୁଜ୍ ମିସାଇଲ୍ ମାଡ଼ କରିଛି । ଏହି ଭୟଙ୍କର ଆକ୍ରମଣରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିବା ବେଳେ ୮ ଜଣ ଗୁରୁତର ଆହତ ହୋଇଛନ୍ତି । ଟଇର ପ୍ରତିରକ୍ଷା ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, 'ମୋମ୍ବାସା' ଏବଂ 'ଅଲ୍ ବାହିୟା' ନାମକ ଦୁଇଟି ତେଲ ଟାଙ୍କରକୁ ଲକ୍ଷ୍ୟ କରି ଇରାନ ଦୁଇଟି ଶକ୍ତିଶାଳୀ କ୍ରୁଜ୍ ମିସାଇଲ୍ ମାଡ଼ କରିଥିଲା । ଆକ୍ରମଣ ଯୋଗୁଁ ଦୁଇଟି ଯାକ ଜାହାଜରେ ଭୟାବହ ନିଆଁ ଲାଗିଯାଇଥିଲା, ତେବେ କର୍ମଚାରୀମାନଙ୍କ ଆପ୍ରାଣ ଚେଷ୍ଟା ଯୋଗୁଁ ନିଆଁକୁ ଆୟତ୍ତ କରାଯାଇଛି । 'ମୋମ୍ବାସା' ଜାହାଜରେ କାର୍ଯ୍ୟରତ ଜଣେ ଭାରତୀୟ ସେଲରଙ୍କର ଏହି ଆକ୍ରମଣରେ ମୃତ୍ୟୁ ହୋଇଛି । ଆହତଙ୍କ ମଧ୍ୟରେ ୬ ଜଣ ଭାରତୀୟ ଏବଂ ୨ ଜଣ ୟୁକ୍ରେନ ନାଗରିକ ଅଛନ୍ତି ।

## ରୁଷ୍ ସେନା ୨୦୨୨ରୁ ଶହଶହ ୟୁକ୍ରେନୀୟ ଯୁଦ୍ଧବନ୍ଦୀଙ୍କୁ ହତ୍ୟା କରିଛି: କିବ୍



କିବ୍: ୨୦୨୨ ମସିହାରେ ରୁଷ୍-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ରୁଷ୍ ସେନା ଶତାଧିକ ୟୁକ୍ରେନୀୟ ଯୁଦ୍ଧବନ୍ଦୀ (ପିଓଡବ୍ଲ୍ୟୁ)ଙ୍କୁ ହତ୍ୟା କରିଥିବା ୟୁକ୍ରେନ ଅଭିଯୋଗ କରିଛି। ୟୁକ୍ରେନର ପ୍ରସିକ୍ୟୁଟର ଜେନେରାଲଙ୍କ କାର୍ଯ୍ୟାଳୟ କହିଛି ଯେ, ଯୁଦ୍ଧ ସମୟରେ ଆତ୍ମସମର୍ପଣ କରିଥିବା କିମ୍ବା ରୁଷ୍ ସେନା ହାତରେ ବନ୍ଦୀ ହୋଇଥିବା ୟୁକ୍ରେନୀୟ ସୈନିକମାନଙ୍କୁ ବେଆଇନ ଭାବେ ହତ୍ୟା କରାଯାଇଥିବା ଘଟଣାର ତଦନ୍ତ ଚାଲିଛି। ୟୁକ୍ରେନ ଏହାକୁ ଯୁଦ୍ଧ ଅପରାଧ ବୋଲି ବର୍ଣ୍ଣନା କରିଛି। ଅନ୍ୟପକ୍ଷରେ ରୁଷ୍ ଏହି ଅଭିଯୋଗକୁ ଖଣ୍ଡନ କରିଆସୁଛି।

ୟୁକ୍ରେନର ତଦନ୍ତକାରୀ ସଂସ୍ଥାର ସୂଚନା ଅନୁସାରେ, ଫେବ୍ରୁଆରି ୨୦୨୨ରୁ ଏପର୍ଯ୍ୟନ୍ତ ଅତି କମ୍‌ରେ ୨୭୩ ଜଣ ୟୁକ୍ରେନୀୟ ଯୁଦ୍ଧବନ୍ଦୀଙ୍କୁ ହତ୍ୟା କରାଯାଇଥିବାର ପ୍ରମାଣ ମିଳିଛି। ଏହି ଘଟଣାକୁ ନେଇ ୭୫ଟି ଆପରାଧିକ ମାମଲା ରୁଜୁ କରାଯାଇଛି। ତଦନ୍ତରେ ଭିଡିଓ, ଡ୍ରୋନ୍ ଫୁଟେଜ୍, ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରାଯାଉଛି। ତଦନ୍ତକାରୀଙ୍କ କହିବା ଅନୁସାରେ, ଅଧିକାଂଶ ଘଟଣା ୨୦୨୪ ଓ ୨୦୨୫ରେ ଦେଖିବାକୁ ମିଳିଛି। ୟୁକ୍ରେନର ପ୍ରସିକ୍ୟୁଟର ଜେନେରାଲଙ୍କ କାର୍ଯ୍ୟାଳୟର ଯୁଦ୍ଧ ଅପରାଧ ବିଭାଗର ମୁଖ୍ୟ ୟୁରି ବେଲୋଉସୋଭ କହିଛନ୍ତି, ଯୁଦ୍ଧବନ୍ଦୀଙ୍କୁ ହତ୍ୟା କରିବା ଏକ ଆନ୍ତର୍ଜାତିକ ଅପରାଧ। ଜେନେଭା ସମ୍ମିଳନୀ ଅନୁସାରେ ଯୁଦ୍ଧବନ୍ଦୀଙ୍କ ସହ ମାନବିକ ବ୍ୟବହାର କରିବା ବାଧ୍ୟତାମୂଳକ। ୟୁକ୍ରେନ ପକ୍ଷରୁ କୁହାଯାଇଛି ଯେ, ଏହି ସବୁ ଘଟଣାରେ ଜଡ଼ିତ ରୁଷ୍ ସେନା ସଦସ୍ୟ ଓ କମାଣ୍ଡରମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରମାଣ ସଂଗ୍ରହ କରାଯାଉଛି। ୟୁକ୍ରେନ ଏହି ଘଟଣାର ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ପାଇଁ ଆନ୍ତର୍ଜାତିକ ସମୁଦାୟଙ୍କ ସହଯୋଗ ଲୋଡ଼ିଛି। ଅନ୍ୟପକ୍ଷରେ, ରୁଷ୍ ପୂର୍ବରୁ ମଧ୍ୟ ଏଭଳି ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଆସୁଛି। ମସ୍କୋର କହିବା କଥା, ରୁଷ୍ ସେନା ଆନ୍ତର୍ଜାତିକ ମାନବିକ ଆଇନକୁ ସମ୍ମାନ କରୁଛି ଏବଂ ଯୁଦ୍ଧବନ୍ଦୀଙ୍କ ସହ ନିୟମ ଅନୁଯାୟୀ ବ୍ୟବହାର କରୁଛି।

## ବିରୋଧୀ ନେତାଙ୍କ ଅନୁରୋଧ ଅନଶନ ଭାଙ୍ଗନ୍ତୁ ୱାଙ୍ଗଚୁକ




ନୂଆଦିଲ୍ଲୀ: ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ବିରୋଧ କରି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ଦିଲ୍ଲୀର ଜନ୍ତରମନ୍ତରରେ ଚାଲିଥିବା ଆନ୍ଦୋଳନ ମଧ୍ୟରେ ପରିବେଶବିତ୍ ସୋନମ ୱାଙ୍ଗଚୁକଙ୍କ ଅନିର୍ଦ୍ଦିଷ୍ଟକାଳୀନ ଅନଶନ ୧୭ଶ ଦିନରେ ପହଞ୍ଚିଛି। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ କ୍ରମାଗତ ଅବନତି ଘଟୁଥିବାରୁ ବିରୋଧୀ ଦଳର ଅନେକ ନେତା ତାଙ୍କୁ ଅନଶନ ଭାଙ୍ଗିବାକୁ ଅନୁରୋଧ କରିଛନ୍ତି। ଏହାସହ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଜାତୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ ଜୁଲାଇ ୧୬ ସନ୍ଧ୍ୟା ୫ଟାରେ ଜନ୍ତରମନ୍ତରକୁ ଯାଇ ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇବେ ବୋଲି ଘୋଷଣା କରିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ କେଜ୍ରିୱାଲ କହିଛନ୍ତି, ସୋନମ ୱାଙ୍ଗଚୁକ ଦେଶର ଏକ ମୂଲ୍ୟବାନ ସମ୍ପଦ। ତାଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ଖରାପ ହେଉଥିବାରୁ ସେ ଅନଶନ ଭାଙ୍ଗିବା ଉଚିତ। ସଂଗ୍ରାମ ଜାରି ରଖିବା ପାଇଁ ଅନ୍ୟ ଗଣତାନ୍ତ୍ରିକ ଉପାୟ ମଧ୍ୟ ରହିଛି। ସେ କହିଛନ୍ତି, ଆପ୍ ସିଜେପିର ଆନ୍ଦୋଳନ ଓ ଏହାର ଦାବିକୁ ସମର୍ଥନ କରୁଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ପଦତ୍ୟାଗ କରିବା ସହ ଭବିଷ୍ୟତରେ ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ପରୀକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର କରାଯିବା ଆବଶ୍ୟକ। ସୋମବାର ଆପ୍ ନେତ୍ରୀ ତଥା ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ମଧ୍ୟ ୱାଙ୍ଗଚୁକଙ୍କୁ ଭେଟି ସମର୍ଥନ ଜଣାଇଥିଲେ।

ଏହାପୂର୍ବରୁ ଶିବସେନା (ୟୁବିଟି) ନେତା ଉଦ୍ଧବ ଠାକ୍‌ରେ, ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୈତ୍ର, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବଙ୍କ ସମେତ ବିଭିନ୍ନ ବିରୋଧୀ ନେତା ୱାଙ୍ଗଚୁକଙ୍କୁ ଅନଶନ ଶେଷ କରିବାକୁ ଅନୁରୋଧ କରିଥିଲେ। ସେମାନଙ୍କ କହିବା କଥା, ତାଙ୍କ ଜୀବନ ଦେଶ ପାଇଁ ଅତ୍ୟନ୍ତ ମୂଲ୍ୟବାନ। ଆନ୍ଦୋଳନ ଚାଲିବା ଉଚିତ, କିନ୍ତୁ ତାଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଇ ନୁହେଁ।

ଲେଖିକା ଅରୁନ୍ଧତୀ ରାୟ, ଅଭିନେତା ନାସିରୁଦ୍ଦିନ ଶାହ, ରତ୍ନା ପାଠକ ଶାହଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ସମାନ ଆବେଦନ କରିଛନ୍ତି। ୱାଙ୍ଗଚୁକ ୨୮ ଜୁନରୁ ଏହି ଆନ୍ଦୋଳନକୁ ସମର୍ଥନ କରି ଅନିର୍ଦ୍ଦିଷ୍ଟକାଳ ପାଇଁ ଅନଶନରେ ବସିଛନ୍ତି। ସର୍ବଶେଷ ସ୍ୱାସ୍ଥ୍ୟ ବୁଲେଟିନ୍ ଅନୁସାରେ, ତାଙ୍କ ଓଜନ ପ୍ରାୟ ୮.୫ କିଲୋଗ୍ରାମ କମିଯାଇଛି ଏବଂ ରକ୍ତରେ ଶର୍କରା ପରିମାଣ କମିବା ସହ ଶାରୀରିକ ଦୁର୍ବଳତା ବଢ଼ିଛି। ତଥାପି ସେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି।

# ଆମେରିକୀୟ ଘାଟି ଉପରେ ଆକ୍ରମଣ ପରେ ଇରାନ ଦେଲା ସ୍ପଷ୍ଟୀକରଣ



ତେହେରାନ: ଆମେରିକା ଏବଂ ଇରାନ ମୁହାଁମୁହିଁ ସ୍ଥିତିରେ ଅଛନ୍ତି। ଏହି ଉତ୍ତେଜନାପୂର୍ଣ୍ଣ ପରିବେଶ ମଧ୍ୟରେ, ଇରାନର ସବୁଠାରୁ ଶକ୍ତିଶାଳୀ ଏବଂ ଶୃଙ୍ଖଳିତ ସାମରିକ ୟୁନିଟ୍, ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ଜୋର୍ଡାନରେ ଥିବା ଏକ ପ୍ରମୁଖ ଆମେରିକୀୟ ସାମରିକ ଘାଟି ଉପରେ ବଡ଼ ଧରଣର କ୍ଷେପଣାସ୍ତ୍ର ଆକ୍ରମଣ କରିଛି। ଆକ୍ରମଣ ପରେ ଇରାନ ଜୋର୍ଡାନର ଲୋକମାନଙ୍କୁ ଏକ ବିଶେଷ ବାର୍ତ୍ତା ଦେଇଛି। ଇରାନର ସରକାରୀ ସୂଚନା ଅନୁଯାୟୀ, ଏହି ଆକ୍ରମଣ ଏହାର ସ୍ୱତନ୍ତ୍ର ସାମରିକ ଅଭିଯାନ 'ନସ୍ର-୨'ର ଦ୍ୱିତୀୟ ପର୍ଯ୍ୟାୟର ଏକ ଅଂଶ ଥିଲା। ମଙ୍ଗଳବାର ସକାଳେ ଇରାନ ସେନା ଜୋର୍ଡାନ ସୀମା ମଧ୍ୟରେ ଥିବା ଏକ ଆମେରିକୀୟ ବିମାନ ଘାଟି ଏବଂ ସୈନ୍ୟ ମୁତୟନ ସ୍ଥାନଗୁଡ଼ିକୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଦ୍ୱାରା ଟାର୍ଗେଟ କରିଥିଲା। ଆଇଆରଜିସି କହିଛି, ଏହି କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସେମାନେ ଆମେରିକୀୟ ସୈନିକମାନଙ୍କୁ ଜବାବ ଦେଇଛନ୍ତି ଯେଉଁମାନେ ଇରାନ ବିରୋଧୀ କାର୍ଯ୍ୟକଳାପରେ ସାମିଲ ଅଛନ୍ତି। ଜୋର୍ଡାନ ମାଟିରେ କରାଯାଇଥିବା ଏହି ଆକ୍ରମଣକୁ ଇରାନ ଏକ ପ୍ରତିଶୋଧ ଏବଂ ନିଜର ଅଧିକାର ବୋଲି କହିଛି। ଆଇଆରଜିସି ଦାବି କରିଛି, ଜୋର୍ଡାନରେ ଥିବା ଆମେରିକୀୟ ସାମରିକ ଘାଟିକୁ ଇରାନ ଉପରେ ଆକ୍ରମଣ କରିବା ପାଇଁ ବ୍ୟବହାର କରାଯାଇଛି। ଇରାନ ଏକ ଅତ୍ୟନ୍ତ ଗମ୍ଭୀର ଅଭିଯୋଗ ଆଣି କହିଛି, ସଂଘର୍ଷର ପ୍ରାରମ୍ଭିକ ଦିନରେ, ଆମେରିକା ଏହି ଘାଟିରୁ ଉଡ଼ାଣ କରିଥିଲା ଏବଂ ଇରାନର ମିନାବ ସହରରେ ୧୮୬ ଜଣ ନିର୍ଦ୍ଦୋଷ ସ୍କୁଲ ପିଲା ଏବଂ ସେମାନଙ୍କର ଶିକ୍ଷକଙ୍କୁ ନିର୍ମମ ଭାବରେ ହତ୍ୟା କରିଥିଲା। ଇରାନ ଅନୁଯାୟୀ, ଆମେରିକା ଘାଟି ଉପରେ ଏହି ଆକ୍ରମଣ ସେହି ନିର୍ଦ୍ଦୋଷ ପିଲାମାନଙ୍କ ମୃତ୍ୟୁର ପ୍ରତିଶୋଧ।

ଆକ୍ରମଣ ପରେ ତୁରନ୍ତ, ଆଇଆରଜିସି ଜୋର୍ଡାନର ନାଗରିକଙ୍କ ଉଦ୍ଦେଶ୍ୟରେ ଏକ ବିବୃତି ଜାରି କରିଥିଲା। ଏଥିରେ ସ୍ପଷ୍ଟ ଭାବରେ କୁହାଯାଇଥିଲା ଯେ ଇରାନର ଜୋର୍ଡାନ କିମ୍ବା ଏହାର ଲୋକଙ୍କ ସହିତ କୌଣସି ବ୍ୟକ୍ତିଗତ ବିବାଦ କିମ୍ବା ଶତ୍ରୁତା ନାହିଁ। ଆମେ ଜୋର୍ଡାନର ଲୋକଙ୍କୁ ସମ୍ମାନ କରୁ। ଆମର ଲଢ଼େଇ କେବଳ ସେହି ବିଦେଶୀ ଶକ୍ତି ବିରୋଧରେ ଯେଉଁମାନେ ଏହି ଅଞ୍ଚଳର ଶାନ୍ତିକୁ ବିପର୍ଯ୍ୟସ୍ତ କରୁଛନ୍ତି। ଇରାନ ଜୋର୍ଡାନର ଲୋକମାନଙ୍କୁ ନିବେଦନ କରିଛି ଯେ ସେମାନେ ନିଜ ଦେଶର ମାଟିରୁ ଆମେରିକାର ସାମରିକ ଘାଟିଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ହଟାଇବା ପାଇଁ ନିଜ ସରକାରଙ୍କ ଉପରେ ଚାପ ପକାନ୍ତୁ। ଆଇଆରଜିସି କହିଛି, ଜୋର୍ଡାନ ଲୋକମାନେ ପାଲେଷ୍ଟାଇନୀମାନଙ୍କ ଦୁଃଖ ଏବଂ ଗାଜାରେ ହେଉଥିବା ଅତ୍ୟାଚାରକୁ ସମ୍ପୂର୍ଣ୍ଣ ଭାବରେ ବୁଝନ୍ତି, ଯେଉଁଠାରେ ହଜାର ହଜାର ନିର୍ଦ୍ଦୋଷ ଜୀବନ ଯାଉଛି। ଇରାନ ଯୁକ୍ତି ରଖିଛି, ଯଦି ଏହି ଅଞ୍ଚଳରୁ ଆମେରିକାର ସାମରିକ ଘାଟି ହଟାଯାଏ, ତେବେ ଏହା କେବଳ ପାଲେଷ୍ଟାଇନ ଲୋକଙ୍କୁ ସାହାଯ୍ୟ କରିବ ନାହିଁ ବରଂ ମଧ୍ୟପ୍ରାଚ୍ୟରେ ସୁରକ୍ଷା, ମର୍ଯ୍ୟାଦା ଏବଂ ପ୍ରଗତି ପାଇଁ ଏକ ନୂତନ ଯୁଗର ଆରମ୍ଭ କରିବ।

# ଇଂଲଣ୍ଡ ବିପକ୍ଷରେ ଭାରତ ୬ ୱିକେଟ୍‌ରେ ବିଜୟୀ





ବର୍ମିହାମ୍(ମହାଭାରତ): ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ପ୍ରଥମ ମ୍ୟାଚରେ ଟିମ୍ ଇଣ୍ଡିଆର ୬ ୱିକେଟ୍‌ରେ ବିଜୟ ହୋଇଛି। ବର୍ମିଂହାମ୍‌ର ଏଜବାଷ୍ଟନ୍‌ରେ ଭାରତ ୨୫୯ ରନ୍‌ର ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ୪୫.୨ ଓଭରରେ ୪ଟି ୱିକେଟ ହରାଇ ୨୬୨ ରନ୍ ସଂଗ୍ରହ କରିଛି। ଭାରତ ପାଇଁ ଅଧିନାୟକ ଶୁଭମନ ଗିଲ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୭୫ଟି ବଲ୍ ଖେଳି ୧୧ଟି ଚୌକା ଏବଂ ଗୋଟିଏ ଛକା ବଳରେ ୮୦ ରନ୍ ସଂଗ୍ରହ କରିଥିଲେ। ଅକ୍ଷର ପଟେଲ ଅପରାଜିତ ଅର୍ଦ୍ଧଶତକ (୫୭ ରନ୍) ହାସଲ କରିଥିବା ବେଳେ ୱାସିଂଟନ ସୁନ୍ଦର ଅପରାଜିତ ଅର୍ଦ୍ଧଶତକ (୫୨ ରନ୍) ଏବଂ ଶ୍ରେୟସ ଆୟର ୩୫ ରନ୍ ସଂଗ୍ରହ କରିଥିଲେ। ତେବେ ଦିନିକିଆ ଦଳକୁ ଫେରିଥିବା ରୋହିତ ଶର୍ମା ୧୧ ଓ କୋହିଲ ୫ ରନ୍ କରି ଆଉଟ୍ ହୋଇ ସମସ୍ତଙ୍କୁ ନିରାଶ କରିଥିଲେ। କେ ଏଲ୍ ରାହୁଲ ମଧ୍ୟ ବିଶେଷ କିଛି କରିପାରିନଥିଲେ। ଇଂଲଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ଭଲ ଥିଲା। ଦଳ ୧୨.୨ ଓଭରରେ ପ୍ରଥମ ୱିକେଟ ହାସଲ କରିଥିଲା। କିନ୍ତୁ ୨୦ ରନ୍ ଭିତରେ ଟିମ୍ ଆଗଧାଡିର ୫ଜଣ ଖେଳାଳିଙ୍କୁ ହରାଇଥିଲା। ଦଳୀୟ ସ୍କୋର ୬୩ ରନ୍‌ରେ ବେନ୍ ଡକେଟ୍, ୬୪ ରନ୍‌ରେ ହେରି ବ୍ରୁକ୍, ଜୋସ ବଟଲର ଏବଂ ସାମ୍ କୁରାନ ଆଉଟ୍ ହୋଇଥିଲେ। ୧୦୭ ରନ୍‌ରେ ୱିଲ୍ ଜ୍ୟାକ୍, ୨୨୮ ରନ୍‌ରେ ଲିଆମ ଆର୍ଚ୍ଚର, ୨୫୮ ରନ୍‌ରେ ଆଦିଲ ରସିଦ ଏବଂ ଜୋସ୍ ଟଙ୍ଗ୍ ଆଉଟ୍ ହୋଇଥିଲେ।

ଇଂଲଣ୍ଡ ପକ୍ଷରୁ ଏହି ମୁକାବିଲାରେ ସର୍ବାଧିକ ରନ୍ ଜୁଏ ରୁଟ ଅପରାଜିତ ୭୬ ରନ୍ ସଂଗ୍ରହ କରିଥିଲେ। ସେ ୭୬ଟି ବଲ୍ ଖେଳି ୭୬ ରନ୍ କରିଥିଲେ। ଏଥିରେ ୬ଟି ଚେକା ଏବଂ ଗୋଟିଏ ଛକା ସାମିଲ କରିଥିଲେ। ଲିଆମ୍ ୮୩ଟି ବଲ୍ ଖେଳି ୬ଟି ଚେକା ଏବଂ ଗୋଟିଏ ଛକା ବଳରେ ୬୮ ରନ୍ ସଂଗ୍ରହ କରିଥିଲେ। ବେନ୍ ଡକେଟ୍ ୪୫ଟି ବଲ୍ ଖେଳି ୬ଟି ଚେକା ଏବଂ ୨ଟି ଛକା ବଳରେ ୪୩ ରନ୍ ସଂଗ୍ରହ କରିଥିଲେ। ଭାରତ ପାଇଁ ଅକ୍ଷର ପଟେଲ ୪ଟି ୱିକେଟ୍ ଅକ୍ତିଆର କରିଛନ୍ତି। ପ୍ରସିଦ୍ଧ କୃଷ୍ଣ ଏବଂ ଗୁରନୁର ବ୍ରାର୍‌ଙ୍କୁ ୨-୨ ୱିକେଟ୍ ମିଳିଥିଲା ବେଳେ ଜସପ୍ରୀତ ବୁମରା ଏବଂ ଶିବଭ ଦୁବେ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି।

## ଉପକନିଷ୍ଠ ୫ଏସ୍ ଏସୀୟ ହକି ଦଳରେ ଓଡିଶାରୁ ସ୍ୱିଟି, କିରଣ

ଭୁବନେଶ୍ୱର, ୧୪।୭(ମହାଭାରତ): ପ୍ରଥମ ଥର ଆୟୋଜିତ ହେବାକୁ ଥିବା ଉପକନିଷ୍ଠ (୧୮ ବର୍ଷରୁ କମ୍) ବାଳକ ଓ ବାଳିକା ୫ଏସ୍ ହକି ଏସୀୟ ପ୍ରତିଯୋଗିତା ଲାଗି ଭରତୀୟ ଦଳ ମଙ୍ଗଳବାର ଘୋଷିତ ହୋଇଛି। କେବଳ ବାଳିକା ଦଳରେ ଓଡିଶାରୁ ୨ ଜଣ ସ୍ୱିଟି କୁଜୁର ଓ କିରଣ ଏକ୍କା ରହିଛନ୍ତି। ସ୍ୱିଟିଙ୍କୁ ଭାରତୀୟ ଅଧିନାୟିକା ଦାୟିତ୍ୱ ମିଳିଛି। ଏହି ପ୍ରତିଯୋଗିତା ଓମାନ୍‌ର ମସ୍କାଟ୍‌ରେ ଚଳିତ ମାସ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ବାଳକ ବର୍ଗରେରେ ଭାରତ ସହ ଆୟୋଜକ ଓମାନ, ପାକିସ୍ତାନ, ଇରାନ, ଇରାକ, ସାଉଦି ଆରବ ଓ ବାଂଲାଦେଶ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିଭଳି ମହିଳା ବର୍ଗରେ ଭାରତ, ଓମାନ, ପାକିସ୍ତାନ, ଚୀନ, ଉଜବେକିସ୍ତାନ, କାଜଖସ୍ତାନ ଓ ଇରାନ ଟ୍ରଫି ପାଇଁ ଲଢ଼ିବେ।

ଘସକ୍ସବହ : ପ୍ରତିଯୋଗିତାକୁ ଫେରିବେ ନୀରଜ

ବାଳିକା ଦଳ: ଗୋଲି-ଖଲି କୁମାରୀ, ମହକ ପରିହାର, ଡିଫେଣ୍ଡର-ନିଲମ ଟପ୍‌ନୋ, କିରଣ ଏକ୍କା, ମିଡ୍‌ଫିଲ୍ଡର-ଦିୟା, ପୁଷ୍ପା ମାଝି, ଶ୍ରୁତି କୁମାରୀ, ଫରୱାର୍ଡ-ନେସିନ୍ ନାଜ, ସନ୍ଦୀପା କୁମାରୀ, ସ୍ୱିଟି କୁଜୁର (ଅଧିନାୟିକା)।

ବାଳକ ଦଳ: ଗୋଲି- ସୱାନ କୁମାର, ଆୟୁଷ ରଜାକ, ଡିଫେଣ୍ଡର- କରଣ ଗେତମ, ଆଶିଷ ତାନି ପୁର୍ତ୍ତି, ମିଡ୍‌ଫିଲ୍ଡର-ରାହୁଲ ଯାଦବ, ରୋମିତ ପାଲ, ଫରୱାର୍ଡ-କେତନ କୁଶୱା (ଅଧିନାୟକ), ଅର୍ଶଦୀପ ସିଂହ, ପ୍ରହଲାଦ ରାଜଭର, ଶାହରୁଖ ଅଲୀ।

## ଚାମ୍ପିଅନ୍ସ ବଲ୍ ଡ୍ୟାନ୍ସ ନେଇ ପ୍ରଶଂସକ ଉଲ୍ଲସିତ

ଲଣ୍ଡନ୧୪।୭: ୱିମ୍ବଲଡନ୍ ଗ୍ରାଣ୍ଡ ସ୍ଲାମ ଟେନିସ୍ ପ୍ରତିଯୋଗିତା ଶେଷ ହେବା ପରେ ଏହାର ପରମ୍ପରାକୁ ବଜାୟ ରଖି ସୋମବାର ରାତିରେ 'ଚାମ୍ପିଅନ୍ସ ବଲ୍ ଡ୍ୟାନ୍ସ' କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି। ଏଥର ନୂଆ ମହିଳା ବିଜୟିନୀ ଚେକ୍ ରିପବ୍ଲିକ୍‌ର ଲିଣ୍ଡା ନୋସ୍କାଭା ଏବଂ ଦ୍ୱିତୀୟ ଥର ଏଠାରେ ଟ୍ରଫି ଟୋଳି ଧରିଥିବା ଇଟାଲିର ଯାନିକ ସିନ୍ନରଙ୍କ ନୃତ୍ୟ ପ୍ରଶଂସକଙ୍କୁ ଭାରି ପସନ୍ଦ ଲାଗିଛି।

ଏହି ଖବର ପ୍ରକାଶିତ ହେବା ପରେ ପ୍ରଶଂସକମାନେ ଏହାକୁ ଖୁବ ଭାଇରାଲ କରିଛନ୍ତି ବାସ୍ତବରେ ୱିମ୍ବଲଡନ୍‌ର 'ଚାମ୍ପିଅନ୍ ବଲ୍ ଡ୍ୟାନ୍ସ'କୁ ଏକ ମର୍ଯ୍ୟାଦାପୂର୍ଣ୍ଣ ପରମ୍ପରା ଭାବେ ବିବେଚନା କରାଯାଇଥାଏ। ପ୍ରତିଯୋଗିତା ଶେଷରେ ଏହାର ପୁରୁଷ ଓ ମହିଳା ଏକକ ବିଜୟନୀ ଏକାଠି ବଲ୍ ଡ୍ୟାନ୍ସ କରିଥାନ୍ତି। କ୍ରମାଗତ ଦ୍ୱିତୀୟ ବର୍ଷ ସିନ୍ନର ଏହି ଟ୍ରଫି ଜିତିବା ପରେ ନୃତ୍ୟ ସମୟରେ ଅଧିକ ସହଜ ମନେ ହେଉଥିଲେ। ବିଶ୍ୱର ଦଶମ ଖେଳାଳି ଭାବେ ୨୪ ବର୍ଷୀୟ ସିନ୍ନର ୱିମ୍ବଲଡନ୍ ଟ୍ରଫି ବଜାୟ ରଖିଥିଲେ। ଅନ୍ୟପକ୍ଷରେ ୨୧ ବର୍ଷୀୟା ନୋସ୍କାଭା ୨୦୧୧ ମସିହାରେ ପେଟ୍ରା କ୍ୱିଟୋଭାଙ୍କ ପରେ ସର୍ବକନିଷ୍ଠା ଭାବେ ୱିମ୍ବଲଡନ୍ ଟ୍ରଫି ଜିତିଛନ୍ତି।




ଟିଟିରେ ଇତିହାସ ରଚିଲା ଭାରତ

## ଆଇଟିଟିଏଫ୍ ଶୀର୍ଷ ୧୦ରେ ଦେଶର ୩ ଯୋଡି

ନୂଆଦିଲ୍ଲୀ୧୪।୭: ଅନ୍ତର୍ଜାତୀୟ ଟେବୁଲ ଟେନିସ୍‌ରେ ଭାରତ ନୂଆ ଇତିହାସ ରଚିଛି। ମଙ୍ଗଳବାର ପ୍ରକାଶିତଆଇଟିଟିଏଫ୍ ବିଶ୍ୱ ମାନ୍ୟତାର ଶୀର୍ଷ ୧୦ରେ ପ୍ରଥମ ଥର ଲାଗି ଭାରତ ୩ ଯୁଗଳ ଯୋଡି ରହିଛନ୍ତି। ମାନବ ଠକ୍କର ଓ ମନୁଷ ଶାହ ପୁରୁଷ ଯୁଗଳ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।ଭାରତୀୟ ଯୋଡଙ୍କ ଏହା ସର୍ବୋଚ୍ଚ ମାନ୍ୟତା। ମହିଳା ଯୁଗଳରେ ଦିୟା ଚିତାଲେ ଓ ଯଶସ୍ୱିନୀ ଘୋରପାଡ ଦଶମରେ ରହିଛନ୍ତି। ମିଶ୍ରିତ ଯୁଗଳରେ ଦିୟା ଓ ମନୁଷ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି ମାନ୍ୟତା ଭାରତ ପାଇଁ ବଡ ଖୁସି ଆଣିଛି। ଆଗାମୀ ୨୦୨୮ ଲସ୍ ଏଞ୍ଜେଲସ ଅଲିମ୍ପିକ୍ସରେ ଟିଟି ଯୁଗଳ ପ୍ରତିଯୋଗିତା ଥିବାରୁ ଭାରତର ପଦକ ଆଶା ରହିବ।



## ସିଏସ୍‌କେରୁ ବିଦାୟ ନେଲେ ଫ୍ଲେମିଂ

ଚେନ୍ନାଇ,୧୪।୭: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଇତିହାସର ସବୁଠାରୁ ସଫଳ ଏବଂ ଦୀର୍ଘ ଦିନର ଏକ ଭାଗିଦାରୀର ଅନ୍ତ ଘଟିଛି। ଚେନ୍ନାଇ ସୁପର କିଙ୍ଗସ (ସିଏସ୍‌କେ) ର ମୁଖ୍ୟ କୋଚ୍ ଷ୍ଟିଫେନ୍ ଫ୍ଲେମିଙ୍ଗ ୧୮ ବର୍ଷ ପରେ ଦଳରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଫ୍ରାଞ୍ଚାଇଜ ପକ୍ଷରୁ ଏକ ବିବୃତ୍ତି ଜାରି କରି ଏହି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଚେନ୍ନାଇ ସୁପର କିଙ୍ଗସ ଶେଷ ଥର ପାଇଁ ୨୦୨୩ ମସିହାରେ ଆଇପିଏଲ୍ ଟ୍ରଫି ଜିତିଥିଲା। କିନ୍ତୁ ଏହା ପରେ ୨୦୨୪, ୨୦୨୫ ଏବଂ ୨୦୨୬ ସିଜନରେ ଦଳ ପ୍ଲେ-ଅଫ୍ ପାଇଁ କ୍ୱାଲିଫାଏ କରିବାରେ ବିଫଳ ହୋଇଥିଲା। ଏହି ଲଗାତାର ଖରାପ ପ୍ରଦର୍ଶନ କାରଣରୁ ଗତ କିଛି ଦିନ ହେବ ଫ୍ଲେମିଙ୍ଗଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠୁଥିଲା। ଶେଷରେ ସିଏସକେ ମ୍ୟାନେଜମେଣ୍ଟ ଓ ଫ୍ଲେମିଙ୍ଗଙ୍କ ମଧ୍ୟରେ ହୋଇଥିବା ଆଲୋଚନା ପରେ ଏହି ସହମତି ପ୍ରକାଶ ପାଇଛି।

ନ୍ୟୁଜିଲାଣ୍ଡର ପୂର୍ବତନ ଅଧିନାୟକ ଷ୍ଟିଫେନ୍ ଫ୍ଲେମିଙ୍ଗ ୨୦୦୮ ଆଇପିଏଲ୍ ପ୍ରଥମ ସିଜନରେ ଜଣେ ଖେଳାଳି ଭାବେ ଚେନ୍ନାଇ ସହିତ ଯୋଡ଼ି ହୋଇଥିଲେ। ଏହା ପରେ ୨୦୦୯ ମସିହାରେ ସେ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ କୋଚିଂ କାଳରେ ସିଏସକେ ୫ ଥର ଆଇପିଏଲ୍ ଟ୍ରଫି ଏବଂ ୨ ଥର ଚାମ୍ପିଅନ୍ସ ଲିଗ୍ ଟି-୨୦ ଟାଇଟଲ୍ ଜିତିବାରେ ସଫଳ ହୋଇଥିଲା। ଦଳ ୧୨ ଥର ପ୍ଲେ-ଅଫ୍ ଏବଂ ୧୦ ଥର ଫାଇନାଲ୍ ଖେଳିବାର ଗୌରବ ଅର୍ଜନ କରିଥିଲା।




ଫ୍ଲେମିଙ୍ଗଙ୍କ ବିଦାୟ ପରେ ସିଏସକେର ମାଲିକ ରୂପା ଗୁରୁନାଥ ଗଭୀର କୃତଜ୍ଞତା ଜଣାଇଛନ୍ତି। ରୂପା ଗୁରୁନାଥ କହିଛନ୍ତି ଯେ, 'ଫ୍ଲେମିଙ୍ଗ୍ ପ୍ରାୟ ଦୁଇ ଦଶନ୍ଧି ଧରି ଆମ କୋଚିଂ ୟୁନିଟ୍‌ର ହୃଦସ୍ପନ୍ଦନ ଥିଲେ। ପଡ଼ିଆରେ ଆମର ସାଥି ଶେଷ ହୋଇଥାଇପାରେ, କିନ୍ତୁ ସେ ସବୁବେଳେ ଆମର ଏକ ଅଂଶ ହୋଇ ରହିବେ।'

ଦଳରୁ ବିଦାୟ ନେବା ସମୟରେ ଫ୍ଲେମିଙ୍ଗ କହିଛନ୍ତି, 'ଖେଳ ଦୁନିଆରେ ୧୮ ବର୍ଷ ଏକ ସମ୍ପୂର୍ଣ୍ଣ ଜୀବନ ସହ ସମାନ। ଚେନ୍ନାଇ ସୁପର କିଙ୍ଗସ ସହ ବିତାଇଥିବା ସମୟ ମୋ କୋଚିଂ କ୍ୟାରିୟରର ସବୁଠାରୁ ବଡ଼ ସୌଭାଗ୍ୟଥିଲା। ଆମେ ଅନେକ ସ୍ମରଣୀୟ ବିଜୟ ହାସଲ କରିଛୁ। ସିଏସକେ ସବୁବେଳେ ମୋ ହୃଦୟର ନିକଟତର ହୋଇ ରହିବ।'

## ରେଫରିଙ୍କ ମୃତ୍ୟୁକୁ ନେଇ ପ୍ରଶ୍ନ

ମାୟାମି, ୧୪।୭: ଫୁଟବଲ ଜଗତରୁ ଏକ ଦୁଃଖଦ ଖବର ଆସିଛି: ଡଚ ରେଫରି ରବ ଡାଏପେରିଙ୍କ ମୃତ ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ତାଙ୍କୁ ପୂର୍ବରୁ ୨୦୨୬ ଫିଫା ବିଶ୍ୱକପ ପାଇଁ ରେଫରି ଦଳରୁ ବାହାର କରାଯାଇଥିଲା। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି, ଯାହା ଅନେକ ପ୍ରଶ୍ନ ଉଠାଇଛି। ରୟାଲ ଡଚ ଫୁଟବଲ ଆସୋସିଏସନ (କେଏନଭିବି) ଏହି ଖବରକୁ ନିଶ୍ଚିତ କରିଛି ଏବଂ ଡାଏପେରିଙ୍କଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛି।

ଡାଏପେରିଙ୍କଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଡଚ ଫୁଟବଲ ଆସୋସିଏସନ ଲେଖିଛି, 'ରବ ଡାଏପେରିଙ୍କଙ୍କ ଦେହାନ୍ତ ଖବର ଆଶ୍ଚର୍ଯ୍ୟଜନକ, ଏବଂ ଆମେ ଏଥିରେ ଦୁଃଖିତ। ଆମେ ଜଣେ ଅତ୍ୟନ୍ତ ମୂଲ୍ୟବାନ ରେଫରିଙ୍କୁ ହରାଇଛୁ – ଜଣେ ଦୟାଳୁ ଏବଂ ଉତ୍ସର୍ଗୀକୃତ ସହକର୍ମୀ।' ଡଚ ରେଫରିଙ୍କ ମୃତ୍ୟୁ ଉପରେ ଶୋକ ପ୍ରକାଶ କରି ଋଓରଇ ଏକ ବିବୃତ୍ତି ମଧ୍ୟ ଜାରି କରିଛି।



ଡଚ ରେଫରିଙ୍କ ଦେହାନ୍ତରେ ଦୁଃଖ ପ୍ରକାଶ କରି ଫିଫା ଲେଖିଛି, 'ସମଗ୍ର ଫୁଟବଲ ଜଗତ ପକ୍ଷରୁ, ଆମେ ତାଙ୍କ ପରିବାର, ବନ୍ଧୁ ଏବଂ ଡଚ ଫୁଟବଲ ଆସୋସିଏସନ ପ୍ରତି ଗଭୀର ସମବେଦନା ଜଣାଉଛୁ। ତାଙ୍କୁ ଶାନ୍ତି ମିଳୁ।'

ରବ ଡାଏପେରିଙ୍କ ୨୦୨୬ ଫିଫା ବିଶ୍ୱକପ ପାଇଁ ଭାର (ଭିଡିଓ ଆସିଷ୍ଟାଣ୍ଟ ରେଫରି) ଦଳର ଅଂଶ ଥିଲେ। ତଥାପି, ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାର କିଛି ସମୟ ପୂର୍ବରୁ, ସେ ଜଣେ ନାବାଳକଙ୍କ ସହ ଜଡିତ 'ଯୌନ ନିର୍ଯାତନା' ଅଭିଯୋଗର ସମ୍ମୁଖୀନ ହୋଇଥିଲେ। ଜଣେ ନାବାଳକଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ତାଙ୍କୁ ଲଣ୍ଡନର ମେଟ୍ରୋପଲିଟାନ ପୋଲିସ ଗିରଫ କରିଥିଲା। ଏହା ପରେ, ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ବାହାର କରିଦିଆଯାଇଥିଲା। ଯଦିଓ ତାଙ୍କ ବିରୁଦ୍ଧରେ ପର୍ଯ୍ୟାପ୍ତ ପ୍ରମାଣ ଅଭାବରୁ ମାମଲା ଶେଷରେ ବନ୍ଦ ହୋଇଯାଇଥିଲା, କିନ୍ତୁ ଅଭିଯୋଗଗୁଡ଼ିକ ତାଙ୍କ କ୍ୟାରିଅରକୁ ପ୍ରଭାବିତ କରିସାରିଥିଲା। ଡାଏପେରିଙ୍କ ଅଭିଯୋଗଗୁଡ଼ିକୁ ମିଥ୍ୟା ବୋଲି ଖାରଜ କରିଥିଲେ। ଦି ଟେଲିଗ୍ରାଫ ସହିତ ଏକ ସାକ୍ଷାତକାରରେ, ସେ କହିଥିଲେ, 'ମୋ ବିରୁଦ୍ଧରେ ଲଗାଯାଇଥିବା ଏହି ମିଥ୍ୟା ଅଭିଯୋଗଗୁଡ଼ିକ ପାଇଁ ମୁଁ ଗଭୀର ଦୁଃଖିତ। ମୁଁ ପୋଲିସ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିଛି ଏବଂ ତୁରନ୍ତ ଫିଫା , ୟୁଇଏଫଏ ଏବଂ କେଏନଭିବି କୁ ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଛି।' ତଥାପି, ଅନେକ ରିପୋର୍ଟ ସୂଚିତ କରିଛି ଯେ ସେ ୨୦୨୬ ଫିଫା ବିଶ୍ୱକପ ପାଇଁ ଭାର୍ ଦଳରେ ସାମିଲ ନହେବା ନେଇ ଗଭୀର ନିରାଶ ଥିଲେ।

## ଯୁବରାଜଙ୍କୁ ସାକ୍ଷାତ କଲେ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ, ୧୪।୭: ବୈଭବ ସୂର୍ଯ୍ୟବଂଶୀଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଆରମ୍ଭ ଭଲ ନଥିଲା; ସେ ସଦ୍ୟ ସମାପ୍ତ ଇଂଲଣ୍ଡ ବିପକ୍ଷରେ ଟି୨୦ ସିରିଜରେ ଡେବ୍ୟୁ କରିଥିଲେ କିନ୍ତୁ ପରେ ତାଙ୍କୁ ବାଦ ଦିଆଯାଇଥିଲା। ସେ ଏବେ ପ୍ରଥମ ଥର ପାଇଁ ଯୁବରାଜ ସିଂହଙ୍କୁ ଭେଟିଛନ୍ତି, ଏହା ୱିମ୍ବଲଡନ ସମୟରେ ହୋଇଥିଲା। ବୈଭବଙ୍କ ସହିତ ଅଭିଷେକ ଶର୍ମା ମଧ୍ୟ ଥିଲେ, ଯାହାଙ୍କୁ ଯୁବରାଜ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଦେଇଛନ୍ତି। ପୂର୍ବତନ ଭାରତୀୟ କ୍ରିକେଟର ଏବେ ବୈଭବଙ୍କୁ ମଧ୍ୟ ତାଲିମ ଦେବାକୁ ଇଚ୍ଛା ପ୍ରକାଶ କରିଛନ୍ତି।

ଭାରତ-ଇଂଲଣ୍ଡ ସିରିଜ ପରେ ବୈଭବ ସୂର୍ଯ୍ୟବଂଶୀ ଏବଂ ଅଭିଷେକ ଶର୍ମା ୱିମ୍ବଲଡନ ଗସ୍ତ କରିଥିଲେ, ଯେଉଁଠାରେ ସେମାନେ ଯୁବରାଜ ସିଂହଙ୍କୁ ଭେଟିଥିଲେ। ୱିମ୍ବଲଡନରେ ଭେଟ ହେବା ପରେ ଯୁବରାଜ କହିଛନ୍ତି'ମୁଁ ପ୍ରଥମ ଥର ପାଇଁ ବୈଭବଙ୍କୁ ଭେଟୁଛି। ପୂର୍ବତନ ଭାରତୀୟ ଅଲରାଉଣ୍ଡର ୧୫ ବର୍ଷୀୟ ବ୍ୟାଟସମ୍ୟାନଙ୍କ ପ୍ରଶଂସା କରିଥିଲେ ଏବଂ ବୈଭବଙ୍କ ଖେଳକୁ ଆହୁରି ସୁଧାରିବା ପାଇଁ କାମ କରିବାରେ ତାଙ୍କର ଆଗ୍ରହ ବିଷୟରେ ଇଙ୍ଗିତ କରିଥିଲେ। JioHotstar ରେ ସାକ୍ଷାତକାର ଦେଇ ଯୁବରାଜ ସିଂହ କହିଛନ୍ତି, 'ମୁଁ ଅଭିଷେକ ଶର୍ମାଙ୍କ ସହିତ ଖୁବ କାମ କରିଛି, ଏବଂ ଏବେ ମୁଁ ବୈଭବ ସୂର୍ଯ୍ୟବଂଶୀଙ୍କ ସହିତ ସମୟ ବିତାଇବାକୁ ଚାହେଁ। ତାଙ୍କ ସମ୍ମୁଖରେ ଏକ ଚମତ୍କାର କ୍ୟାରିୟର ଅଛି। ସେ ତାଙ୍କ ଖେଳ ପ୍ରତି ଗମ୍ଭୀର, ଏବଂ ମୁଁ ବିଶ୍ୱାସ ଯେ ସେ ବହୁତ ଆଗକୁ ଯିବେ।'



ଯୁବରାଜ ଅଭିଷେକଙ୍କୁ 'ଟର୍ମିନେଟର ୪' ଏବଂ ବୈଭବ ସୂର୍ଯ୍ୟବଂଶୀଙ୍କୁ 'ଟର୍ମିନେଟର ୬' ବୋଲି କହିଥିଲେ। ସେ କହିଥିଲେ ଯେ ଉଭୟ କ୍ରିକେଟକୁ ହାଇ ଲେଭଲକୁ ନେଇ ଯାଉଛନ୍ତି ଏବଂ ସେମାନେ ତାଙ୍କ ଅପେକ୍ଷା ଚାରି ଗୁଣ ଭଲ। ଉଲ୍ଲେଖନୀୟ ଯେ, ଯୁବରାଜ ପୂର୍ବରୁ ଅଭିଷେକ ଶର୍ମା ଏବଂ ଶୁବମନ ଗିଲଙ୍କୁ ତାଲିମ ଦେଇଛନ୍ତି। ଟି-୨୦ ବିଶ୍ୱକପ ପୂର୍ବରୁ, ସେ ସଞ୍ଜୁ ସାମସନଙ୍କ ସହିତ କାମ କରିଥିଲେ, ଏବଂ ଏହାର ପ୍ରଭାବ ସାମସନଙ୍କ ପ୍ରଦର୍ଶନରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୋଇଥିଲା; ସେ ପୁନରାଗମନ କରିଥିଲେ ଏବଂ ବିଶ୍ୱକପ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି 'ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ' ପୁରସ୍କାର ଅର୍ଜନ କରିଥିଲେ।

## ୨୦୩୦ ବିଶ୍ୱକପ୍‌ରେ ୬୪ ଦଳ

ମିଆମି, ୧୪।୭: ଫିଫା ଫୁଟ୍‌ବଲ୍ ବିଶ୍ୱକପ୍‌ର ଆକାର ଆହୁରି ବଡ଼ ହେବ। ଚାରି ବର୍ଷ ପରେ ଅର୍ଥାତ୍ ୨୦୩୦ରେ ଖେଳାଯିବାକୁ ଥିବା ବିଶ୍ୱକପ୍‌ର ଶତବାର୍ଷିକୀ ସଂସ୍କରଣରେ ଦଳ ସଂଖ୍ୟା ଏବେକାର ୪୮ରୁ ୬୪କୁ ବିପାରେ। ଏଭଳି ଏକ ପ୍ରସ୍ତାବକୁ ଫିଫା ଗୁରୁତ୍ୱର ସହ ବିଚାରକୁ ନେଇଛି। ରବିବାର ଏଭଳି ସୂଚନା ଦେଇଛନ୍ତି ଫିଫା ସଭାପତି ଜିଆନି ଇନଫାଣ୍ଟିନୋ । ଯଦି ବିଶ୍ୱକପ୍‌ର ଦଳସଂଖ୍ୟା ୬୪କୁ ବିବ, ତାହେଲେ ଏସିଆ ମହାଦେଶରୁ ଭାରତ ପ୍ରଥମ ଥର ବିଶ୍ୱକପ୍ ଖେଳିବାର ସମ୍ଭାବନା ସୃଷ୍ଟି ହେବ। ତେବେ ଏଥିଲାଗି ଭାରତୀୟ ଦଳକୁ ଏସିଆର ଅନ୍ୟୁନ୍ୟ ଶ୍ରେଷ୍ଠ ୮ ଦଳ ମଧ୍ୟରେ ରହି ଯୋଗ୍ୟତା ପର୍ଯ୍ୟାୟର କଠିନ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବାକୁ ପଡିବ। ଏହି ବିଷୟରେ ବିସ୍ତୃତ ସୂଚନା ଦେଇ ଇନ୍‌ଫାଣ୍ଟିନୋ କହିଛନ୍ତି ଯେ ଆମେ ବିଶ୍ୱକପ୍‌କୁ କେବଳ ଦକ୍ଷିଣ ଆମେରିକା କିମ୍ବା ୟୁରୋପ ଭିତରେ ସୀମିତ ରଖିବାକୁ ଚାହୁଁନୁ। ଛୋଟ ଛୋଟ ଦେଶଗୁଡିକୁ ମଧ୍ୟ ଏହି ମହାପର୍ବରେ ସାମିଲ କରିବାକୁ ଅଗ୍ରହୀ ଅଛୁ। ଏଣୁ ୨୦୨୬ ବିଶ୍ୱକପ୍ ଶେଷ ହେବା ପରେ ୬୪ ଦଳ ବିଶିଷ୍ଟ ପରବର୍ତ୍ତୀ ବିଶ୍ୱକପ୍ ପ୍ରସ୍ତାବ ଉପରେ ବିସ୍ତୃତ ଆଲୋଚନା ହେବ। ପ୍ରସ୍ତାବକୁ ମଞ୍ଜୁରି ମିଳିଲେ ୨୦୩୦ ବିଶ୍ୱକପ୍‌ରେ ମୋଟ ୬୪ଟି ଦଳକୁ ୧୬ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ରହିବେ ଏବଂ ଶ୍ରେଷ୍ଠ ଦୁଇଟି ଦଳ ସିଧାସଳଖ ରାଉଣ୍ଡ ଅଫ୍ ୩୨କୁ ଉନ୍ନୀତ ହେବେ। ଏହା ଫଳରେ ତୃତୀୟ ସ୍ଥାନର ଦଳମାନଙ୍କ ଯୋଗ୍ୟତା ନିର୍ଣ୍ଣୟର ଜଟିଳ ପ୍ରକ୍ରିୟା ସହଜରେ ଦୂର ହୋଇଯିବ।

## ଫ୍ରାନ୍ସ ଦଳ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ

ମାଡ୍ରିଡ୍, ୧୪।୭: ନିକଟରେ ଫ୍ରାନ୍ସ ବିଶ୍ୱକପ୍ ଦଳରେ କୌଣସି ଫ୍ରେଞ୍ଚ ଖେଳାଳି ନାହାନ୍ତି ବୋଲି ମନ୍ତବ୍ୟ ଦେଇଥିବା ସ୍ପେନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କନ୍‌ଜରଭେଟିଭ ପପୁଲାର ପାର୍ଟିର ମାରିଆନୋ ରାଜୟଙ୍କୁ ପ୍ରବଳ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିଛି। ମଙ୍ଗଳବାର ସ୍ପେନ ଓ ଫ୍ରାନ୍ସ ମଧ୍ୟରେ ସେମିଫାଇନାଲ ଖେଳାଯିବା ପୂର୍ବରୁ ସେ ଏକ ସ୍ପାନିଶ ଆଉଟ୍‌ଲେଟ୍ ଏଲ ଡିବେଟ୍‌ରେ ଏକ ସ୍ତମ୍ଭରେ ତାଙ୍କ ମତାମତ ଦେଇଥିଲେ।ବିଶ୍ୱକପ୍‌ରେ ସେମାନେ ଖେଳିଥିବା ସମସ୍ତ ମ୍ୟାଚ୍ ଜିତିଛନ୍ତି ଏବଂ ସେମାନେ ଏବେ ଫିଫା ର୍‍ୟାଙ୍କିଙ୍ଗ୍ସ ଶୀର୍ଷରେ ରହିଛନ୍ତି। ସେମାନଙ୍କ ପାଖରେ ଅବିଶ୍ୱସନୀୟ ଶକ୍ତିଶାଳୀ ଦଳ ରହିଛି। କିନ୍ତୁ ଫ୍ରାନ୍ସ ଦଳରେ କୌଣସି ଫ୍ରେଞ୍ଚ ଖେଳାଳି ନାହାନ୍ତି ବୋଲି ରାଜୟ ଗତ ୧୦ ତାରିଖରେ ସ୍ତମ୍ଭରେ ଉଲ୍ଲେଖ କରିଥିଲେ। ଏ ସମ୍ପର୍କରେ ସୋମବାର ଫ୍ରେଞ୍ଚ ବିଦେଶ ମନ୍ତ୍ରୀ ଜିନ-ନୋଏଲ ବାରୋଟ କହିଛନ୍ତି, ଫ୍ରାନ୍ସର କୌଣସି ନିର୍ଦ୍ଦିଷ୍ଟ ଚର୍ମ ରଙ୍ଗ ନାହିଁ। ଏହା ବିରୋଧରେ କରାଯାଇଥିବା ଯେକୌଣସି ଦାବି ମୂର୍ଖାମି, ଜାତିଭେଦବାଦୀ କିମ୍ବା ଉଭୟର ମିଳିତ ଫଳ ହୋଇପାରେ। ଏଥିପୂର୍ବରୁ ଫ୍ରେଞ୍ଚ ଫୁଟବଲ ଫେଡେରେଶନ ସଭାପତି ଫିଲିପେ ଡାଇଲୋ ଏକ୍ସ'ରେ ପୋଷ୍ଟ କରିଥିଲେ, ଫ୍ରାନ୍ସ ଦଳ ସମ୍ପର୍କରେ ମାରିଆନୋ ରାଜୟଙ୍କ ମନ୍ତବ୍ୟରୁ ଜାତି ଭେଦଭାବ ଗନ୍ଧ ବାରି ହୋଇପଡୁଛି। ସ୍ପେନର ପ୍ରଧାନମନ୍ତ୍ରୀ ପେଡ୍‌ରୋ ସାଞ୍ଚେଜ କହିଛନ୍ତି, ଏବେ ବି ଏମିତି ଲୋକ ଅଛନ୍ତି, ଯେଉଁମାନେ ସାଙ୍ଗିଆ, ଜନ୍ମ ସ୍ଥାନ, ଚର୍ମର ରଙ୍ଗ ଆଧାରରେ ଲୋକଙ୍କୁ ମାପନ୍ତି। କିନ୍ତୁ ଅନ୍ୟମାନେ ଦେଶରେ ଆମର ମୂଳ ଓ ଦେଶ ପ୍ରତି ଆମ ଯୋଗଦାନ କରିବାର ଇଚ୍ଛାଶକ୍ତି ଆଧାରରେ ମାପନ୍ତି। ଫ୍ରାନ୍ସ, ଆମେ ତୁମକୁ ସେମିଫାଇନାଲରେ ଦେଖିନେବୁ। ଆଶା କରୁଛି, ଶ୍ରେଷ୍ଠ ଦଳ ବିଜୟୀ ହେବ ଏବଂ ଭେଦଭାବର ଅନ୍ତ ଘଟିବ।

## ଖୋର୍ଦ୍ଧା ପ୍ରିମିୟର ଲିଗ : ଜଟଣୀ ଆନ ଇଣ୍ଡିଆନ ଚମ୍ପିୟାନ

ଖୋର୍ଦ୍ଧା, ୧୪।୭: ଖୋର୍ଦ୍ଧା କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ବିଜେ ବିହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ପ୍ରଥମ ଖୋର୍ଦ୍ଧା ପ୍ରିମିୟର ଲିଗ କ୍ରିକେଟ କାର୍ଣ୍ଣିଭାଲ ର ଫାଇନାଲ ମ୍ୟାଚ ରେ ଜଟଣୀ ଆନ ଇଣ୍ଡିଆନ ଚ୍ୟାଲେଞ୍ଜର୍ସ ଇଗଲ ଇଂଭିନ୍ସିବିଲ ଖୋର୍ଦ୍ଧା କୁ ୭ ରନ ରେ ପରାସ୍ତ କରି ଚମ୍ପିୟାନ ହୋଇଛନ୍ତି । ଜଟଣୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ୫ ୱିକେଟ ହରାଇ ୧୩୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ରଂଜିତ ପାଇକରାୟ ସର୍ବାଧିକ ୬୨ ରନ ଓ ରଶ୍ମୀକାନ୍ତ ଦାସ ୩୬ ରନ କରିଥିଲେ। ଜବାବରେ ଖୋର୍ଦ୍ଧା ଇଗଲ ଦଳ ୧୦ ଓଭର ୫ଟି ୱିକେଟ ହରାଇ ୧୨୮ ରନ ରେ ସୀମିତ ରହିଥିଲେ ।ଇଗଲ ଦଳ ତରଫରୁ ରାକେଶ ପଟ୍ଟନାୟକ ସର୍ବାଧିକ ୮୩ ରନ କରିଥିଲେ। ଶ୍ରେଷ୍ଠ ଖେଳାଳୀ ଭାବେ ରଂଜିତ ପାଇକରାୟ ଙ୍କୁ ଓ ମ୍ୟାନ ଅଫ ଦି ସିରିଜ ଭାବେ ସୁସ୍ମିତ ମହାରଣା ପୁରସ୍କୃତ ହୋଇଥିଲେ ।ମୁଖ୍ୟ ଅତିଥି ଭାବେ ଓଡିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି, ଜାତୀୟ ମହିଳା ଖେଳାଳୀ ମାଧୁରୀ ମେହେତା, ଓସିଏ କୋଷାଧକ୍ଷ ବିକାଶ ପ୍ରଧାନ, ପୂର୍ବତନ ଖୋର୍ଦ୍ଧା ପୌରାଧକ୍ଷ ସଂଯୁକ୍ତା ସାହୁ,୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ଅଜିତ ସାମନ୍ତରାୟ, କାଜଲ ବଳିୟାରସିଂ ପ୍ରମୁଖ ରନର୍ସ ଅପ ହୋଇଥିବା ଇଗଲ ଦଳ କୁ ୪୦୦୦୦ ଟଙ୍କା ଓ ଟ୍ରଫି ଏବଂ ଚମ୍ପିୟାନ ହୋଇଥିବା ଜଟଣୀ ଦଳ କୁ ୬୦୦୦୦ ଟଙ୍କା ଶହ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ ।ପୂର୍ବରୁ ଓଡିଶା ଆନ୍ତଃ ଜିଲ୍ଲା ଟୁର୍ନାମେଣ୍ଟ ରେ ଖୋର୍ଦ୍ଧା ୧୬ ବର୍ଷରୁ କମ କ୍ରିକେଟ ରେ ଉପବିଜେତା ହୋଇଥିବାରୁ ସବୁ ଖେଳାଳୀ ଙ୍କୁ ପୁରସ୍କୃତ କରାଯାଇଥିବାବେଳେ ୫ ଜଣ ମହିଳା କ୍ରିକେଟର ଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଦିବ୍ୟାନ୍ସୀ ପଣ୍ଡା ଓ ସି ଏ ସେଣ୍ଟ୍ରାଲ ଏକାଡେମୀ ରେ ସ୍ଥାନ ପାଇଥିବାରୁ ସମ୍ମାନିତ ହୋଇଥିଲେ ।ଖେଳ କୁ ପ୍ରାତିରଞ୍ଜନ ବିଜୟସିଂ,ଚନ୍ଦ୍ରମୋହନ ବରାଳ ଓ ଅବଦୁଲ ରହିମ ଖାନ ପରିଚାଳନା କରିଥିବାବେଳେ ଅଭିଷେକ ମହାନ୍ତି ସ୍କ ?ରର ଥିଲେ। ଚଣ୍ଡୀପ୍ରସାଦ ଆଚାର୍ଯ୍ୟ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା, କାଜଲ ବଳିୟାରସିଂ, ବ୍ରିଜେଶ ପ୍ରଧାନ, ସୁଧୀର କୁମାର ସାହୁ,ସରୋଜ ପାତ୍ର ପ୍ରମୁଖ ମ୍ୟାଚ ର ସଂଯୋଜନା କରିଥିଲେ।




Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com
Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ